

যা দেবী সর্বভূতেষু...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୩୦ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 30 August 2026

Vol.No. 36 ■ No.227 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ଦସକ୍ଷାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## କିବ୍‌ରେ ରୁଷ୍‌ର ଭୀଷଣ ଆକ୍ରମଣ: ୨୭ ମୃତ: ୫୦ ଘର ନଷ୍ଟ



ନୂଆଦିଲ୍ଲୀ,୨୯/୮ : ରୁଷ୍-ୟୁକ୍ରେନ୍ ଯୁଦ୍ଧ ପୁଣି ଭୀଷଣ ରୂପ ନେଇଛି। ରୁଷ୍ ଗତ ତିନି ଦିନ ହେଲା ୟୁକ୍ରେନ୍ ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛି। ଆକାଶ ମାର୍ଗରୁ ରୁଷ୍‌ରୁ ଆକ୍ରମଣ ଜାରି ରହିଥିବାବେଳେ କିବ୍ ନିକଟସ୍ଥ ୟୁକ୍ରେନର ବୁଚା ଜିଲ୍ଲାରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି, ଡଜନ ଡଜନ ଘର କ୍ଷତିଗ୍ରସ୍ତ ହୋଇଛି ଓ ଏହି ଅଞ୍ଚଳରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି ବୋଲି ୟୁକ୍ରେନୀୟ ଅଧିକାରୀମାନେ ଶନିବାର କହିଛନ୍ତି। ରୁଷ୍‌ର ଘନ ଘନ ଆକ୍ରମଣ ଯୋଗୁ କିବ୍‌ରେ ଦୈନନ୍ଦିନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଆର୍ଥିକ କାର୍ଯ୍ୟକଳାପ ବନ୍ଦ ରହିଛି। ଆଞ୍ଚଳିକ ସାମରିକ ପ୍ରଶାସନର ମୁଖ୍ୟ ଟାଇମୁର ତକାଚେଙ୍କୋ କହିଛନ୍ତି ଯେ, ଆକ୍ରମଣରେ ଅତି କମରେ ୫୦ଟି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି। ନିଆଁ ଅନେକ ଘର ଓ ଏକ ରେଷ୍ଟୁରାଣ୍ଟକୁ ବ୍ୟାପିଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି ଯେ, ମାଇଲା ଗ୍ରାମର ଏକ ଗୋଦାମ ଉପରେ ଆକ୍ରମଣ ପରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ଗୋଦାମ ଘରେ କ'ଣ ଗଚ୍ଛିତ ଥିଲା ତାହା ଜେଲେନସ୍କି ସ୍ପଷ୍ଟ କରିନଥିଲେ; କିନ୍ତୁ କହିଛନ୍ତି ଯେ ଅଧିକାରୀମାନେ ସରକାରୀ ଅବହେଳା ପାଇଁ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଘର କିମ୍ବା ଅନ୍ୟ ଆବାସିକ ଅଞ୍ଚଳ ନିକଟରେ ଗୁଳିଗୋଳା ସଂରକ୍ଷଣ କରାଯାଇପାରିବ ନାହିଁ ବୋଲି ନିୟମ ରହିଛି ବୋଲି ଜେଲେନସ୍କି କହିଛନ୍ତି। କିବ୍‌ରେ ଲଗାତାର ତୃତୀୟ ଦିନ ପାଇଁ ବିମାନ ଆକ୍ରମଣ ହୋଇଛି।

## ଉପକୂଳ ଅବକ୍ଷୟରୁ ସୁରକ୍ଷା ପାଇଁ ହେବ 'ଆରାଇଜ୍' ପ୍ରକଳ୍ପ



ଭୁବନେଶ୍ୱର, ୨୯/୮ (ନି.ପ୍ର): ଓଡ଼ିଶାର ଉପକୂଳ ଅଞ୍ଚଳକୁ ଅବକ୍ଷୟରୁ ସୁରକ୍ଷା, ଜଳବାୟୁ ପରିବର୍ତ୍ତନଜନିତ ବିପଦର ମୁକାବିଲା, ପରିବେଶ ସୁରକ୍ଷା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ସ୍ଥାୟୀ ଆର୍ଥିକ ବିକାଶକୁ ଅଧିକ ସୁଦୃଢ଼ କରିବା ନେଇ ରାଜ୍ୟ ସରକାର 'ଆଡାପ୍ଟିଭ୍ ରିସାଲିଏନ୍ସ ଇନଭେଷ୍ଟମେଣ୍ଟ ଇନ କୋଷ୍ଟାଲ ସିଷ୍ଟମସ ଅନ୍ ଇକୋନୋମିକ୍ସ' (ଆରାଇଜ୍) ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏନେଇ ଯେପରି ଦୀର୍ଘମିଆଦୀ, ବୈଜ୍ଞାନିକ ଓ ସ୍ଥାୟୀ ରଣନୀତି ଗ୍ରହଣ କରାଯିବ ସେନେଇ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଏବଂ ଓଏସ୍‌ଡମାର ମିଳିତ ପ୍ରୟାସରେ ରାଜ୍ୟର ୫୭୩ କିମି ସମୁଦ୍ର ତଟରେଖାକୁ ନେଇ ପ୍ରାଥମିକ ତଦନ୍ତ କରାଯାଇଥିଲା। ସାମୁଦ୍ରିକ ତଟ କ୍ଷୟ ରୋକିବା, ନଦୀ ଶଯ୍ୟାକୁ ଆବର୍ଜନା ଓ ପଟୁମାଟି ମୁକ୍ତ କରିବା, ଉପକୂଳବର୍ତ୍ତୀ ଗ୍ରାମର ଲୋକଙ୍କ ଜୀବନ ଏବଂ ଜୀବିକାର ସୁରକ୍ଷା ସଂକ୍ରାନ୍ତରେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ସହ ଜଳସମ୍ପଦ ବିଭାଗ, ଜଙ୍ଗଲ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନେଇ ପୂର୍ବରୁ ଆଲୋଚନା ମାଧ୍ୟମରେ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା, ଯାହା ଆଧାରରେ ଆଜିର ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁରେ ମଧ୍ୟ ଏଡିବି ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ମିଶି ଉପକୂଳ ସୁରକ୍ଷା ପ୍ରକଳ୍ପ ସଂକ୍ରାନ୍ତରେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ କର୍ଣ୍ଣାଟକରେ ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ଇତିମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହୋଇଛି ।

## ଅଶୁଭ ଶନିବାର : ଦିନକରେ ଏକାଧିକ ହତ୍ୟାକାଣ୍ଡ; ଟଙ୍କା, ପାରିବାରିକ ବିବାଦ ଓ ଶତ୍ରୁତାକୁ ନେଇ ଗଡ଼ିଲା ମୁଣ୍ଡ

ଭୁବନେଶ୍ୱର, ୨୯/୮ (ନି.ପ୍ର): ଅଶୁଭ ଶନିବାର । ଗୋଟିଏ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାମ୍ନାକୁ ଆସିଛି ଏକାଧିକ ହତ୍ୟାକାଣ୍ଡ । କେଉଁଠି ଟଙ୍କାକୁ ନେଇ ଭାଇ ଭାଇର ରକ୍ତର ଶତ୍ରୁ ପାଲଟିଛି ତ ଆଉ କେଉଁଠି ସୁଭଦ୍ରା ଟଙ୍କାକୁ ନେଇ ସ୍ୱାମୀ ନେଇଛି ସ୍ତ୍ରୀଙ୍କ ଜୀବନ । ସେପଟେ ବ୍ୟକ୍ତିଗତ ଶତ୍ରୁତାରୁ ଗୁଳିମାଡ଼ରେ ମାଂସ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଥିବାବେଳେ କେନ୍ଦ୍ରାପଡ଼ାରେ ଯୁବକଙ୍କୁ ହତ୍ୟା ପରେ ହାତଗୋଡ଼ ବାନ୍ଧି ଟାଙ୍ଗିଦେବା ଭଳି ଅଭିଯୋଗ ଆସିଛି । ବାରିପଦା, ଢେଙ୍କାନାଳ, ସମ୍ବଲପୁର ଓ କେନ୍ଦ୍ରାପଡ଼ାର ଏହି ଘଟଣାଗୁଡ଼ିକ ପୁଲିସ ପ୍ରଶାସନର ଚିନ୍ତା ବଢ଼ାଇଥିବାବେଳେ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି । ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ଜ୍ୟୋତିପୁର ଗାଁରେ ଟଙ୍କାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ହତ୍ୟାକାଣ୍ଡର ରୂପ ନେଇଛି । ବାପାଙ୍କ ଟଙ୍କାକୁ ନେଇ ବଡ଼ଭାଇ ରାଜକିଶୋର ମହାନ୍ତ ଓ ସାନଭାଇ ବୀର କିଶୋର ମହାନ୍ତଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହି ସମୟରେ ବଡ଼ଭାଇ ଲୁହା ପାଇପ୍‌ରେ ସାନଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାରେ ବୀର କିଶୋରଙ୍କ ମୃତ୍ୟୁ ହୋଇଥିବାବେଳେ ପୁଲିସ ଅଭିଯୁକ୍ତ ରାଜକିଶୋରଙ୍କୁ ଗିରଫ କରିଛି । ମୃତଦେହ ଜବତ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିପୁର ଜୁଆଙ୍ଗ ସାହିରେ ଘଟିଛି ଚାଞ୍ଚଲ୍ୟକର ହତ୍ୟାକାଣ୍ଡ । ସୁଭଦ୍ରା ଯୋଜନାର ଟଙ୍କାକୁ ନେଇ ମଦ୍ୟପ ସ୍ୱାମୀ ଗିରିଶ ପ୍ରଧାନ ସ୍ତ୍ରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ପରେ ମୃତଦେହକୁ ଘର ପଛପଟ ଲାଟ୍ରିନ୍ ଟାଙ୍କିରେ ପୋତି ଦେଇଥିବା ଅଭିଯୋଗ ରହିଛି । ଖବର ପାଇ ସଦର ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍

◆◆ପୃଷ୍ଠା ୭

## ଓଡ଼ିଶା ପୁଲିସକୁ ମୁଖ୍ୟମନ୍ତ୍ରୀଙ୍କ ୧୦ସୂତ୍ରୀୟ ମାର୍ଗଦର୍ଶନ: 'ସ୍ମାର୍ଟ ପୁଲିସିଂ' ପାଇଁ ଦେଲେ ବ୍ଲୁ-ପ୍ରିଣ୍ଟ, କହିଲେ ନାଗରିକଙ୍କ ପ୍ରତି ନମ୍ର ଓ ସମ୍ବେଦନଶୀଳ ହୁଅ




ଭୁବନେଶ୍ୱର, ୨୯/୮ (ନି.ପ୍ର): ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ପୁଲିସକୁ କହିଛନ୍ତି। ଏହାସହିତ ସାଧାରଣ ନାଗରିକଙ୍କ ପ୍ରତି ପୁଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ସ୍ମାର୍ଟ ପୁଲିସିଂ' ପାଇଁ ୧୦ସୂତ୍ରୀୟ ମାର୍ଗଦର୍ଶନ ଓ ବ୍ଲୁପ୍ରିଣ୍ଟ ଦେଇଛନ୍ତି। ଆଗାମୀ ପାର୍ବଣ ଋତୁ ପୂର୍ବରୁ 'ଦାଦା ବଟି' ଓ 'ଜୋରଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପୁଲିସ ଭବନରେ ଆୟୋଜିତ ଡିଜିପି-ଆଇଜିପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ନିରାପତ୍ତା ଓ ଭବିଷ୍ୟତର ପୁଲିସିଂ ବ୍ୟବସ୍ଥାର ସମୀକ୍ଷା କରି ୧୦ସୂତ୍ରୀୟ ମାର୍ଗଦର୍ଶନ ଦେଇଛନ୍ତି। ଅପରାଧ ବିରୋଧରେ ଜିରୋ ଟଲରେନ୍ସ ନୀତି, ଦଣ୍ଡବିଧାନ ହାରରେ ବୃଦ୍ଧି, ୨୦୨୯ମସିହା ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା', ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍ ନିୟନ୍ତ୍ରଣ, ମାଧ୍ୟମରେ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ, ଥାନା ଆଧୁନିକୀକରଣ, ସାଧାରଣ ନାଗରିକଙ୍କ ପ୍ରତି ନମ୍ର ଓ ସମ୍ବେଦନଶୀଳ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍ ଏବଂ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ତଥା ସମର୍ପିତ ପୁଲିସିଂ।

◆◆ପୃଷ୍ଠା ୭

## ପୁଣି ସୃଷ୍ଟି ହେଲା ଲଘୁଚାପ: ଆସନ୍ତା ୪ ଦିନ ରାଜ୍ୟରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୯/୮ (ନି.ପ୍ର): ସୃଷ୍ଟି ହେଲା ଲଘୁଚାପ। ଆସୁଛି ବଡ଼ ବର୍ଷା। ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉପକୂଳରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର। ଏହା ଆଗାମୀ ୪୮ ଘଣ୍ଟା ଯାଏଁ ପଶ୍ଚିମଉତ୍ତର ପଶ୍ଚିମ ଦିଗରେ ଗତିକରି ଉତ୍ତର ଓଡିଶା-ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଦେଇ ଗତି କରିବ। ଏହାର ପ୍ରଭାବରେ ସାରା ରାଜ୍ୟକୁ ଝଡ଼ବର୍ଷା ଆଲର୍ଟ ଜାରି ହୋଇଛି। ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ଆଜି ଓ ଆସନ୍ତାକାଲି ପାଇଁ ବିଭିନ୍ନ ଜିଲ୍ଲାକୁ ଭୀଷଣ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି। ଆସନ୍ତାକାଲି ପାଇଁ ୩ ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଓ ୮ ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ ସତର୍କତା। ବାକି ୧୯ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଦେଇଛି। ଆସନ୍ତା ୨ ତାରିଖ ଯାଏଁ ଲଘୁଚାପ ପ୍ରଭାବର ଜାରି ରହିବ ବର୍ଷା ପବନ।

## ନବୀନଙ୍କ ଚିଠିର ଜବାବ ଦେଲେ ଧର୍ମେନ୍ଦ୍ର: ତଥ୍ୟକୁ ଗୋପନ ରଖି ମିଛରେ ଭୟ ସୃଷ୍ଟି କରି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ଅନୁଚିତ



ଭୁବନେଶ୍ୱର, ୨୯/୮ (ନି.ପ୍ର): ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ଅଧିନିୟମ, ୨୦୨୬କୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶାର ସାଂସଦମାନଙ୍କୁ ଦେଇଥିବା ଚିଠିର ପ୍ରତ୍ୟୁତ୍ତର ରଖିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତଥ୍ୟକୁ ଗୋପନ ରଖି ଏବଂ ମିଛରେ ଭୟ ସୃଷ୍ଟି କରି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ଗ୍ରହଣୀୟ ନୁହେଁ ବୋଲି ସେ ପତ୍ରରେ ପ୍ରକାଶ କରିଛନ୍ତି। ସାଂସଦ ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗଣତନ୍ତ୍ରରେ ରାଜନୈତିକ ଆଲୋଚନା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ହେଁ, ସଂସଦରେ ଓଡ଼ିଶାର ସ୍ୱର ଭାବରେ ଜାତୀୟ ବିକାଶ ସହ ରାଜ୍ୟର ଅର୍ଥନୀତିର ବ୍ୟାପକତା ଏବଂ ସଂରଚନାଗତ ସ୍ୱାର୍ଥ ରକ୍ଷା କରିବା ଆମର ପ୍ରାଥମିକ ଦାୟିତ୍ୱ । ଏମଏମଡିଆର ସଂଶୋଧନ ଅଧିନିୟମ, ୨୦୨୬ ହେଉଛି ଏକ ଐତିହାସିକ ପଦକ୍ଷେପ ଯାହା ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ବିକାଶ, ରାଜ୍ୟ ରାଜସ୍ୱର ସୁରକ୍ଷା ଏବଂ ନାଗରିକମାନଙ୍କୁ ମୁଦ୍ରାସ୍ଫୀତିରୁ ରକ୍ଷା କରିବ। ଓଡ଼ିଶା ନିଜର ରାଜସ୍ୱ ଅଂଶ ହରାଇବ ବୋଲି ବିରୋଧୀ ଦଳ ନେତାଙ୍କ ଆଶଙ୍କା ସମ୍ପୂର୍ଣ୍ଣ ତଥ୍ୟହୀନ । ନୂତନ ଆଇନ ଅନୁଯାୟୀ, ଖଣି କ୍ଷେତ୍ରରୁ ମିଳୁଥିବା ମୋଟ ରାଜସ୍ୱର ପ୍ରାୟ ୯୦% ସିଧାସଳଖ ରାଜ୍ୟ ରାଜକୋଷକୁ ଯିବ । ଓଡ଼ିଶା ନିଜର ନିଲାମ ପ୍ରିମିୟମର ୧୧୦%, ରୟାଲଟିର ୧୫% ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠିର ସମସ୍ତ ଅଂଶ ପୂର୍ବପରି ପାଇବ । ୨୦୧୪ ପୂର୍ବରୁ ମନମୁଖୀ ଭାବରେ ଅସ୍ୱଚ୍ଛ ଉପାୟରେ ନିଜ ପସନ୍ଦର ପରିବାର ଓ ସଂସ୍ଥାମାନଙ୍କୁ ଖଣି ବଣ୍ଟନ କରାଯାଉଥିଲା।

◆◆ପୃଷ୍ଠା ୭

## ଅଗଷ୍ଟ ୩୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୨୯/୮ (ନି.ପ୍ର): ଆସନ୍ତା ସୋମବାର ଅଗଷ୍ଟ ୩୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ତା. ୩୧.୦୮.୨୦୨୬ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

## ସୁପ୍ରିମକୋର୍ଟରେ ଇଥାନଲ୍ ମିଶ୍ରଣ ପ୍ରସଙ୍ଗର ଶୁଣାଣି ସୋମବାର




ନୂଆଦିଲ୍ଲୀ,୨୯/୮ : ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ସୁପ୍ରିମକୋର୍ଟ ଆସନ୍ତା ୩୧ ତାରିଖ (ସୋମବାର) କରିବେ। ଦେଶରେ ପେଟ୍ରୋଲ ପମ୍ପଗୁଡ଼ିକର ନୋଜଲ୍ ଏବଂ ପେଟ୍ରୋଲ ବିଲ୍‌ରେ ଇଥାନଲ୍‌ର ସଠିକ୍ ମାତ୍ରା ଉଲ୍ଲେଖ ନେଇ ଜନସ୍ୱାର୍ଥ ମାମଲାରେ ଆବେଦନ କରାଯାଇଛି। ଏହି ମାମଲାର ଶୁଣାଣି ସୁପ୍ରିମକୋର୍ଟର ବିଚାରପତି ଏମ୍‌ଏମ୍ ସୁନ୍ଦରେଶ ଓ ବିଚାରପତି ପ୍ରସନ୍ନା ବି ବରାଲେ କରିବେ। ପେଟ୍ରୋଲ ପମ୍ପରେ ଗାଡ଼ିରେ ତେଲ ପକାଇବା ପାଇଁ ଉପଯୋଗ କରାଯାଉଥିବା ପ୍ରତ୍ୟେକ ନୋଜଲ୍‌ରେ ଇଥାନଲ୍‌ର ପ୍ରତିଶତ ସ୍ପଷ୍ଟ ଭାବେ ଉଲ୍ଲେଖ କରିବା ପାଇଁ ପ୍ରାର୍ଥନା କରାଯାଇଛି। ଏଥିସହିତ ପେଟ୍ରୋଲ କ୍ରୟ ସମୟରେ ଗ୍ରାହକଙ୍କୁ ମିଳୁଥିବା ରସିଦରେ ଏହା ନିଶ୍ଚିତ ଭାବେ ଉଲ୍ଲେଖ ରହିବା ଆବଶ୍ୟକ ଯେ ସେଥିରେ କେତେ ପ୍ରତିଶତ ଇଥାନଲ୍ ମିଶିଛି। ଗାଡ଼ିଗୁଡ଼ିକ ଇ୨୦ କିମ୍ବା ଅନ୍ୟ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବ୍ୟବହାର ପାଇଁ ଅନୁକୂଳ କି ନୁହେଁ ତାହା ଜାଣିବା ନିମନ୍ତେ ସରକାର ଏକ ଅନଲାଇନ୍ ଡାଟାବେସ୍

◆◆ପୃଷ୍ଠା ୭

## ଆରକ୍ଷଣକୁ ନେଇ ଏନଡିଏରେ ବିବାଦ: ଜିତନରାମ୍ ମାଞ୍ଝୀଙ୍କ ଇସ୍ତଫା ମାଗିଲେ ଚିରାଗ



ନୂଆଦିଲ୍ଲୀ,୨୯/୮ : ଆରକ୍ଷଣକୁ ନେଇ ବଢୁଥିବା ବିତର୍କ ମଧ୍ୟରେ ଏବେ ଏନ୍‌ଡିଏ ଭିତରେ ହିଁ ମତଭେଦ ଦେଖାଦେଇଛି। ଦଳିତ ଆରକ୍ଷଣରେ 'କ୍ରିମି ଲେୟର' ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାଞ୍ଝୀଙ୍କ ବୟାନରେ କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ ପାଲଟା ଜବାବ ଦେଇଛନ୍ତି। ଏପରିକି କେନ୍ଦ୍ରରେ ମନ୍ତ୍ରୀ ଥିବା ମାଞ୍ଝୀ ଏବଂ ବିହାର ସରକାରରେ ମନ୍ତ୍ରୀ ଥିବା ତାଙ୍କ ପୁଅ ସନ୍ତୋଷ ସୁମନଙ୍କ ଇସ୍ତଫା ଦାବି କରିଛନ୍ତି ଚିରାଗ। ଚିରାଗ କହିଛନ୍ତି, ଯେତେବେଳେ ଦଳିତ ଓ ମହାଦଳିତଙ୍କ ମଧ୍ୟରେ ବିଭାଜନ କରିବାକୁ ଚେଷ୍ଟା ହୋଇଥିଲା, ସେତେବେଳେ ମଧ୍ୟ ସେ ଏହା ବିରୋଧରେ ସ୍ୱର ଉଠାଇଥିଲେ। ଚିରାଗ ପାସୱାନ କହିଛନ୍ତି, "ମୁଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଲୋକଙ୍କୁ ଆରକ୍ଷଣ ଦେବା କଥା କହୁଛି। ଲୋକେ ପଚାରୁଛନ୍ତି, ଏଥିରେ 'କ୍ରିମି ଲେୟର' ବ୍ୟବସ୍ଥା କାହିଁକି ନାହିଁ? ଠିକ୍ ଅଛି, ତାହେଲେ ସେମାନେ ଏହାକୁ ଛାଡ଼ି ଦିଅନ୍ତୁ ଏବଂ ଆରକ୍ଷଣର ଲାଭ ନେବା ବନ୍ଦ କରନ୍ତୁ। ଯଦି ଜିତନ ରାମ ମାଞ୍ଝୀଙ୍କୁ ଲାଗୁଛି ଯେ ଏହି ବ୍ୟବସ୍ଥା ଲାଗୁ ହେବା ଉଚିତ, ତାହେଲେ ପ୍ରଥମେ ସେ ଇସ୍ତଫା ଦେବା ଉଚିତ ନୁହେଁ କି? ତାଙ୍କୁ 'କ୍ରିମି ଲେୟର'ର ଧାରଣା ଆଣିବା ଉଚିତ। ଶେଷରେ ସେ ମଧ୍ୟ ତ ସେହି ବର୍ଗରେ ଆସୁଛନ୍ତି, ଠିକ୍ ନା? ତାଙ୍କୁ ଇସ୍ତଫା ଦେବା ଉଚିତ ଏବଂ ତାଙ୍କ ପୁଅ, ଯିଏ ଏଠାରେ ଉପସ୍ଥିତ ଅଛନ୍ତି, ତାଙ୍କୁ ମଧ୍ୟ ଇସ୍ତଫା ଦେବା ଉଚିତ।" ବିହାର ସରକାରରେ ମନ୍ତ୍ରୀ ତଥା ହିନ୍ଦୁସ୍ତାନୀ ଅୱାମ ମୋର୍ଚ୍ଚା ନେତା ସନ୍ତୋଷ

◆◆ପୃଷ୍ଠା ୭

# ବାସୁଦେବପୁର କଂଗ୍ରେସ କମିଟି ପକ୍ଷରୁ ବ୍ଲକ୍ ଘେରାଉ ଓ ଦାବିପତ୍ର ପ୍ରଦାନ



ବାସୁଦେବପୁର,୨୯/୦୮ (ନି.ପ୍ର): ବାସୁଦେବପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ବ୍ଲକ୍ ଘେରାଉ କରାଯିବା ସହିତ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବାସୁଦେବପୁର ଅଞ୍ଚଳରେ ବନ୍ୟା ବିପର୍ଯ୍ୟସ୍ତ ମୁକାବିଲା କରିବାରେ ରାଜ୍ୟ ସରକାରଙ୍କ ଅପାରଗତା ଓ କୃଷି ଋଣ ଛାଡ଼, ବିହନ ଓ ସାର ମାଗଣାରେ ଦିଆଯିବା, ଚାଷୀଙ୍କୁ ହେକ୍ଟର ପିଛା ୩୦ ହଜାର ଟଙ୍କାର ସହାୟତା ଘୋଷଣା, ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦିଆଯିବା, ରାସନ କାର୍ଡ ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯିବା, କେନାଲ ଓ ନଦୀ ବନ୍ଧର ତୁରନ୍ତ ମରାମତି ଦାବିରେ ଏହି ବ୍ଲକ୍ ଘେରାଉ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ବିଧାୟକ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ବ୍ଲକ୍ ସଭାପତି ରମେଶ ଚନ୍ଦ୍ର ବଳ, ନଗର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ଯୁବ ନେତା ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ସିଦ୍ଧାନ୍ତ ଦାସ, ସୁଶାନ୍ତ ମହାକୁଡ଼,ମଞ୍ଜୁଲତା ପଣ୍ଡା, ବସନ୍ତ ଭଞ୍ଜ, ମାନସ ନାୟକ, ଗୌରାଙ୍ଗ ଚନ୍ଦ୍ର ପଣ୍ଡା,ମନୋରଞ୍ଜନ ପାଢ଼ୀ, ସର୍ବେଶ୍ୱର ଜେନା, ପ୍ରଭାତ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ କଂଗ୍ରେସ ଜିନ୍ଦାବାଦ୍ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇ ଥିଲା।

# ବାରିପଦାରେ ଜିଲ୍ଲାସ୍ତରୀୟ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ

ବାରିପଦା,୨୯/୦୮ (ନି.ପ୍ର): ପବିତ୍ର ରକ୍ଷାବନ୍ଧନ ଅବସରରେ ଓଡ଼ିଶା ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ପାଇଁ ଆଜି ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ ଉପକୃତ ହେବେ । ସମାରୋହରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯୋଜନାରୁ ପ୍ରାପ୍ତ ଆର୍ଥିକ ସହାୟତାକୁ ଉତ୍ପାଦନମୂଳକ ଓ ଜୀବିକାଭିତ୍ତିକ କାର୍ଯ୍ୟରେ ବିନିଯୋଗ କରି ନିଜ ଆୟ ବୃଦ୍ଧି କରିବା ସହ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ସେ ମହିଳା ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲାର ଯୋଗ୍ୟ ମହିଳାମାନେ ଯେପରି ଯୋଜନାର ସୁଫଳରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜିଲ୍ଲାବାସୀଙ୍କୁ ରକ୍ଷାବନ୍ଧନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ, ରକ୍ଷାବନ୍ଧନ ପବିତ୍ର ସମ୍ପର୍କ ଓ ଭାଇଚାରାର ପ୍ରତୀକ । ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ଜୀବନଯାପନ ସୁନିଶ୍ଚିତ କରିବା ଦିଗରେ 'ସୁଭଦ୍ରା' ଯୋଜନା ଏକ ଐତିହାସିକ ପଦକ୍ଷେପ । ବର୍ଷକୁ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କା ସିଧାସଳଖ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଥିବାରୁ ଏହା ମା'ମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ରାଜ୍ୟର ଗ୍ରାମୀଣ ଓ ସହରାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାସ୍କର ମଢେଇ ଯୋଗଦେଇ ଅଭିଭାଷଣ ରଖିଥିଲେ । ସେ 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଓ ସ୍ୱାବଲମ୍ବନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିବା ସହ ଯୋଜନାରୁ ପ୍ରାପ୍ତ ଅର୍ଥକୁ ଉପଯୁକ୍ତ ତଥା ଉତ୍ପାଦନକ୍ଷମ କାର୍ଯ୍ୟରେ ବିନିଯୋଗ କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଜୁଳି ଏବଂ ପୂର୍ବତନ ବିଧାୟକ ଶ୍ରୀ କାନ୍ଦ୍ରା ସୋରେନଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ସମାରୋହରେ 'ସୁଭଦ୍ରା' ଯୋଜନାର ତିନି ଜଣ ହିତାଧିକାରୀ ନିଜ ନିଜର ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ । ଯୋଜନାରୁ ପ୍ରାପ୍ତ ଆର୍ଥିକ ସହାୟତା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଜୀବିକାର୍ଜନ ଓ ଆର୍ଥିକ ସ୍ୱାବଲମ୍ବନ ଦିଗରେ କିପରି ସହାୟକ ହୋଇଛି, ସେ ସମ୍ପର୍କରେ ସେମାନେ ନିଜ ଅନୁଭୂତି ବାଣ୍ଟିଥିଲେ । ଏଥିରେ ବହୁ ସଂଖ୍ୟାରେ ମହିଳା ହିତାଧିକାରୀ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ବଜ୍ରପାତରେ ଚାଷୀ ମୃତ

ଖଇରା,୨୯/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ସୁଙ୍ଗୁଡା ଗ୍ରାମର ଚାଷୀ ସୁଦର୍ଶନ ଶଙ୍ଖୁଆ(୩୫) ବଜ୍ରାଘାତରେ ଜିବନ ହାରିଛନ୍ତି । ଶୁକ୍ରବାର ଅପରାହ୍ନରେ ସେ ନିଜ ଜମିରେ ଧାନ ତଳି ପୋତୁଥିବା ବେଳେ ବଜ୍ରପାତ ପ୍ରଭାବରୁ ସେ ଗୁରୁତର ହୋଇ ପଡିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଉକ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ବିଜେଡିର ନବ ନିଯୁକ୍ତ ବ୍ଲକ ଉପସଭାପତି ପ୍ରହଲ୍ଲାଦ ପତି ସରକାରଙ୍କ ନିକଟରେ ଦାବି କରିଛନ୍ତି ।

# 'ଏ ରାକ୍ଷୀ ରହିଲା ସାକ୍ଷୀ ଆମର' ମ୍ୟୁଜିକ ଭିଡ଼ିଓ ମୁକ୍ତିଲାଭ
## ଭିନ୍ନକ୍ଷମ ପିଲାମାନଙ୍କୁ ନାୟିକା ସ୍ମୃତିରେଖା ବାନ୍ଧିଲେ ରାକ୍ଷୀ




ବାଲେଶ୍ୱର,୨୯/୦୮ (ନି.ପ୍ର): ଆମ ଓଡ଼ିଆ ସଂସ୍କୃତିର ପ୍ରତ୍ୟେକ ପର୍ବପର୍ବାଣୀରେ ନିର୍ଦ୍ଦେଶକ ବାବୁ ବାବୁ ଓଡ଼ିଆ ଦର୍ଶକଙ୍କୁ ସୁନ୍ଦର ମ୍ୟୁଜିକ ଭିଡ଼ିଓଟିଏ ଉପହାର ଦେଇଥାନ୍ତି । ରାକ୍ଷୀ ପୂର୍ଣ୍ଣିମାରେ ଠିକ ସେହିପରି 'ଏ ରାକ୍ଷୀ ରହିଲା ସାକ୍ଷୀ ଆମର' ନାମରେ ଏକ ସୁନ୍ଦର ମ୍ୟୁଜିକ ଭିଡ଼ିଓ ଉପହାର ଦେଇଛନ୍ତି । ଓଡ଼ିଶା ଦୃଷ୍ଟିହୀନ ସଂଘ ସଭା ଗୃହରେ ଏହି ମ୍ୟୁଜିକ ଭିଡିଓ ମୁକ୍ତିଲାଭ ଉତ୍ସବ ପାଳିତ ହୋଇଛି । ମୁକ୍ତିଲାଭ ଅବସରେ ଓଡ଼ିଶା ଦୃଷ୍ଟିହୀନ ସଂଘର ସମ୍ପାଦକ ଶରତ କୁମାର ଦାସ, ମ୍ୟୁଜିକ ଭିଡ଼ିଓର ପ୍ରଯୋଜକ ବଳରାମ ସେଠି, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ, ମୁଖ୍ୟ ନାୟିକା ସ୍ମୃତିରେଖା, ନାୟକ ସୁଶୀଲ, ନିର୍ଦ୍ଦେଶକ ବାବୁ ବାବୁ ଯୋଗଦେଇଥିଲେ । ଭାଇ ଓ ଭଉଣୀଙ୍କ ମଧ୍ୟରେ ପ୍ରେମ, ସୁରକ୍ଷା ଏବଂ ଜୀବନବ୍ୟାପୀ ସମର୍ଥନର ପବିତ୍ର ବନ୍ଧନକୁ ସମ୍ମାନ ଏବଂ ସୁଦୃଢ଼ କରିବା ପାଇଁ ରକ୍ଷା ବନ୍ଧନ ପାଳନ କରାଯାଏ। ପ୍ରତ୍ୟେକ ପର୍ବରେ ଏକ ସୁନ୍ଦର ପରିକଳ୍ପନାରେ ଯେପରି ମ୍ୟୁଜିକ ଭିଡିଓ ତିଆରି କରିଥାନ୍ତି ଠିକ ସେହି ଭଳି ଏହି ମ୍ୟୁଜିକ ଭିଡିଓଟିକୁ ମଧ୍ୟ ବାବୁ ବାବୁ ତିଆରି କରିଛନ୍ତି । ଶଙ୍କର କ୍ରିଏସନ ପ୍ରସ୍ତୁତ ଏହି ଭିଡିଓକୁ ବଳରାମ ସେଠି ପ୍ରଯୋଜନା କରିଛନ୍ତି । ତପୁ ନାୟକଙ୍କ ଗୀତକୁ ସନ୍ତୋଷ କୁମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏବଂ କୁମାର ବାପି ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି । ଟେଲିଭିଜନ ପରଦାର ସୁପରିଚିତା ନାୟିକା ସ୍ମୃତିରେଖା ମୁଖ୍ୟ ନାୟିକା ଭୂମିକାରେ ଅଭିନୟ କରିଛନ୍ତି । ସୁଶୀଲ ନାୟକ ଭାବେ ଅଭିନୟ କରିଛନ୍ତି । ସୁନୟନା, ମେଘା ଏବଂ ବ୍ରିଜେଶ ସହ କଳାକାର ଭାବେ ଅଭିନୟ କରିଛନ୍ତି । ଡିଓପି ଦାୟିତ୍ୱରେ ବିଜୁ ଏବଂ କେଡ଼ି ସିପୁନ ଏହାର ସମ୍ପାଦନା କରିଛନ୍ତି। ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କ କୁ ନେଇ ଚିତ୍ରିତ ହୋଇଥିବା ଏହି ମ୍ୟୁଜିକ ଭିଡିଓ ଟି ସାମାଜିକ ବାର୍ତ୍ତା ଦେଉଥିବା ବେଳେ ଏହା ନିଶ୍ଚିତ ଭାବେ ଲୋକାଦୃତ ହେବ ବୋଲି ପ୍ରଯୋଜକ ଆଶା ରଖିଛନ୍ତି ।

# ସ୍ନେହ ମମତାର ପଣତକାନିରେ ସମସ୍ତଙ୍କୁ ବାନ୍ଧି ରଖିବାର ପର୍ବ ରକ୍ଷାବନ୍ଧନ : ମମତା ସାହୁ

ଉଦଳା ,୨୯/୦୮ (ନି.ପ୍ର): ଉଦଳା ସହର ମଧ୍ୟରେ କେବଳ ମହିଳା ମାନଙ୍କୁ ନେଇ ଗଢ଼ିଉଠିଥିବା କ୍ଲବ ଇନରହୁଇଲ ତରଫରୁ ଚଳିତ ଅଗଷ୍ଟ ୨୭ ତାରିଖ ଗୁରୁବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି । ଏଥିପାଇଁ ଦିବସ ବ୍ୟାପି ୱାର୍ଡ଼ ନଂ-୧୨ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲବ ତରଫରୁ ରକ୍ଷାବନ୍ଧନ, ବୃକ୍ଷରୋପଣ, ଆଲୋଚନାଚକ୍ର ଓ ମିଷ୍ଟାନ୍ନ ବଂଟନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରି କବିତା ଦଳେଇଙ୍କ ନେତୃତ୍ୱରେ ଶିକ୍ଷାକେନ୍ଦ୍ର ପରିସରରେ ଥିବା ଏକ ଆମ୍ବଗଛକୁ ଚନ୍ଦନ, ସିନ୍ଦୁର ଅର୍ପଣ ପୂର୍ବକ ଶଙ୍ଖ ବଜାଇ, ହୁଳହୁଳି ଦେଇ କ୍ଲବର ସମସ୍ତ ସଦସ୍ୟା ଓ ଛାତ୍ର ଛାତ୍ରୀ ମିଳିମିଶି ଦୀପ ଜଳାଇ ବନ୍ଦାପନା କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ଆମ୍ବଗଛରେ ରାକ୍ଷୀ ବାନ୍ଧିବା ସହ ବୃକ୍ଷଥିବା ଯୋଗୁଁ ଆଜି କିପରି ପୃଥିବୀ ପୃଷ୍ଠରେ ଜୀବଜଗତ ବଂଚି ରହିଛି ମନେପକାଇଥିଲେ । ପରେ ବିଦ୍ୟାଳୟ ପରିସରରେ କେତୋଟି ପିଜୁଳି ଓ ଡ଼ାଳିମ୍ବ ଚାରା ରୋପଣ କରାଯାଇଥିଲା । ଏହାପରେ ଅନୁଷ୍ଠିତ ଆଲୋଚା ଚକ୍ରରେ କ୍ଲବର ସଭାପତି ମମତା ସାହୁ ଅଧକ୍ଷତା କରି ସ୍ନେହ ମମତାର ପଣତକାନିରେ ସମସ୍ତଙ୍କୁ ବାନ୍ଧି ରଖିବାର ପର୍ବ ହିଁ ରକ୍ଷାବନ୍ଧନ ଅଟେ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମମତା ମହାନ୍ତି, ଦିଗବାଳା ପରିଡ଼ା, ଅନ୍ନପୂର୍ଣ୍ଣା ପଣ୍ଡା, ପୁଷ୍ପଲତା ପଣ୍ଡା, ମନୋରମା ଜେନା, ଗୀତାଶ୍ରୀରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବିଶାଳ ହୃଦୟ ମଧ୍ୟରେ ସ୍ନେହ ମମତା ସ୍ୱତଃ ଜାତ ହୋଇଥାଏ । ଏହାର ବନ୍ଧନରେ ସମସ୍ତଙ୍କୁ ବାନ୍ଧି ରଖିପାରିଲେ ପୃଥିବୀ ପୃଷ୍ଠରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠ ହେବ ଏଥିରେ ସନ୍ଦେହ ନାହିଁ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହାପରେ ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ର ଛାତ୍ରୀଙ୍କୁ ରାକ୍ଷୀ ବନ୍ଧାଯିବା ସହ ମିଷ୍ଟାନ୍ନ ବଂଟନର ପର୍ବ ଆରମ୍ଭ ହୋଇଥିଲା । ଶେଷରେ ଅରୁପମା ମହାପାତ୍ର ଧନ୍ୟବାଦ ଅର୍ପଣ ପୂର୍ବକ ଉତ୍ସବର ଯବନିକା ପକାଇଥିଲେ ।



# ନୀଳଗିରି ଗ୍ରାମ୍ୟଉନ୍ନୟନ ବିଭାଗ କାର୍ଯ୍ୟାଳୟ ଏବେ ଭୂତ କୋଠି:
## କୋଟିକୋଟି ଟଙ୍କାର ସରକାରୀ ବାସଭବନ ଏବେ ବିଷଧର ସାପଙ୍କ ଆଶ୍ରୟ ସ୍ଥଳି



ନୀଳଗିରି,୨୯/୦୮ (ନି.ପ୍ର): ନୀଳଗିରୀ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଗ୍ରାମାଞ୍ଚଳରେ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଠିକ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟସରକାରଙ୍କ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ସଦରମହକୁମାରେ ଉପଖଣ୍ଡ କାର୍ଯ୍ୟାଳୟ କରାଯାଇଛି । ଏହି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାପାଇଁ ଦୁଇଜଣ ଜେ.ଇ ଓ ଜଣେ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ପାଇଁ କାର୍ଯ୍ୟାଳୟ ସହିତ ସରକାରୀ ବାସଭବନ, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଇ ଦିଆଯାଇଛି । ଏହାସହିତ ଜଣେ ଜଗୁଆଳି ଓ ତାପାଇଁ ନୂତନ ସରକାରୀ ବାସଭବନ କିଛିବର୍ଷ ପୂର୍ବରୁ ନିର୍ମାଣକରାଯାଇ ଏବାବଦରେ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚକରି ଖୁବସୁନ୍ଦର ଭାବରେ ନିର୍ମାଣ କରାଯାଇଥିଲା । ତେବେ ଏହି ସରକାରୀ ବାସଭବନରେ ବର୍ଷବର୍ଷ ଧରି କେହି ଜଣେବି ଅଧିକାରୀ ରହୁ ନାହାଁନ୍ତି । କେବଳ କାର୍ଯ୍ୟାଳୟର ଜଣେ ଖଲାସୀ ଅନିଲ କୁମାର ନାୟକ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ନିଜର ଡ୍ୟୁଟିସାରି ଘରକୁ ପଳାଇ ଯାଆନ୍ତି । ମାତ୍ର ସରକାରଙ୍କ କୋଟିକୋଟି ଟଙ୍କାରେ ନିର୍ମିତ ଏହି ସରକାରୀ ବାସଭବନ ଏବେ ଭୂତକୋଠି ପାଲଟିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଦୀର୍ଘବର୍ଷ ଧରି ଉପଖଣ୍ଡ ଗ୍ରାମ୍ୟଉନ୍ନୟନ ଅଫିସକୁ ସହକାରୀ ନିର୍ବାହୀଯନ୍ତ୍ରୀ ଆସୁନଥିବାରୁ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅଭିଯୋଗ କରିବା ହେଉ କିମ୍ବା ଅନ୍ୟାନ୍ୟ ସୁବିଧାସୁଯୋଗର ସୁଫଳ ସାଧାରଣ ଲୋକଙ୍କୁ ମିଳିପାରୁ ନାହିଁ । ଅଧିକାରୀ ମାନେ ଅଫିସକୁ କେତେବେଳେ ଆସନ୍ତି ଓ ଯାଆନ୍ତି କେହି କହି ପାରିବେନି । ରାତି ଜଗୁଆଳି କେହି ନାହାନ୍ତି, ସରକାରୀ ବାସଭବନ ବିଲଡିଂ ଉପରେ ଲତା ମାଡ଼ିଗଲାଣି ତ କଉଠି ଘାସପଡ଼ିଆ ପାଲଟି ଗଲାଣି । ଏଥିପାଇଁ ବିଷଧର ସାପଙ୍କ ଆଡ୍ଡା ପାଲଟିଛି ଉକ୍ତ ସରକାରୀ ବାସଭବନ । ଉପଖଣ୍ଡ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଏପରି ବିକଳ ଅବସ୍ଥା ନୀଳଗିରିବାସୀଙ୍କ ମନରେ ଘୋର ଅସନ୍ତୋଷ ଆଣିଦେଇଛି । ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ କରିଥିଲେ ମଧ୍ୟ ଫୋନ୍ ଉଠାଇ ନଥିଲେ । ବାବୁଙ୍କ ମାନମାନି ଚାଲିଥିବାରୁ ଉପଖଣ୍ଡରେ ଉକ୍ତ କାର୍ଯ୍ୟାଳୟକୁ ନରଖି ବାଲେଶ୍ୱରକୁ ଉଠାଇ ନିଅନ୍ତୁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେଣୁ ଏଥିପ୍ରତି ତୁରନ୍ତ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ୧ ନଂ ୱାର୍ଡରେ ଶାଢ଼ି ପ୍ରଦର୍ଶନୀ ଉଦ୍‌ଘାଟିତ

ବାରିପଦା ,୨୯/୦୮ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ବୁଦ୍ଧିଖମାରୀରେ ଚାରି ଗୃହିଣୀ ମିଶି ଏକ ଶାଢ଼ୀ ପ୍ରଦର୍ଶନୀର ଆୟୋଜନ କରିଛନ୍ତି । ଆଗାମୀ ପାର୍ବଣ ଋତୁକୁ ଆଖିଆଗରେ ରଖି ସ୍ଥାନୀୟ ଅଂଚଳର ଚାରି ଗୃହିଣୀ ଦେବଦାସୀ ମଣ୍ଡଳ, ଶ୍ୱେତା ମହାନ୍ତି, ଦିବ୍ୟାଭାରତୀ ସାହୁ ଓ ଅନୁପମା ବେହେରା ମିଶି 'ସଖୀ କଲେକ୍ସନ' ନାମରେ ଏହି ପ୍ରଦର୍ଶନୀର ଆୟୋଜନ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଆତ୍ମନିର୍ଭରଶୀଳ ହେବା ପାଇଁ ମହିଳା ମାନଙ୍କର ଏହି ଅନନ୍ୟ ପ୍ରୟାସ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛି ବୋଲି ପ୍ରକାଶ କରିଥିଲେ । ସମ୍ମାନିୟା ଅତିଥି ଭାବେ ୧ନଂ ୱାର୍ଡର କାଉନସିଲର ସୁକେଶିନୀ ସେଠି ଓ ୨ନଂ ର କାଉନସିଲର ଅନୁପମା ମହାନ୍ତି ଉପସ୍ଥିତ ରହି ୪ ଗୃହିଣୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହଙ୍କ ସମେତ ଜଗଦ୍ଧାତ୍ରୀ ମେଳା କମିଟିର ସପନ ପଣ୍ଡା, ଧୀରେନ୍ଦ୍ର ନାୟକ, ଅମ୍ବିକା ମହାନ୍ତି, ଦିନେଶ ସାହୁ, ନାରାୟଣ ମଣ୍ଡଳ, ମାନସ ମହାନ୍ତି, ସତ୍ୟଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ପିପିଏଲ୍ ସମ୍ପ୍ରସାରଣ ଓ ପାରାଦୀପରେ ନୂଆ ପ୍ରକଳ୍ପ ନିମନ୍ତେ ଜନ ଶୁଣାଣି ସଫଳତାର ସହିତ ସମ୍ପନ୍ନ

■ପିପିଏଲ୍‌ର ଉତ୍ପାଦନ ସାମର୍ଥ୍ୟ ସୁଦୃଢ ହେବା ଲକ୍ଷ୍ୟରେ ପ୍ରସ୍ତାବିତ ସମ୍ପ୍ରସାରଣକୁ ସ୍ଥାନୀୟ ଜନସମୁଦାୟଙ୍କ ସ୍ୱାଗତ

■ନୂତନ ପ୍ରକଳ୍ପଗୁଡିକ ସମ୍ବଳର ଉପଯୋଗ, ମୂଲ୍ୟଯୁକ୍ତ କରିବା ଏବଂ ଦୀର୍ଘସ୍ଥାୟୀ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା

ପାରାଦୀପ,୨୯/୦୮ (ନି.ପ୍ର): ପାରାଦୀପ ଫସ୍‌ଫେଟସ୍ ଲିମିଟେଡ (ପିପିଏଲ୍)ର ପ୍ରସ୍ତାବିତ ସମ୍ପ୍ରସାରଣ ଏବଂ ପାରାଦୀପରେ ନୂତନ ପ୍ରକଳ୍ପଗୁଡିକ ଉପରେ ଜନଶୁଣାଣି ପାରାଦୀପ ପିପିଏଲ୍ ଟାଉନସିପ୍‌ର ଡିଏଭି ପବ୍ଲିକ ସ୍କୁଲଠାରେ ଅଗଷ୍ଟ ୨୮, ୨୦୨୬ ଦିନ ସଫଳତାର ସହିତ ସମ୍ପନ୍ନ ହୋଇଛି । ପାରାଦୀପର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ଏଡିଏମ୍) ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି), ପାରାଦୀପର ଆଞ୍ଚଳିକ ଅଧିକାରୀ (ଆରଓ) ଶ୍ରୀମତୀ ବିବେଚିତା ଷଡ଼ଙ୍ଗୀ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀବୃନ୍ଦ ତଥା ନିୟାମକ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏହି ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ପାରାଦୀପ ଅତିରିକ୍ତ ଏସପି ଶ୍ରୀ ଅଜିଙ୍କୟ ମାନେ ଉପସ୍ଥିତ ଥିଲେ ଓ ୫୦୦ ରୁ ଅଧିକ ସ୍ଥାନୟୀ ବାସିନ୍ଦା, ଜନ ପ୍ରତିନିଧିଗଣ, ଗୋଷ୍ଠୀ ସଦସ୍ୟବୃନ୍ଦ ଏବଂ ଅନ୍ୟ ସହଭାଗୀମାନେ ଏହି ଜନ ଶୁଣାଣିରେ ଅଂଶଗ୍ରହଣ କରିବା ସହିତ ପ୍ରସ୍ତାବିତ ସମ୍ପ୍ରସାରଣ ଏବଂ ନୂତନ ପ୍ରକଳ୍ପଗୁଡିକ ସମ୍ପର୍କରେ ସେମାନଙ୍କର ମତାମତ, ପ୍ରସ୍ତାବ ଓ ଆଶଙ୍କା ଆଦି ବ୍ୟକ୍ତ କରିଥିଲେ । ପ୍ରସ୍ତାବିତ ପ୍ରକଳ୍ପଗୁଡିକୁ ଅଂଶଗ୍ରହଣକାରୀଙ୍କ ନିକଟରୁ ସମର୍ଥନ ମିଳିଥିବାବେଳେ ଅନେକ ସ୍ଥାନୀୟ ଅଧିବାସୀ, ଗୋଷ୍ଠୀ ସଦସ୍ୟବୃନ୍ଦ ଏବଂ ଅନ୍ୟ ସହଭାଗୀମାନେ ସମ୍ପ୍ରସାରଣ ଏବଂ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳ ତଥା ଜନସମୁଦାୟ ପାଇଁ ହେବାକୁ ଥିବା ସମ୍ଭାବ୍ୟ ଲାଭକୁ ନେଇ ସେମାନଙ୍କର ସକାରାତ୍ମକ ମତାମତ ଦେଇଥିଲେ । ଶୁଣାଣି କାର୍ଯ୍ୟକ୍ରମ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବରେ ପରିଚାଳିତ ହୋଇଥିଲା ଏବଂ ପିପିଏଲ୍ ଓ ଏହାର ପରିବେଶ ପରାମର୍ଶଦାତାମାନେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଉତ୍ଥାପିତ ପ୍ରଶ୍ନ ଓ ପ୍ରସଙ୍ଗଗୁଡିକର ଉତ୍ତର ରଖିଥିଲେ । ପିପିଏଲ୍‌ର ସିଜିଏମ୍-ଏଚ୍‌ଆର ଶ୍ରୀ ସୁମିତ ସେନାପତି ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପ ଏବଂ ଏହାର ବିଭିନ୍ନ ସୁବିଧା ସମ୍ପର୍କରେ ବିସ୍ତୃତ ଭାବରେ ସୂଚନା ଦେଇଥିଲେ । "ଜନ ଶୁଣାଣି ସମୟରେ ସ୍ଥାନୀୟ ଜନ ସମୁଦାୟଙ୍କ ଦ୍ୱାରା ଗଠନମୂଳକ ଅଂଶଗ୍ରହଣ ଓ ସମର୍ଥନ ନେଇ ଆମେ ଉତ୍ସାହିତ ଅଛୁ । ପ୍ରସ୍ତାବିତ ସମ୍ପ୍ରସାରଣ ଏବଂ ନୂତନ ପ୍ରକଳ୍ପଗୁଡିକ ପିପିଏଲ୍‌ର ଉତ୍ପାଦନ ସାମର୍ଥ୍ୟ ସୁଦୃଢ କରିବାକୁ ଉଦ୍ଦିଷ୍ଟ ହୋଇଥିବାବେଳେ ଏହା ସ୍ଥାନୀୟ ବିକାଶ ଏବଂ ନିଯୁକ୍ତି ନିମନ୍ତେ ବୃହତ୍ତର ସୁଯୋଗଗୁଡିକ ସୃଷ୍ଟି କରିବ । ପ୍ରକଳ୍ପକୁ ଦାୟିତ୍ୱସମ୍ପନ୍ନ ଭାବରେ କାର୍ଯ୍ୟକାରୀ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ ଏବଂ ପରିବେଶଗତ ସୁରକ୍ଷା, ସମ୍ବଳର ଦକ୍ଷତା, ନିୟାମକ ଅନୁପାଳନ ତଥା ଆମ ଚତୁର୍ପାର୍ଶ୍ୱରେ ଥିବା ଜନସମୁଦାୟଙ୍କର କଲ୍ୟାଣ ପ୍ରତି ଯଥୋଚିତ ଗୁରୁତ୍ୱ ଦିଆଯାଉଛି । ସମସ୍ତ ସହଭାଗୀମାନଙ୍କର ଅଂଶଗ୍ରହଣ ପାଇଁ ଆନ୍ତରିକତାର ସହିତ ଧନ୍ୟବାଦ ଜଣାଉଛୁ ଏବଂ ଆମେ ଆଗକୁ ବଢୁଥିବାବେଳେ ସେମାନଙ୍କର ନିରନ୍ତର ସମର୍ଥନ ଓ ସହଯୋଗ ଆଶା କରୁଛୁ," ବୋଲି ଶ୍ରୀ ଏସ.ଗିରିଶ, ୟୁନିଟ ହେଡ୍, ପିପିଏଲ୍‌ର ପାରାଦୀପ ୟୁନିଟ ପ୍ରକାଶ କରିଥିଲେ । ପ୍ରସ୍ତାବିତ ପିପିଏଲ୍ ସମ୍ପ୍ରସାରଣ ପ୍ରକଳ୍ପରେ କୌଣସି ଅତିରିକ୍ତ ଜମି ଅଧିଗ୍ରହଣ କରାନଯାଇ ପିପିଏଲ୍ କାରଖାନା ପରିସର ମଧ୍ୟରେ ସାର ଓ ସ୍ପେଶାଲିଟି ରସାୟନ ଉତ୍ପାଦନ ବ୍ୟବସ୍ଥାର ସମ୍ପ୍ରସାରଣ ଓ ବିବିଧକରଣ କରାଯିବ । ପ୍ରସ୍ତାବିତ ପ୍ରକଳ୍ପରେ ଏକ ନୂତନ ଏନ୍‌ପି / ଏନ୍‌ପିକେ ଗ୍ରାନୁଲେସନ କମ୍ପ୍ଲେକ୍ସ, ଜିଟିଏସ୍‌ପି, ଆମୋନିୟମ ସଲ୍‌ଫେଟ, କଷ୍ଟମାଇଜଡ ଓ ୱାଟର-ସଲ୍ୟୁବଲ ଫର୍ଟିଲାଇଜର, ମୂଲ୍ୟଯୁକ୍ତ ଜିପ୍‌ସମ ଉତ୍ପାଦସମୂହ, ଗ୍ରୀନ ଆମୋନିଆ, ସ୍ପେଶାଲିଟି ଫ୍ଲୋରିନ ଡେରିଭେଟିଭସ୍ ଏବଂ ଅନ୍ୟ ମୂଲ୍ୟଯୁକ୍ତ ଉତ୍ପାଦଗୁଡିକ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ସମ୍ବଳ ସଂରକ୍ଷଣ, ଆବର୍ତ୍ତୀ ଅର୍ଥନୀତି ଏବଂ ପରିବେଶଗତ ଦୀର୍ଘସ୍ଥାୟିତା ଉପରେ ଉଲ୍ଲେଖନୀୟ ଗୁରୁତ୍ୱ ଦେଉଛି । ସମ୍ପ୍ରତି ରହିଥିବା ଫସଫରିକ ଏସିଡ ପ୍ଲାଣ୍ଟରୁ ଉତ୍ପାଦିତ ଫ୍ଲୋରୋସାଇଲିସିକ୍ ଏସିଡକୁ ଆଲୁମିନିୟମ ଫ୍ଲୋରାଇଡ ଏବଂ ଅନ୍ୟ ଫ୍ଲୋରିନ ଡେରିଭେଟିଭସ୍ ଉତ୍ପାଦନ ନିମନ୍ତେ ବ୍ୟବହାର କରାଯିବାକୁ ଥିବାବେଳେ ଫସଫୋଜିପ୍‌ସମକୁ ମୂଲ୍ୟଯୁକ୍ତ ଜିପ୍‌ସମ ଉତ୍ପାଦ ଏବଂ ୟୁନିଆ-କ୍ୟାଲସିୟମ ସଲ୍‌ଫେଟ ଭିତ୍ତିକ ସାର ଉତ୍ପାଦନ ନିମନ୍ତେ ବିନିଯୋଗ କରାଯିବ । ପ୍ରସ୍ତାବିତ ଗ୍ରୀନ ଆମୋନିଆ କାରଖାନା ନବୀକରଣଯୋଗ୍ୟ ଶକ୍ତି ଭିତ୍ତିକ ହାଇଡ୍ରୋଜେନକୁ ବ୍ୟବହାର କରିବ, ଯାହା ଜାତୀୟ ସବୁଜ-ଶକ୍ତି ରୂପାନ୍ତରଣ ଏବଂ ନେଟ୍ ଜିରୋ ନିର୍ଗମନ ନିମନ୍ତେ ପିପିଏଲ୍‌ର ଲକ୍ଷ୍ୟ ହାସଲକୁ ସମର୍ଥନ କରିବ । ପ୍ରସ୍ତାବିତ ସମ୍ପ୍ରସାରଣ ସମ୍ପ୍ରତି ରହିଥିବା ଭିତ୍ତିଭୂମି ଏବଂ ସୁବିଧାଗୁଡିକର ସର୍ବାଧିକ ଉପଯୋଗ କରିବ । ପରିବେଶଗତ ସୁରକ୍ଷାଗୁଡିକ ମଧ୍ୟରେ ଜିରୋ ଲିକ୍ୱିଡ ଡିସଚାର୍ଜ (ଜେଡଏଲଡି) ନୀତିସମୂହ ଅଧୀନରେ ଶିଳ୍ପ ବର୍ଜ୍ୟଗୁଡିକର ବିଶୋଧନ ଏବଂ ପୁନଃବ୍ୟବହାର, ସିୱେଜ ବିଶୋଧନ ଓ ପୁନଃବ୍ୟବହାର, ଉନ୍ନତ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାସମୂହ, ନିରନ୍ତର ଅନ୍‌ଲାଇନ ନିର୍ଗମନ ନିରୀକ୍ଷଣ, ବୈଜ୍ଞାନିକ ଉପାୟରେ ବର୍ଜ୍ୟ ପରିଚାଳନା ଏବଂ ସବୁଜ ବଳୟ ତଥା ପରିବେଶଗତ ନିରୀକ୍ଷଣ ବ୍ୟବସ୍ଥାଗୁଡିକ ସୁଦୃଢ କରିବା ଆଦି ଅନ୍ତର୍ଭୁକ୍ତ । ଜନ ଶୁଣାଣି ସଫଳତାର ସହିତ ସମ୍ପନ୍ନ ହେବା ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ବୈଧାନିକ ପରିବେଶଗତ ଅନୁମୋଦନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହୋଇଛି । ଦାୟିତ୍ୱସମ୍ପନ୍ନ ଶିଳ୍ପ ବିକାଶ, ପରିବେଶଗତ ସୁରକ୍ଷା, ନିୟାମକ ଅନୁପାଳନ ଏବଂ ସ୍ଥାନୀୟ ଜନସମୁଦାୟଙ୍କ ସହିତ ନିରନ୍ତର ନିୟୋଜିତ ରହିବା ନେଇ ପିପିଏଲ୍‌ର ନିଜର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି । ଏହାର ସିଏସ୍‌ଆର ଏବଂ ଗୋଷ୍ଠୀ ବିକାଶ ପ୍ରୟାସଗୁଡିକ ଜରିଆରେ କମ୍ପାନୀ ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକାରେ ପରିବର୍ଦ୍ଧନ, ପରିବେଶଗତ ସଂରକ୍ଷଣ, ଜଳ ଓ ପରିମଳ ଏବଂ ଗୋଷ୍ଠୀ କଲ୍ୟାଣ ଆଦି କ୍ଷେତ୍ରଗୁଡିକୁ ନିରନ୍ତର ସମର୍ଥନ ଜାରି ରଖିବ । ଜନ ଶୁଣାଣି କାର୍ଯ୍ୟକ୍ରମ ଏକ ସକାରାତ୍ମକ ଏବଂ ଗଠନମୂଳକ ପରିବେଶରେ ସମାପ୍ତ ହୋଇଥିଲା, ଯାହା ପାରାଦୀପ ଅଞ୍ଚଳର ଦୀର୍ଘସ୍ଥାୟୀ ବିକାଶରେ ସହଭାଗୀମାନଙ୍କର ଅଂଶଗ୍ରହଣର ଗୁରୁତ୍ୱକୁ ପ୍ରତିଫଳିତ କରିଥିଲା ।




## ସମ୍ପାଦକଙ୍କୁ ନପାଇ ଫେରିଗଲେ ଯାଞ୍ଚଟିମ

ଖଇରା,୨୯/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ସେବା ସମବାୟ ସମିତିରେ ଚାଷୀଙ୍କୁ ନକଲି ସାର ବିକ୍ରୀ କରାଯାଉଥିବା ନେଇ ଖଇରା କୃଷି ସୂଚନା ପରାମର୍ଶ କେନ୍ଦ୍ର ରେ ଅଭିଯୋଗ କରିଥିଲେ । ସହକାରୀ କୃଷି ଅଧିକାରୀ ରମ୍ୟରଞ୍ଜନ ସାହୁ ଙ୍କ ନେତୃତ୍ୱରେ ଏକ ଟିମ ବର୍ତ୍ତନା ସେବା ସମିତି ନମୁନା ସଂଗ୍ରହ କରିବାକୁ ଯାଇଥିବା ବେଳେ ସମ୍ପାଦକ ଅକ୍ଷୟ ରାଉତ ଅନୁପସ୍ଥିତ ଥିବାରୁ ଏହି ସେମାନେ ଫେରି ଆସିଥିଲେ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୩୦ ଅଗଷ୍ଟ ୨୦୨୬
email :
rabibarachayan2015@gmail.com






# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୪୪ ସୁଜାତା ଏବଂ ସାତପ୍ରକାରର ପତ୍ନୀଙ୍କ ଉପରେ ପ୍ରବଚନ

ସୁଜାତା ଏକ ଧନୀ ପରିବାରର ଝିଅ ଥିଲେ ଏବଂ ଅନାଥପିଣ୍ଡିକଙ୍କ ପୁଅକୁ ବିବାହ କରିଥିଲେ। ସେ ଅହଙ୍କାରୀ ଥିଲେ, ଅନ୍ୟକୁ ସମ୍ମାନ କରୁନଥିଲେ ଏବଂ ତାଙ୍କ ସ୍ୱାମୀ ଓ ପିତାମାତାଙ୍କ ନିର୍ଦ୍ଦେଶକୁ ପାଳନ କରୁନଥିଲେ। ଫଳସ୍ୱରୂପ ପ୍ରତିଦିନ ପରିବାରରେ ବିବାଦ ଦେଖାଯାଉଥିଲା।

ଦିନେ ଯେତେବେଳେ ବୁଦ୍ଧ ଅନାଥପିଣ୍ଡିକଙ୍କ ଘରକୁ ଯାଇଥିଲେ, ସେ ଘରେ ଏକ ଅଦ୍ଭୁତ କୋଳାହଳ ଶୁଣିଲେ ଏବଂ ପଚାରିଲେ ଏ କ'ଣ?

ଅନାଥପିଣ୍ଡିକ ଉତ୍ତର ଦେଲେ, "ପ୍ରଭୁ, ସେ ମୋ ବୋହୂ ସୁଜାତା। ସେ ତାଙ୍କ ଶାଶୂ କି ସ୍ୱାମୀଙ୍କ କଥା ଶୁଣନ୍ତି ନାହିଁ। ସେ ମହାପୁରୁଷଙ୍କୁ ଆଦର ଓ ସମ୍ମାନ ବି କରନ୍ତି ନାହିଁ।"

ବୁଦ୍ଧ ସୁଜାତାଙ୍କୁ ନିଜ ପାଖକୁ ଡାକି ଶ୍ରଦ୍ଧାପୂର୍ବକ କହିଲେ, "ସୁଜାତା, ଜଣେ ପୁରୁଷର ସାତ ପ୍ରକାର ପତ୍ନୀ ଥାଆନ୍ତି। ତନ୍ମଧ୍ୟରୁ ତୁମେ କିଏ?"

"ହେ ପୂଜ୍ୟବର, ସାତ ପ୍ରକାରର ପତ୍ନୀ କିଏ?" - ସୁଜାତା ପଚାରିଲେ।

"ସୁଜାତା, କିଛି ଖରାପ ଓ ଅବାଞ୍ଛିତ ପତ୍ନୀ ଥାଆନ୍ତି। ଜଣେ ଜଣେ ପତ୍ନୀ ଅଛନ୍ତି ଯିଏ ଯନ୍ତ୍ରଣାପ୍ରଦ। ସେମାନେ ଦୁଷ୍ଟ, ସ୍ୱେଚ୍ଛାଚାରୀ ଏବଂ ତାଙ୍କ ସ୍ୱାମୀଙ୍କ ପ୍ରତି ବିଶ୍ୱସ୍ତ ନୁହଁନ୍ତି।"

"ଜଣେ ଜଣେ ପତ୍ନୀ ଚୋର ପରି। ସେ ତାଙ୍କର ସ୍ୱାମୀଙ୍କ ଅର୍ଜିତ ଧନକୁ ନଷ୍ଟ କରନ୍ତି।"

"ଏକ ପ୍ରକାର ପତ୍ନୀ ଅଛନ୍ତି ଯିଏ ମାଲିକ ପରି ବ୍ୟବହାର କରନ୍ତି। ସେ ଆଳସ୍ୟପରାୟଣ ଏବଂ କେବଳ ନିଜ ବିଷୟରେ ଚିନ୍ତା କରନ୍ତି। ସେ କ୍ରୁର ଏବଂ କରୁଣାହୀନ। ସବୁବେଳେ ନିଜ ସ୍ୱାମୀଙ୍କୁ ଗାଳି ଦିଅନ୍ତି କିମ୍ବା କୁକଥା କହନ୍ତି।"

"ସୁଜାତା, ଉତ୍ତମ ଏବଂ ପ୍ରଶଂସନୀୟ ପତ୍ନୀମାନେ ମଧ୍ୟ ଅଛନ୍ତି। ଜଣେ ଜଣେ ପତ୍ନୀ ଅଛନ୍ତି ଯିଏ ଜଣେ ମା' ପରି। ସେ ଦୟାଳୁ ଏବଂ କରୁଣାମୟୀ ଏବଂ ନିଜ ସ୍ୱାମୀଙ୍କ ଇଚ୍ଛା ଅନୁସାରେ ତାଙ୍କ ସହ ବ୍ୟବହାର କରନ୍ତି।"

"ଜଣେ ଜଣେ ପତ୍ନୀ ଅଛନ୍ତି ବନ୍ଧୁ ପରି। ସେ ନିଜ ସ୍ୱାମୀଙ୍କୁ ଦେଖି ଏପରି ଖୁସି ହୁଅନ୍ତି, ଯେପରି ଜଣେ ବନ୍ଧୁ ତାଙ୍କର ଆଉ ଜଣେ ବନ୍ଧୁଙ୍କୁ ବହୁତ ଦିନ ପରେ ଦେଖୁଛନ୍ତି। ସେ ମହାନ, ଗୁଣୀ ଏବଂ ବିଶ୍ୱସ୍ତ।"

"ଏକପ୍ରକାର ପତ୍ନୀ ଅଛନ୍ତି ଯିଏ ଜଣେ ଦାସୀ ପରି। ଯେତେବେଳେ ତାଙ୍କର ଦୋଷତ୍ରୁଟି ଦର୍ଶାଯାଏ, ସେ ଜଣେ ସଚେତନ ପତ୍ନୀ ପରି ବ୍ୟବହାର କରନ୍ତି। ତାଙ୍କ ସ୍ୱାମୀ କିଛି କଠୋର ଶବ୍ଦ ବ୍ୟବହାର କରିଥିଲେ ମଧ୍ୟ ସେ ଶାନ୍ତ ରହନ୍ତି ଏବଂ କୌଣସି କ୍ରୋଧ ପ୍ରକାଶ କରନ୍ତି ନାହିଁ। ସେ ତାଙ୍କ ସ୍ୱାମୀଙ୍କ ଇଚ୍ଛାକୁ ପାଳନ କରନ୍ତି।"

ଭଗବାନ ପଚାରିଲା, "ସୁଜାତା, ତୁମେ କେଉଁ ପ୍ରକାରର ପତ୍ନୀ ଭଳି? କେଉଁ ପ୍ରକାରର ହେବାକୁ ଚାହୁଁଛ?"

ଭଗବାନ ବୁଦ୍ଧଙ୍କ ଏହି କଥା ଶୁଣି ସୁଜାତା ତାଙ୍କ ପୂର୍ବ ଆଚରଣ ପାଇଁ ଲଜ୍ଜିତ ହୋଇ କହିଲେ, "ଭଗବାନ ବୁଦ୍ଧ ଆଜିଠାରୁ ମୁଁ ଶେଷ ଉଦାହରଣରେ ଥିବା ପତ୍ନୀ ବୋଲି ମନେକରିବି, କାରଣ ମୁଁ ଜଣେ ଆଦର୍ଶ ଏବଂ ସଚେତନଶୀଳ ପତ୍ନୀ ହେବି।" ସେ ତାଙ୍କର ଆଚରଣ ପରିବର୍ତ୍ତନ କଲେ, ତାଙ୍କ ସ୍ୱାମୀଙ୍କ ସହାୟକ ହେଲେ ଏବଂ ସେମାନେ ଏକତ୍ର ଜ୍ଞାନପ୍ରାପ୍ତି ଦିଗରେ କାର୍ଯ୍ୟ କଲେ। (କ୍ରମଶଃ)
(କ୍ରମଶଃ)


♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮




# ମିନିଗଳ୍ପ-୧୯

## ମାମଲା (ଧ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ସେ ବିଚିତ୍ର ପ୍ରାଣୀଟିଏ। ଟାଙ୍ଗଣା ଖଡ଼ଖଡ଼ କାଳିଆ ଚେହେରା। ପାଦରେ ଚପଲ ନାହିଁ। ଲାଜ ଢାଙ୍କିବାକୁ କଟିରେ ଚାରିହାତି ଗାମୁଛା ଢେର। ଗାଲ ଦି'ପଟ ସଢେଇ ଖାଲ। ମଥାରେ ହନୁମାନ ସିନ୍ଦୂର। ବାଁ'କାନ୍ଧରେ ବାଡି। ବାଡି ପଛକୁ ଝୁଲିଚି ମଳିଛିଆ କଳାକନା ବ୍ୟାଗ୍।

ଗୋସେଇଁଙ୍କ ପ୍ରାଥମିକ ଇସ୍କୁଲରେ ମାଷ୍ଟରମାନଙ୍କର ମିଟିଂ ଅଛି। ଅରୁଆ, ଦେଶୀଘିଅ ଜିରାଛୁଙ୍କ ଡାଲମା, ଓଉଖଟା। ମହମହ ବାସୁଚି ମଣ୍ଡଳ। ସଭା ସଇଲା। ଯେ ଯୁଆଡ଼େ ଗଲେ। ସବୁଥିରୁ ସବୁଥିରୁ ଡଙ୍କାଏ ଦି'ଡଙ୍କା ଚଟୁଏ ଦି'ଚଟୁ ବଳିଲା। ଗୋସେଇଁଙ୍କ ମନ ସିମିତି ବହଳିଆ। ବଳିଲେ ବଣ୍ଟା ହବ, ଢଳା ହବ, ଗୋରୁମୁହଁକୁ ଯିବ ପଛେ କାଣ୍ଟିକୁଣ୍ଟି କରିବେ ନାହିଁ। ଯେ ଖାଏ ସେ ଗାଏ। କାମ ସାରି ମୂଲିଆ ଡକାଇ ବଳକାତକ ତା ମୁଠୁଳାକୁ ଟେକି ଦଉଦଉ ଦେଖିଲେ ବାରଣ୍ଡାରେ ଠେଙ୍ଗା ଲମ୍ବେଇ ଦି'ପାଦ ପାହାଚକୁ ଝୁଲେଇ ବଇଚି ସେ ପ୍ରାଣୀ।

ଗୋସେଇଁ କହିଲେ : କିଏ ତୁ? ସେ ବିଚିତ୍ର ଚାହାଣିଟେ ଖେପିଲା ଗୋସେଇଁଙ୍କୁ।

କାଇଁ ବଇଚୁ? କିଛି ଜବାବ ନାହିଁ।

ଖାଇବୁ? ମଥା ହଲେଇଲା ସେ। କି ବିଚିତ୍ର! କାହୁଁ ଆଇଲା ଏ ଜଡ଼ଭରତ? ଗୋସେଇଁ ନିକୁଟିଲେ ତାକୁ। ତହୁଁ ମୁଖ ଖୋଲିଲା ସେ । କହିଲା : ତୁ ପା ମୋ ଜୋଇଁ। ମୁଁ ତୋଘରୁ ଖାଇବି? ଭାରି ଦେଲାବାଲା!

ଗୋସେଇଁ ଅନେଇଲେ ତ୍ରିଦଶକୁ। ହେ ଭଗବାନ! କାହୁଁ ଢୁକିଲା ଏ ଅଜନବୀ।

ସେ କହିଲା: ମୁଁ ତୋ ଘରକୁ ଯିବି ଚାଆଲେ।

ଗୋସେଇଁ ବୟସ ତୁଳନାରେ ସେ ସାନ। ତାଙ୍କୁ ପୁଣି ତୁ ତା' ସମ୍ବୋଧନ କରୁଛି ସେ।

ଗୋସେଇଁ ଅନାହୂତ ଶଶୁରକୁ ଓଳିଗି ହେଲେ । କହିଲେ : ଆ।

ଆଗେ ଆଗେ ଗୋସେଇଁ। ପଛେ ପଛେ ବିଚିତ୍ର। ଘରେ ବାରଣ୍ଡା ଛୁଉଁ ଛୁଉଁ ଧାଇଁ ଆସିଲେ ଗୋସାମଣୀ। ଗୋସେଇଁ କହିଲେ: ଏ କିଏ ? ଘଣ୍ଟାଏ ହେଲା ବସିଚି ଇସ୍କୁଲ ପିଣ୍ଡାରେ। ଖାଇବାକୁ କହିଲେ କହୁଚି ଜୋଇଁ ଘରୁ ଖାଇବିନି?

ହସିଲେ ଗୋସାମଣୀ। ଘର ଭିତରୁ ବାହାରି ଆସିଲା ମଝିଆଝୁଅ।

: ଇଏ ପା ଓଲିଆ। ମୁଁ ଦେଖିଚି। ନିରଞ୍ଜନ ସାର୍‌ଙ୍କ ଘରେ ମାଡାମଙ୍କ ଗୋଡ଼ ମୋଡୁଥେଲା। ପଇସା ଆଣିଲା।

ଉଁଃ! ଖାଏନି। ପବନ ଆହାର କରେ। ଓଲିଆ ଚିଡ଼ିଚିଡ଼ି ହେଲା । କଣ୍ଟା ଚିଁଚିଁ। ବସିଲା ବାରଣ୍ଡାରେ। ଗୋସାମଣୀ ଯାହା ଯାଚିଲେ ଖାଇଲାନି। ଗୋସାଇଁଙ୍କ ବଡ଼ମଝିଆ ଝୁଅକୁ ଦେଲା ହନୁମାନ ତାବିଜ ପିଉଳର। : ପିନ୍ଧିବୁ।ଭଲ ମଙ୍ଗଳ ହବ।

ବଡ଼ମଝିଆ କୃତାର୍ଥ। ଗୋସେଇଁ ପୁଅ ବଜାର ହାଟରେ ଭେଟେ ଓଲିଆକୁ। ନାତିଟୋକା କହି ସେ ତା ପକେଟରେ ହାତ ଭରେ।ଚା'କପେ ପିଏ। ଦିନସାରା ଚା'ଅମଳି।ଏ ବାବଦକୁ ହୋଟଲିଆ ଚୂଲିକୁ ପାଣି ଯୋଗାଏ । ଗରାଖ ହାତ ପାଖରେ ପାଣିଡ୍ରମ ଥୁଏ। କଙ୍କାଳସାର ଦିହ ଶିରାପ୍ରଶିରା ଦୁଇଁ ହୋଇଯାଉଥାଏ। ତ୍ରିଭଙ୍ଗୀ ଠାଣିରେ ଠିଆ ହୋଇ ବିଡି ଧୂଆଁ ନଡିଆଗଛକୁ ଛାଡେ। ସେ ରୀତିମତ ଆସେ ଗୋସେଇଁଙ୍କ ଘରକୁ। ଗୋସେଇଁଙ୍କ ଗୋଡ଼ ମୋଡୁମୋଡୁ ଗୋଡ଼ ଖଞ୍ଜାରେ ସାରାଜୀବନ ପାଇଁ ଦରଜ ରହିଯାଏ। ସେ ରଗଡା ହାତରୁ ନିଆଁ ବାହାରେ।

ସେ ସୁଖ ପାଏ ନାରୀମାନଙ୍କ ପଦମର୍ଦ୍ଦନ କରିବାକୁ । ସେ ଚାଲେ ହଲିହଲି। ଅଣ୍ଟା ହଲାଇ। ଓଠ କଳା କଟକଟ। ଚାଲି ଧପାଲି।

ବୁଝୁବୁଝୁ ତା ତିରିଲା ସହ ସେ ମଧୁଚନ୍ଦ୍ରିକା ବି ବନେଇ ପାରିନି । ଦୁଃଖୀମଣିଷଟିଏ!

ଦୟାରେ ଚଳେ। ଚା'ପିଇ, ବିଡି ଟାଣି ଜୀଏଁ। ଘରେ କେହି ନାହାନ୍ତି ତାର।

ମଠବାଡି, ହୋଟଲ, ହାଟବଜାରରେ ତାର ସଂସାର।

ସେ ତଥାପି ବି ଥିଲା ଏଇ ଭାବ ସହ ନିବିଡ଼ତା ବନେଇ...ଅନେକ ବୟସ୍କଙ୍କର ଶଶୁର ହୋଇ। ବଞ୍ଚିଲା ଷାଠିଏ ପରଯାଏ। ହଜିଗଲା।

ଗୋସେଇଁ ପିଣ୍ଡାରେ ବସି ନିତି ନହୁଲି ଟାହୁଲି ଶୁଣୁଥିବା ଓଲାମଣିଷ ବୋଲାମଣିଷଟି ଲିଭିଗଲା। ମାମଲା ଖଲାସ।


♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦


# କବିତା



## ଯେବେ ବର୍ଷାରେ ଭିଜେ ଆମ ଗାଁ

**ଭକ୍ତ ଚରଣ ସୁନାନୀ**

ଯେବେ ବର୍ଷାରେ ଭିଜେ ଆମ ଗାଁ
ଭିଜେ ମାଟିହାଣ୍ଡି,
ମାଟି ଚୁଲି
ପିଣ୍ଡା ଉପରେ ସାଇତିରଖିଥିବା
କାଠ
ଗୋବର ଛେନା
ଲୁଗାପଟା
ଆସବାବପତ୍ର ।

କାଦୁଅରେ ଭର୍ତ୍ତି ହୁଏ ଦୁଆର
ଆମ ଗାଁ ମାଟି ରାସ୍ତା
ଆଣ୍ଠୁଏ ପାଣିରେ ପହଁରେ ପାଦ ।

ଘର ଭିତରେ
ଛାଇଯାଏ ଅନ୍ଧାର
କବାଟ ଖୋଲା ରଖିଲେ ବି
ଧରା ଦିଏନି ଆଲୁଅ
ଦିନ ବି ରାତି ପରି ଲାଗେ
ଦର୍ପଣ ଭିତରେ ଦିଶେନାହିଁ
ନିଜ ମୁହଁ ।

ଜଳଜଳ ଦିଶେ
ଭଙ୍ଗା ମାଟିଘରର ଦୁଃଖ
ଅଭାବ କଷ୍ଟ
ଚୁଲି ଜଳେନି ଦିନେ ଦିନେ
ଓଳି ପାଣିରେ ବତୁରିଯାଏ
ଭୋକିଲା ପେଟ ।


♥ ଖୁଣ୍ଟିଆ, କଳାହାଣ୍ଡି


## ଇତିବୃତ୍ତ

**ଅକ୍ଷୟ ପାତ୍ର**



ଜୀବନ ଏକ ଯାତ୍ରା କଣ୍ଟକିତ
ପରମାୟୁ ଏ ଯାତ୍ରାର ଅବଧି
ଦେହ ଯାତ୍ରା ପାଇଁ ଏକ ସୁଲଭ ସାଧନ
ଦେହଧାରୀ-
ଆପାତଦୃଷ୍ଟି ଯାତ୍ରୀ!

ସମୟ ଏକ ଅଦୃଶ୍ୟ ସରଣୀ
ଯିଏ ଓଟାରିନିଏ ଯାତ୍ରୀକୁ ଅଦେଖା ଦିଗନ୍ତେ

ଶଙ୍କା ସାଜେ ଯାତ୍ରାର ପାଥେୟ
ମାୟା ବନେ ଯାତ୍ରାର କାରକ

ଲକ୍ଷ୍ୟସ୍ଥଳ ପ୍ରତେହୁଏ ଏକ ପ୍ରହେଳିକା!

ପୃଥ୍ୱୀ ଏକ ରହସ୍ୟମୟ ରଙ୍ଗମଞ୍ଚ
ଯାତ୍ରୀ ଏକ ଦୋଦୋପାଞ୍ଚ ଅଭିନେତା
ଯାତ୍ରା ଏକ ଲୋମଟାଙ୍କୁରା ନାଟକର
ରକ୍ତକ୍ଷରା ଦୁଃସାହସ,
ଯା'ପାଇଁ ହୁଏତ ଥାଏ ଅପେକ୍ଷାରତ
ଆଶ୍ଚର୍ଯ୍ୟ ଘୁରାଣିଭରା ଅପରିଣତ ଭବିଷ୍ୟ!


♥ ଇଂରାଜୀ ବିଭାଗ ମୁଖ୍ୟ ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକୋଟା
ଢେଙ୍କାନାଳ- ୭୫୯୦୨୦
ମୋ: ୭୦୭୭୯୮୪୯୬୦


## ସମୟ ବୁଝି

**ଗଜାନନ ମିଶ୍ର**



ଯିବା ଫେରିବା ବାଟେ ଅବାଟେ
ଗୁରୁତ୍ୱପୂର୍ଣ୍ଣ। ଯିବା ଫେରିବାବେଳେ
ବାଟ ଅବାଟ ଜାଣିବା ଜରୁରୀ।
ସମୟ କଣ ବୁଝି ସୁଝି
ରାତିରେ ଦିନରେ ସତର୍କ
ନ ରହିଲେ ଦୋଷ କାହାର!

ଅନ୍ୟ ବାଟ ନାଇଁ, ଘୂରାଫେରା
ଯେତେ ଯୋଉଠି ସବୁ
ବଦଳିଲେ ବି ଘଡିକି ଘଡି
ପ୍ରକୃତି ଦେଖାଏ ରୂପ
ଆଉ ସେ ରୂପରେ କିଏ କେମିତି
ହଜେ ନସେ ରସେ ବାସେ।

ଏଇ ବାଟ ସ୍ୱର୍ଗ ଆଉ
ଏଇ ବାଟ ବି ନର୍କ।
ଆପଣା ହୃଦୟ ଧରି ଆପେ
ଯିବା ଫେରିବାରେ ରହେ
ସବୁ ସବୁ ତଥ୍ୟ।

ତଥ୍ୟ ଭିତରେ କୋଉଟା ଖାଲ
ଆଉ କୋଉଟା ଢିପ ପଡେ ଜଣା।
ଜାଣି ଅଜଣା ହେଲେ ବଣା ହେବା
ସୁନିଶ୍ଚିତ ଏଇଠି ଏମିତି ।
ରହି ରହି କଳିନେବା ଆକାର ପ୍ରକାର
ସହିତ ନିଜ ଶକ୍ତି ବାହାଦୁରୀ।


♥ ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪


## କିଛି ନା କିଛି ଘଟିଯାଉଥାଏ

**ଶରତ କୁମାର ଦାସ**



ଅନେକ ସମୟରେ
ଛଳ ଛଳ ନଇଟିଏ
ମୋ ଭିତରେ ବୋହିଯାଏ
ତାରୁଣ୍ୟର ପାହାଡ଼ ଖଣ୍ଡେ
ଅଲକ୍ଷ୍ୟରେ ଭାଙ୍ଗିରୁଜି ଯାଏ
ଫୁଲ, ପ୍ରଜାପତି ଓ ବିହଙ୍ଗଙ୍କ ଡେଣାତଳୁ
ଗୀତର ଲହର ଶୁଭେ
ଧୋକା ଦେଇଥିବା ପ୍ରେମିକା
ପୁନଶ୍ଚ ମିତ୍ରତାର ହାତ ବଢାଏ..

ମୁଁ ସେମାନଙ୍କୁ ନେଇ ତନ୍ମୟ ହୁଏ
ଭାବର ସମୁଦ୍ର ତିଆରେ
ଯେଉଁଠି କେବଳ ଭଲପାଇବାର
କଅଁଳ ସୂର୍ଯ୍ୟର ପର
ମତେ ଆଉଁଶି ଦିଏ
ଓ ବଞ୍ଚିବାର ଲମ୍ବା ରାସ୍ତାରେ
ଅଦୃଶ୍ୟ ହାତଟିଏ ଲମ୍ବି ଲମ୍ବି ଆସେ ।

ମୁଁ ବୁଝିପାରେନି
ଘମାଘୋଟ ଯୁଦ୍ଧ ପରେ
କାହିଁକି ବଦଳିଯାଏ ଜୀବନର ଦୃଶ୍ୟପଟ
ଦୂଷିତ ବାୟୁ ପରି ପ୍ରଦୂଷିତ ହୁଏ
ପୃଥିବୀର କୋଳାହଳ
ରାତି ପାହିବା ପୂର୍ବରୁ
ମଶାଣୀରେ ପୋଡା ହୁଏ
ମଣିଷଙ୍କ କୁଢ଼ କୁଢ଼ ଶବ

ଏ ସବୁର ରହସ୍ୟ ଭେଦିଲା ବେଳକୁ
ଆୟୁଷର ଅଖି ମୁଦିହୋଇ ଆସୁଥାଏ
ଅସ୍ତ ସୂର୍ଯ୍ୟର ଏଲିଜି ପରି
ମୁଁ ଦେହରୁ ଦେହାତୀତ
ବରଫ ପାହାଡ଼ ତଳେ
ଧୀରେ ଧୀରେ ଗୁଳ୍ମ ହୋଇ
ଜମାଟ ବାନ୍ଧୁଥାଏ


♥ ପାଲୁର ବଙ୍ଗଳା
ଘର ନମ୍ବର.. ୨୬, ବ୍ରହ୍ମପୁର
(ମୋ) ୯୮୬୧୪୦୨୪୭୩


## ପାଉଁଜିର ପାଣ୍ଡୁଲିପି-୩୦

**ବିପିନ ମହାନ୍ତି**

### ସ୍ମୃତି ତ ଅମର ରହୁ



ପଟିଆ ଛକରେ ପଟେ ପାଉଁଜି ତୋ' ସେଦିନ ହଜିଲା ଦିନୁ
କେଜାଣି କାହିଁକି ସେ ଛକ ଛାନିଆ ପାସୋରି ଯାଇନି ମନୁ
ପାଉଁଜି ତ ନୁହେଁ ସମ୍ପର୍କର ସିଏ ଥିଲା ତୁମ ପାଦେ ବେଢ଼ି
ପାଉଁଜି ହଜିଲା ପରଠୁ ମୋ'ଠାରୁ ତୁମ ମୋହ ଗଲା ଛାଡ଼ି।

ମନେ ପଡ଼ିଯାଏ ସେଦିନର ସେଇ ପାଉଁଜି ହଜିବା ବେଳ
ଲୁହରେ ବତୁରା ତୁମ ଆଖିସାରା ଛାଇ ଆଲୁଅର ଖେଳ
ଛନକା ପଶେ ମୋ' ଛାତିରେ କାହାର ପାଉଁଜି ନହଜୁ ଆଉ
ଅଧ ରାତିର ସେ' ଅଧା କାହାଣୀର ଯବନିକା ପଡ଼ିଥାଉ।

ଫନୀ ପ୍ରପୀଡ଼ିତ ଅଧା ନୁଆଁଣିଆ ସେଇ ବତିଖୁଣ୍ଟ ତଳେ
ପାଉଁଜିକୁ ଖୋଜି ମୋ' ଦେହେ ଆଉଜି ମଉଜ କରିବା ବେଳେ
ଜୀବନର ରାହା ଖୋଜୁଥିଲି ତୁମ ବାହୁ ବେଷ୍ଟନୀରେ ଥାଇ
ମୁହୂର୍ତ୍ତେ ବି ହେଉ ମୃତ୍ୟୁର ଦୁନ୍ଦୁଭି କାନେ ମୋ'ର ପଡ଼ିନାହିଁ।

ଏଇ କଥା ଗୋଟେ ପାଉଁଜି ତ ପଟେ କିଣିଦେବି ରାତି ପାହୁ
ନିରିମମ ଏଇ ନିରୋଳା ମୁହୂର୍ତ୍ତ ନିର୍ବାଣ ମୋତେ ଦେଉ।


♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


## ଶୂନ୍ୟସ୍ଥାନ

**ଶମ୍ଭୁନାଥ ନାୟକ**



ତୁମେ ଗଲା ପରଠୁ
ପାହାନ୍ତି ତାରା ଆଉ ଉଠାଏନି
କାହାକୁ ଗାଢ଼ ନିଦରୁ
ବୁଢ଼ୀ ମା ସରାଗରେ ଆଉ
ହୁରୁମ କିଣୁନି ଫେରିବାଲାଠୁ,
ଏବେ ଟ୍ରେନ ରଡି ଶୁଣି ତରତର
ହେଉନି ଦଦରା ସାଇକେଲଟା
ସେଇମିତି ପଡିଛି ଅଲୋଡ଼ା ହେଇ !!

ଜାଣିଛ, ସେ ସମୟକୁ ଏ ସମୟ ତଣ୍ଟିଆମାରି
କେବେଠୁ ବିଦା କଲାଣି,
ସମୟ କଉ ଥ' ହେଇଗଲା ଯେ,
ଖାଲି ଯାହା ତୁମେ ଦେଖେଇଦେଲ
ନାଲି ପତାକାଟେ !!

ଏବେ ସେ ମେରାମଣ୍ଡଳୀ ଟେସନ(ଷ୍ଟେସନ)ର
ପେଡା ଆଉ ମିଠା ଲାଗୁନି
ସତ କୁହ ତ, ତୁମ
ସ୍ନେହ ଛଡ଼ା ଆଉ କଣ ବୋଳୁଥିଲ ସେଥିରେ,
ତମେ ନାହଁ ବୋଲି
ନାହିଁ ସେ ଗୁଡ଼ିଆଘର ଟଙ୍କିକିଆ ବରା
କେହି ନାହିଁ ମୋ ପଢାଘର କବାଟ କଣେ ଆସି
ଚୁପକିନା ଦେବାକୁ ପୁଡିଆ କି
ଯେତେ ଖାଇଲେ ବି କେହି
ଡାକନ୍ତିନି ମୋତେ ଆଉ ନ୍ତତିନିମାଣିଆ'....

ଜାଣିଛ, ଏବେ ତମ ନିହାଣରେ
ନାହିଁ ନଥିବା କଳଙ୍କି
ଯେଉଁଥି ତୁମ ବଜର ହାତ
ସମୟଠୁ ସମୟ ଚୋରେଇ ତିଆରୁଥିଲା
ଲଙ୍ଗଳ, ଜୁଆଳି, ଶଗଡ ଅର, ପୁଟି
ଦଉଡ଼ିଆ ଖଟ, ଶିକା, ପଘା ପ୍ରଭୃତି !!

ତୁମ ପୁରୁଷ ଜମି ଏବେ ପଡିଆ ପଡିଛି
ଯେଉଁଠି ଦିନେ ତୁମେ
ନିଗାଡୁଥିଲ ରକ୍ତ, ଯୁଝୁଥିଲ ହଳ
ମହଣ ମହଣ ଫଳୁଥିଲା
ଧାନ, ବିରି, କୋଳଥ
ଫଟା ପାଦ ଦେଖି କେତେ ହୁଏ ଘଷାପିଟା
ବୁଢ଼ୀ ମା ତମର,
ଲୁହା ପାତ ଚେଙ୍କ ଦେଲାବେଳେ
ଦେଖିଛି ମୁଁ ତୁମ ଆଖିର କାତର !!

ତୁମେ ତ ଶିଖେଇଥିଲ
ଜୀବନ ଦଉଡିଟେ ପନ୍ଥୀବାକୁ
ଲୋଡ଼ାହୁଏ ଭାବର ଛଣପଟ
ସମ୍ପର୍କର ଖାଲଖମାରେ ଦେବାକୁ ହୁଏ ମଇ
ଚିକଟା ତ୍ୟାଗର ମାଟି ଦେହେ ଲାଗିଲେ ହିଁ
ଉକୁଟିଉଠେ ସୁନାର ଫସଲ !!

ଆଜି ତ ସବୁ ଅଛି,
ତୁମେ ଜୀବନ ସିଲଟରେ ଶିଖାଇଥିବା
ପ୍ରତିଟି ମାତ୍ରା ଲଗେଇ ଶବ୍ଦ ପୁଞ୍ଜେ ଗଢିଛି,
ବାକ୍ୟଟିଏ ତିଆରିଲା ବେଳେ
ପ୍ରଶ୍ନସୂଚୀ ଲାଗୁଛି
ଉତ୍ତର ଦେବାକୁ
କେବଳ ଶୂନ୍ୟସ୍ଥାନଟେ ପଡିଛି !!


♥ କୁରୁଣ୍ଟି, ଢେଙ୍କାନାଳ
(ମୋ) ୮୦୧୮୪୨୫୭୬୪


## ଦୁଷ୍ଟ ବର୍ଷା

**ଶ୍ରୀ ସତ୍ୟବ୍ରତ ସାହୁ**



ସେ ଅନେକ ଦିନ ତଳର କଥା
ମୋ' କଲେଜ ବେଳର,
କ୍ଲାସ ସାରି ସେଦିନ ଫେରୁଥିଲି ଏକା
ଆଗରେ ସାଇକେଲ ଚଲାଇ ଗୋଲାପୀ
ଚୁଡିଦାର ପିନ୍ଧି
ଯାଉଥିଲା ସୁନ୍ଦରୀ ଝିଅଟିଏ..
ଆପଣାଛାଏଁ ମୋ ସାଇକେଲର ବେଗ
ବଢିଗଲା।

ହଠାତ ଆଗପଟରୁ ମାଡିଆସିଲା ବର୍ଷା
ଛତା ଖୋଲିବା ବ୍ୟତୀତ
ଆଉ କିଛି ଚାରା ନଥିଲା
ଦୁହେଁ ଖୋଲିଲୁ ଛତା
ତଥାପି ଆମ ଭିତରେ ଅନେକ ଦୂରତା,
ଝିଅଟିର ଡାହାଣ ହାତରେ ଛତା
ବାଁ ହାତରେ ସାଇକେଲର ହ୍ୟାଣ୍ଡାଲ
ମୋର ବି ସେହି ଏକା ଅବସ୍ଥା।

ହଠାତ ଦଲକାଏ ପବନରେ
ଝିଅଟି ହାତରୁ ଛତା ଉଡ଼ିଗଲା,
ସାଇକେଲ ଚକା ଖସିଗଲା
ଝିଅଟି ରାସ୍ତା ତଳେ,
ତା ଉପରେ ସାଇକେଲ
ଏମିତି ଅବସ୍ଥା
ତୁରନ୍ତ ତା ପାଖରେ ପହଞ୍ଚି
ଉଠେଇଲି ସାଇକେଲ
ହସ୍ତମିଳନ ମୁଦ୍ରାରେ
ଭିଡି ଆଣିଲି ତାକୁ ମୋ' ଛତା ତଳକୁ
ଲାଜରେ ତା ଗୋରା ମୁହଁ
ପୂରା ଲାଲ ପଡିଯାଇଥିଲା
ଚିହ୍ନିଲି...
ସେ ମୋ' ତଳ ବ୍ୟାଚର ଛାତ୍ରୀ ପ୍ରିୟତମା।

ମୁଁ ଟିକିଏ ବଡ଼ ପାଟିରେ କହିଦେଲି
ନ୍ତଦୁଷ୍ଟ ବର୍ଷା'
ସେ ଅପେକ୍ଷାକୃତ ଧୀର କଣ୍ଠରେ କହିଲା,
ହଁ, ନ୍ତଦୁଷ୍ଟ ବର୍ଷା'
ବର୍ଷା ସେମିତି ବର୍ଷୁଥିଲା
ଠିକ୍ ସେହି ମୁହୂର୍ତ୍ତରେ ଆମ ଭିତରେ
ପ୍ରିୟ ସମ୍ପର୍କଟେ ଗଢ଼ି ଉଠିଥିଲା।


♥ ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬
ମୋ-୮୯୧୭୨୭୩୫୪୫

# କବିତାର ସଂଖ୍ୟା ଠାରୁ ତାର ମାନକୁ ଅଗ୍ରାଧିକାର ଦେଲେ ଏହାର ଭବିଷ୍ୟତ ନିଶ୍ଚୟ ସୁରକ୍ଷିତ ରହିପାରିବ : ଭଗବାନ ସାହୁ

**ଭଗବାନ ସାହୁ** ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ କେବଳ କବିତା କି ଗଳ୍ପ ଲେଖନ୍ତି ନାହିଁ ବରଂ ସମ୍ପାଦନା ପରି ଗୋଟେ ଅନନ୍ୟ ସୃଜନଶୀଳ କର୍ମରେ ନିଜକୁ ନିୟୋଜିତ କରି ସାହିତ୍ୟରେ ଆଗାମୀ ପିଢି ନିର୍ମାଣ ଦାୟିତ୍ୱ ନିର୍ବାହ କରି ଓଡିଆ ସାହିତ୍ୟ ଜଗତକୁ କରିଛନ୍ତି ସମୃଦ୍ଧ । ତାଙ୍କ କବିତାମାନଙ୍କର ଛଳଛଳ ଭାବ ଓ ସମ୍ମୋହନୀ ଶବ୍ଦର ପ୍ରୟୋଗ ହିଁ ତାଙ୍କର ପରିଚୟ । "କବି ଜୀବନରେ ପୁରସ୍କାର ଏକ ପ୍ରେରଣା ମାତ୍ର, ପତିଆରା ନୁହେଁ। ଏହାକୁ ନିଜର ପାରିବାପଣିଆ ନ ଭାବି ପରିଚର୍ଯ୍ୟା ମନେକରିବା ଉଚିତ" ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅଳ୍ପରେ ଭଗବାନ ସାହୁ



ଜନ୍ମ- ୧୫-୦୮-୧୯୬୬
ପିତା - ଯଦୁମଣି ସାହୁ
ଠିକଣା - ତୁରିନ୍ତିରା ବାଲିପାଟଣା, ଖୋର୍ଦ୍ଧା - ୭୫୨୧୦୨
(ମୋ) ୯୮୬୧୪୬୩୬୫୧
୮୨୪୯୨୪୮୬୧୨

**ପ୍ରକାଶିତ ପୁସ୍ତକ**

(କବିତା ସଂକଳନ)

୧-ନିଜସହ ଏକା ଏକା
୨- ମିତା ଦାସ
୩- ଇସ୍ ସ୍ ସ୍
୪- ନିରବ ନଈର ଗୀତ

**ଗଳ୍ପ ସଂକଳନ**

୧. ଆଖିଏ ଆକାଶ

କଥା କାହାଣୀ- ଭକ୍ତ ସାଲବେଗ (କିଛି ତଥ୍ୟ କିଛି ଗପ)
ସମ୍ପାଦକ - ସମୟର ପ୍ରାଚୀଧାରା (ତ୍ରୈମାସିକ ସାହିତ୍ୟ ପତ୍ରିକା )
ପ୍ରକାଶକ - ପ୍ରାଚୀଧାରା ପ୍ରକାଶନୀ



ଭଗବାନଙ୍କ ସୁଖୀ ପରିବାର...

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ପ୍ରତ୍ୟେକ ସ୍ରଷ୍ଟାଙ୍କର ସୃଜନର ଆଦ୍ୟ ଉଦ୍‌ଗୀରଣ ହେଉଛି କବିତା । ମଣିଷର ଚିନ୍ତା, ଚେତନା ଭାବନା, ଉପଲବ୍ଧି ଓ ଆବେଗ ଯେତେବେଳେ ପ୍ରାଣକୁ ବ୍ୟାକୁଳ କରେ ବ୍ୟଥିତ କରେ ବା ଆକ୍ରାମାକ୍ରା କରେ ସେତେବେଳେ ସୃଷ୍ଟି ହୁଏ କିଛି ଭାବାନ୍ତର, ଯାହା ବିଭିନ୍ନ ମାଧ୍ୟମ ଦେଇ ପରିପ୍ରକାଶ ହେବାକୁ ବାଟ ଖୋଜେ । ସାମ୍ନାରେ କୁଳୁକୁଳୁ ହୋଇ ବହିଯାଉଥିବା ଝରଣା, ସୁଲୁସୁଲିଆ ପବନରେ ଢେଉ ଭାଙ୍ଗୁଥିବା ଫୁଲ, କୋଇଲିର ମିଠା କୁହୁ, ପ୍ରଜାପତିର ନଖରାମୀ, ମଲ୍ଲୀ ଫୁଲିଆ ଜହ୍ନରାତିର ରୋମାଞ୍ଚ, ଅପରିଚିତା ସୁନ୍ଦରୀ ଲଳନାର ଚୋରା ଚାହାଣୀ ଏବଂ ବେଳାଭୂମିରେ ଅଳସ ଭାଙ୍ଗୁଥିବା ଫାଜିଲ ଜୁଆର, ମନ ଭିତରେ ସୃଷ୍ଟିକରେ ଏକ ରୋମାଞ୍ଚକର ପ୍ରତିକ୍ରିୟା । ଯାହା ସ୍ରଷ୍ଟାକୁ ବାଧ୍ୟକରେ କିଛି ଗୋଟେ ଘଟଣା ଘଟାଇବା ପାଇଁ । ପ୍ରତିଦିନ ସନ୍ଧ୍ୟାରେ ଜେଜେଙ୍କ ପାଖରେ ଭାଗବତ ପଢିବା, ତାଙ୍କଠାରୁ ହାରମୋନିୟମରେ ଛାନ୍ଦ ଚୌପଦୀ ଶୁଣିବା, ଦାଣ୍ଡରେ ଭିକ୍ଷାବୃତ୍ତି ପାଇଁ ଆସିଥିବା ନାଥ ଯୋଗୀଙ୍କ କେନ୍ଦରା ଗୀତ, ବିଶେଷକରି ଚକୁଳିଆ ପଣ୍ଡାଙ୍କର ଶବ୍ଦ ଯୋଡି ଭିକ୍ଷା କରିବାର କୌଶଳ ମୋ ପିଲାଦିନକୁ ଖୁବ୍ ପ୍ରଭାବିତ କରିଥିଲା । ପଞ୍ଚମ ଶ୍ରେଣୀରୁ ବିଭିନ୍ନ ଘଟଣାରେ ସାଙ୍ଗମାନଙ୍କପାଇଁ, ସାର୍ ମାନଙ୍କ ଉପରେ ରାଗ ଶୁଝାଇବା ପାଇଁ ଫାନ୍ଦି କରି କିଛି ଲେଖିବା ଏବଂ ତାହା ଅନ୍ୟମାନଙ୍କ ଦ୍ୱାରା ଆଦୃତ ହେବା ବୋଧହୁଏ ଥିଲା ମୋ କବିତା ଲେଖାର ଆଦ୍ୟ ପଦ ଯାତ୍ରା ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ପ୍ରଥମ ପ୍ରେରଣା ମୋ ପରିବାର । ଜେଜେଙ୍କ ପରେ ବାପାଙ୍କର ମଧ୍ୟ ସଙ୍ଗୀତ ପ୍ରତି ଥିଲା ଅସମ୍ଭବ ଦୁର୍ବଳତା । ହାରମୋନିୟମରେ ଗୀତ ଗାଇବା ସହ ବିଭିନ୍ନ କାବ୍ୟ କବିତା ଓ ଗ୍ରନ୍ଥାବଳୀ ପଢିବାକୁ ସେ ଖୁବ୍ ଭଲ ପାଉଥିଲେ। କେହି ନଥିବା ସମୟରେ ହାରମୋନିୟମ କେଁକେଁ କରିବା, ମୋଟା ମୋଟା ବହିର ପୃଷ୍ଠା ଓଲାଟାଇ ପଢିବା ପ୍ରକାରାନ୍ତରେ ମୋତେ କବିତା ଆଡକୁ ଆକର୍ଷିତ କରିଥିଲା। ପରବର୍ତ୍ତୀ ସମୟରେ ଅଧ୍ୟାପକ ସ୍ୱର୍ଗତ ଅବଦୁଲ ଓସିଦ୍ ଖାଁ, ଡଃ ଭବାନୀ ଶଙ୍କର ଦାଶ, ଅଧ୍ୟାପକ ସଂଳାପକାର ଡଃ ରଜନୀ ରଞ୍ଜନ ଓ ଅଜୟ ସ୍ୱାଇଁ ପ୍ରମୁଖଙ୍କ ଅବଦାନ ଅତୁଳନୀୟ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ଅଷ୍ଟମ ଶ୍ରେଣୀରେ ପଢିବା ବେଳକୁ ମୋର ଗୀତ ଖାତା ତିଆରି ହୋଇ ସାରିଥିଲା । ଆଉ ସେଇ ଗୀତ ଖାତାର ମାମଲତକାର ଥିଲା ମୋର ଜଣେ ସହପାଠିନୀ ବନ୍ଧୁ । ଯାହାର ଅକ୍ଷର ଥିଲା ଖୁବ୍ ସୁନ୍ଦର୍ । ମୁଁ ଲେଖିବି ହେଲେ ସେ ସବୁକୁ ଉତାରିବ ସିଏ । ଏମିତିରେ ସେଇ ବର୍ଷ ମୋର ପ୍ରଥମ କବିତା 'ଟୁଟୁଉକୁମୂଷି' ପତ୍ରିକାରେ ପ୍ରକାଶିତ ହୋଇଥିଲା। ସେଦିନର ଆନନ୍ଦ ଥିଲା ସବୁ ପୁରସ୍କାର ଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ । ଏଯାବତ୍ ମୋର ଗୋଟିଏ ଗଳ୍ପ ଓ ଚାରୋଟି କବିତା ସଂକଳନ ପ୍ରକାଶିତ । ସେ ମଧ୍ୟରୁ ଚର୍ଚ୍ଚିତ 'ମିତା ଦାସ' କବିତା ସଂକଳନ ମୋତେ ସବୁଠାରୁ ଅଧିକ ସଫଳତା ଆଣିଦେଇଛି । ତାର କାରଣ କେବଳ ମୋ ପ୍ରିୟ ପାଠକ ପାଠିକା ମାନେ ହିଁ କହିପାରିବେ।

■ ଓଡ଼ିଆ କବିତାର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ?

■■ ସମାଜ ସବୁସମୟରେ ପରିବର୍ତ୍ତନଶୀଳ। ତେଣୁ କବିତାରେ ସେ ସବୁର ପ୍ରତିଫଳନ ହେବା ସ୍ୱାଭାବିକ । ଜଗତୀକରଣ ପ୍ରଭାବରେ ପରିବର୍ତ୍ତୀତ ହୋଇଛି ମଣିଷର ଜୀବନଚର୍ଯ୍ୟା। ପାରିବାରିକ ଅସ୍ଥିରତା, ମାନସିକ ଚାପ ସର୍ବୋପରି ପାରିପାର୍ଶିକ ସ୍ଥିତି ମଣିଷ ଭିତରୁ ଧର୍ଯ୍ୟ ଓ ସମ୍ବେଦନଶୀଳତାକୁ ଧୀରେ ଧୀରେ ଦୂରେଇ ଦେବାରେ ଲାଗିଛି । ଯାହା ପ୍ରଭାବରେ କବିତାର କଳେବର, ତାର ଭାବ, ଭାଷା ଓ ଶୈଳୀରେ ଘଟିଛି ଅନେକ ପରିବର୍ତ୍ତନ । ତଥାପି ପ୍ରତ୍ୟକଙ୍କର ହୃଦୟରେ କୋଉଠି ନା କୋଉଠି କବିତା ପ୍ରତି ରହି ଆସିଛି ଅହେତୁକ ଦୁର୍ବଳତା । ଯାହା କବିତାର ସ୍ଥିତିଶୀଳତାକୁ ବଜାୟ ରଖିବାରେ ସହାୟକ ହେବ ନିଶ୍ଚିତ ।

■ ଜଣେ ସମ୍ପାଦକ ଭାବରେ କଣ କଲେ କବିତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ କବିତା ବୋଧଗମ୍ୟ ହେଲେ ନିଶ୍ଚୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ଏଥିରେ ସନ୍ଦେହ ନାହିଁ। କିନ୍ତୁ ସେଥିରେ କିଛିଟା ବାସ୍ତବତା ରହିବା ନିହାତି ଜରୁରୀ । ଭାବପ୍ରବଣତା ସବୁ ସମୟରେ ଗ୍ରହଣ ଯୋଗ୍ୟ ନୁହେଁ । ସାଧାରଣ ମଣିଷଟିଏ ବୁଝିବାଭଳି ସହଜ ସରଳ ଭାଷା, ତା'ର ଛାତିକୁ ଛୁଁ ଥିବାପରି ଭାବ, ତା' ଚିନ୍ତା ଚେତନା ସହ ଖାପ ଖାଉଥିବା ବିଚାରଧାରା, ଶବ୍ଦରେ ମାଧୁର୍ଯ୍ୟ ଓ ଅଳ୍ପ ବହୁତ ସାଙ୍ଗିତିକତା ରହିବା ଆବଶ୍ୟକ। ବିଭିନ୍ନ ସାହିତ୍ୟ ସଭାରେ ପାଠ କରାଯାଉଥିବା କବିତା ଉପରେ ଅଙ୍କୁଶ ଲାଗିବା ଦରକାର । ପ୍ରିୟା ପ୍ରୀତିର ଊର୍ଦ୍ଧ୍ୱରେ କେବଳ ନିର୍ବାଚିତ କବିତା ପାଠ କରାଗଲେ ବା ପତ୍ରିକାରେ ସ୍ଥାନିତ ହେଲେ ତାହା ଲୋକମାନଙ୍କ ଦ୍ୱାରା ନିଶ୍ଚିତ ଆଦୃତି ଲାଭ କରିବ । ଏଥିପ୍ରତି ନିଜେ କବି, ସମ୍ପ୍ରତି ଅନୁଷ୍ଠାନ ଏବଂ ସମ୍ପାଦକ ସମୂହ ସଚେତନ ହେବା ବହୁତ ଜରୁରୀ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା କେବେବି ସଙ୍କଟରେ ନଥିଲା, ଏବେ ନାହିଁ କିମ୍ବା ଭବିଷ୍ୟତରେ ବି ରହିବ ନାହିଁ । କେବଳ ଆମ୍ଭେମାନେ ତାକୁ ସଙ୍କଟ ଆଡ଼କୁ ଜୋର୍ କରି ଠେଲିବାରେ ଲାଗିଛେ । ମଣିଷ ଯେତେ ଅଗ୍ରଗତି କରୁ ଯେତେ ଆଧୁନିକ ହେଉ, ତାର ସ୍ୱପ୍ନ କେବଳ ସେ ତାର ମାତୃଭାଷାରେ ଦେଖିବାକୁ ବାଧ୍ୟ। କାରଣ ଏହା ତାର ପ୍ରତିଟି ରକ୍ତ କଣିକା ଆଉ ଅସ୍ଥି ମଜ୍ଜା ସହ ଜଡ଼ିତ। ପାଶ୍ଚାତ୍ୟ ଶିକ୍ଷାର ଅନୁକରଣରେ ଆମେ ନିଜେ ପରିବାର ଭିତରେ ମାତୃଭାଷାକୁ ଅପମାନିତ କରୁଛେ, ଅବମାନନା କରୁଛେ । ବାପା, ବୋଉ, ଦାଦା, ଖୁଡୀ, ମଉସା ମାଉସୀ, ଅଜା, ଆଇ ଆଦି ଡାକକୁ ହେୟ ଜ୍ଞାନ କରି ଡାଡ୍, ମମ୍, ଆଣ୍ଟି ଭଳି ଅଠାଛଡା ଶବ୍ଦମାନ ବ୍ୟବହାର କରୁଛେ। ଜେଜେ ବାପା, ଜେଜେ ମାଆଙ୍କ ଠାରୁ ଗୀତ, ଗପ, କାହାଣୀ ଶୁଣିବା ଆଳରେ ପିଲାମାନଙ୍କ ଠାରେ ଯେଉଁ କୌତୂହଳ ବା ଉତ୍କଣ୍ଠା ସୃଷ୍ଟି ହେଉଥିଲା ପରବର୍ତ୍ତୀ ସମୟରେ ତାହା ତାଙ୍କୁ କିଛିଟା ଜାଣିବା ବା ଶୁଣିବାର ଧୈର୍ଯ୍ୟ ଯୋଗାଇବା ସହିତ ଭଲ ମନ୍ଦ, ଠିକ୍ ଭୁଲର ଫରକ କଣ ଚେତାଉ ଥିଲା । ହେଲେ ସେ ସମୟ ଏବେ ନାହିଁ । ପିଲାଟିକୁ ମୋବାଇଲ ଫୋନ ଧରାଇ ମାଆ ବାପା ସେମାଙ୍କର କର୍ତ୍ତବ୍ୟ ସାରି ଦେଉଛନ୍ତି । ଯାହାର ପରିଣାମ ସ୍ୱରୂପ ସମ୍ପର୍କରେ ବ୍ୟବଧାନ, ପରିବାରରେ ଅଶାନ୍ତି ଆଉ ପରିଣତିରେ ଅସହାୟତା ଏକ ଭୟଙ୍କର ରୂପ ନେଇ ଆବିର୍ଭାବ ହେବାରେ ଲାଗିଛି । ଆମ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ସାରା ବିଶ୍ୱରେ ଅନନ୍ୟ। ପୃଥିବୀରେ ଏମିତି କୌଣସି ଲୋକଗୀତ ନାହିଁ ଯାହା ଆମ 'ଧୋ ରେ ବାୟା ଧୋ' 'ଆ ଜହ୍ନ ମାମୁଁ ସରଗ ଶଶୀ' ଠାରୁ ଅଧିକ ପ୍ରଭାବଶାଳୀ। ଅନ୍ୟପକ୍ଷରେ ଭାଷାକୁ ସୁରକ୍ଷା ଦେବାରେ କବିତାର ଅବଦାନ ସର୍ବାଗ୍ରେ । ପୌରାଣିକ କାବ୍ୟ କବିତା ହେଉ ଅବା ପୁରାଣ ଶାସ୍ତ୍ର ସବୁ କେବଳ କବିତା ପାଇଁ ଅଧିକ ଲୋକପ୍ରିୟ। ଯାହାପାଇଁ କବିତାର ସ୍ଥାନ ସ୍ୱତନ୍ତ୍ର। ଏହାକୁ ଉପଲବ୍ଧି କରି ପ୍ରତ୍ୟେକ ସ୍ରଷ୍ଟା କବିତା ରଚନା କରିବା ସମୟରେ ଅଧିକ ସଚେତନ ରହିବା ନିହାତି ଜରୁରୀ।

■ ଭଲ କବିତାର ସଂଜ୍ଞା କଣ ? କବିତରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ ଆପଣଙ୍କର ଅଛି କି ?


■■ ଭଲ କବିତାର ସଂଜ୍ଞା ନିରୂପଣ କରିବା ଏକ ଧୃଷ୍ଟତା ମାତ୍ର । ତଥାପି କବିତାଟିଏ ଯଦି ସରଳ, ବୋଧଗମ୍ୟ ଓ ସୁଖପାଠ୍ୟ ହୋଇ ପାଠକ ମନରେ ଭାବାନ୍ତର ସୃଷ୍ଟି କରିପାରିଲା, କିଛି ସମୟ ପାଇଁ ପାଠକ ପ୍ରାଣକୁ ଆଚ୍ଛନ୍ନ କରି ପାରିଲା, ତେବେ ତାହା ଭଲ କବିତା। ସବୁ କବିତା ଛାତିକୁ ଛୁଏଁ ନାହିଁ। ଶବ୍ଦ ଆଉ ଛନ୍ଦର ଦୁଇ ବନ୍ଧ ଭିତରେ କୁଳୁକୁଳୁ ହୋଇ ବହୁଥିବା ଭାବର ସ୍ରୋତଟିଏ ହେଉଛି କବିତା । ଯାହା ସାମାଜିକ ସଚେତନତା ଓ ମାନସିକ ପରିବର୍ତ୍ତନ ଆଣିବାରେ ବେଶ୍ ସମର୍ଥ । ଲକ୍ଷ୍ମୀ ପୁରାଣ, ଶ୍ରୀମଦ୍ ଭାଗବତ ଯାହାର ଜ୍ୱଳନ୍ତ ଉଦାହରଣ। ସାମାଜିକ ଗଣମାଧମରେ ଲେଖୁଥିବା ମୋର ଅନେକ ପ୍ରତିବାଦ ମୂଳକ ଛୋଟ କବିତା ଦୁଇ ତିନି ଦିନପରେ ଟେଲିଭିଜନରେ ଆଲୋଚନାର ପ୍ରସଙ୍ଗ ପାଲଟିବା ମୁଁ ଅନେକ ଥର ଲକ୍ଷ୍ୟ କରିଛି । ମଣିଷ ଗୋଟିଏ ସାମାଜିକ ପ୍ରାଣୀ । ତେଣୁ ତାର ମୌଳିକ ସମସ୍ୟା, ଅଭାବ ଅସୁବିଧା ଓ ଆବଶ୍ୟକତାକୁ ସଠିକ ଭାବରେ ଉପସ୍ଥାପିତ କରାଗଲେ ତାହାର ପ୍ରଭାବ ନିଶ୍ଚୟ ସମାଜ ଉପରେ ପଡିବ ଏଥିରେ ଦ୍ୱିରୁକ୍ତି ନାହିଁ ।

■ ଜଣେ କବି - ସଂପାଦକ ଭାବରେ ଓଡିଆ ଭାଷା, ସାହିତ୍ୟ ବିଶେଷ କରି ଓଡ଼ିଆ କବିତାର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ କବିତା ହେଉଛି କାଳଖଣ୍ଡର ଏକ ପ୍ରାକୃତିକ ଅବଦାନ। ଆଦି ଅନାଦି କାଳରୁ ଏହା ପ୍ରକୃତି ସହ ସହବନ୍ଧିତ । ଝରଣାର କୁଳୁକୁଳୁ ହେଉ କି ପକ୍ଷୀର ସଙ୍ଗୀତ, ଭଅଁରର ଗୁଣୁଗୁଣୁ ଅବା ହେଉ ପବନର ସାହାନାଇ ଗୀତ। ସବୁ କିଛି ଗୋଟେ ଗୋଟେ କବିତା । ଯାହା ଆବାହମାନ କାଳରୁ ଥିଲା, ଅଛି ଓ ଆଗକୁ ରହିଥିବ। କବିତା ନ ଶୁଣିଲେ, ଯେଉଁ ଜାତିର ଆରାଧ ଦେବତା କୋଟି ବ୍ରହ୍ମାଣ୍ଡର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ନିଦ୍ରା ଯାଆନ୍ତିନାହିଁ ସେଠି କବିତାର ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିବା କଣ ଦରକାର ? ହଁ ! ଏଠି ଗୋଟିଏ କଥା କିନ୍ତୁ ନିଶ୍ଚୟ କହିବି, କବିତାରେ କିଛିଟା ଅଙ୍କୁଶ ରହିବା ଉଚିତ୍ । ଯାହା ନାଇଁ ତାହା ଲେଖିଦେଲେ କବିତା ହୋଇଯିବନି । ଆମ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ହାସଲ କରିଛି । ଶବ୍ଦର ବିଶାଳ ଭଣ୍ଡାର ଆମ ପାଖରେ। ପ୍ରେମ, ପ୍ରକୃତି, ପରିବେଶର ଅସଂଖ୍ୟ ଘଟଣା ପ୍ରତି ମୁହୂର୍ତ୍ତରେ ଆମକୁ ଭେଟୁଛନ୍ତି । ତେଣୁ କବିତାଟିଏ ଲେଖିବା ସମୟରେ ସାମାନ୍ୟ ସଚେତନ ରହିଲେ ନିଶ୍ଚୟ ସୁନ୍ଦର ସୃଷ୍ଟିଟିଏ ତିଆରି ହୋଇପାରିବ। ପ୍ରତିଯୋଗିତା ମନୋବୃତ୍ତି ପରିହାର କରି, କବିତାର ସଂଖ୍ୟା ଠାରୁ ତାର ମାନକୁ ଅଗ୍ରାଧିକାର ଦେଲେ ଏହାର ଭବିଷ୍ୟତ ନିଶ୍ଚୟ ସୁରକ୍ଷିତ ରହିପାରିବ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ କବି ଜୀବନରେ ପୁରସ୍କାର ଏକ ପ୍ରେରଣା ମାତ୍ର, ପତିଆରା ନୁହେଁ। ଏହାକୁ ନିଜର ପାରିବାପଣିଆ ନ ଭାବି ପରିଚର୍ଯ୍ୟା ମନେକରିବା ଉଚିତ । ଏହା ସ୍ରଷ୍ଟାର ମୌଳିକ ଦାୟିତ୍ୱବୋଧକୁ ସଜାଗ କରିବା ସହିତ ଅଧିକ ଲେଖିବା ପାଇଁ ଉତ୍ସାହ ଓ ପ୍ରେରଣା ପ୍ରଦାନ କରିଥାଏ। ପୁରସ୍କାର ହେଉ ବା ମାନପତ୍ର, ଜଣେ ସ୍ରଷ୍ଟାର ଏହା ସର୍ବଶେଷ ସ୍ୱୀକୃତି ନୁହେଁ ବରଂ ଅସଲ ସ୍ୱୀକୃତି ହେଲା ପାଠକୀୟ ଆଦର ଓ ତାର ସ୍ନେହ ଶ୍ରଦ୍ଧା। ଏବେ ତ ଅନେକ ଏହାକୁ ଜବର ଦଖଲ କରିବା ପାଇଁ କଳ, ବଳ, କୌଶଳ ପ୍ରୟୋଗ କରିବାକୁ ପଛଘୁଞ୍ଚା ଦେଉ ନାହାନ୍ତି, ଯାହା ସବୁଠାରୁ ବଡ ବିଡ଼ମ୍ବନାର ବିଷୟ। ବୁଝିପାରୁ ନାହାନ୍ତି, ମାଗି ଖାଇବା ଓ ଲାଗି (ଖଟି)ଖାଇବାର ଫରକ । ସାହିତ୍ୟ ସବୁବେଳେ ସମାଜର ହିତ ସାଧନ ପାଇଁ ଉଦ୍ଦିଷ୍ଟ। ଏହା ସମ୍ପର୍କକୁ ଯୋଡ଼େ, ଅନ୍ୟକୁ ଭଲପାଇବା ଶିଖାଏ, ପରସ୍ପର ମଧ୍ୟରେ ସମବେଦନାର ଭାବ ସୃଷ୍ଟିକରେ । ଏଠି ସଭିଙ୍କୁ ମୋର ଗୋଟିଏ ନିବେଦନ ରହିବ, ପ୍ରଥମେ ମଣିଷକୁ ଭଲ ପାଇବା ଶିଖନ୍ତୁ , ମନରୁ ବିକାର ମୁକ୍ତ କରି ଦେଶ ଜାତି ତଥା ସମାଜର ସ୍ୱାର୍ଥରେ ନିଜକୁ ସାମିଲ କରନ୍ତୁ । ଈର୍ଷା ଦ୍ୱେଷ ଅହଙ୍କାରର ଊର୍ଦ୍ଧ୍ୱରେ ସଂପ୍ରୀତି ଓ ସଦ୍ଭାବନାର ଭାବ ନେଇ 'ବସୁଧୈବ କୁଟୁମ୍ବକମ୍'ର ମହାନ ମନ୍ତ୍ରରେ ନିଜକୁ ଦୀକ୍ଷିତ କରାନ୍ତୁ । ଜୟ ଜଗନ୍ନାଥ । ବନ୍ଦେ ଉତ୍କଳ ଜନନୀ । ♥♥



ସୁଖୀ ପରିବାର : ପତ୍ନୀ ଓ ଦୁଇ କନ୍ୟା ରତ୍ନଙ୍କ ସହ କବି ଭଗବାନ ସାହୁ...



ସାହିତ୍ୟ ସଭାରେ ସମ୍ପାଦକ କବି ଭଗବାନ ସାହୁ...



ସ୍ମୃତି ଅପାଶୋରା : ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

# ପୂର୍ଣ୍ଣମିଦମ୍



**ଧାରାବାହିକ ଅନୁବାଦ ଉପନ୍ୟାସ**

**ହିନ୍ଦୀ ମୂଳ- ସରୋଜ କୌଶିକ**
**ଅନୁବାଦ- ନମିତା ପାଇକରାୟ**



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୁର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୨**
**(ପୂର୍ବ ପ୍ରକାଶିତ ଉତ୍ତାରୁ)**

ବୁଝିବାକୁ ହେବ । ଦୁର୍ବଳ ଶରୀର- ରୋଗ ଦୁର୍ବାର ।'

ମୃତ୍ୟୁର ଭୟ ନଥିଲା । ଭୟ ଥିଲା ଏ ଦୁର୍ବଳ ଶରୀର ମୃତ୍ୟୁ ଆଡ଼କୁ ଧାଉଁଥିଲା । ଝିଅ ରିଚାର ବୟସ ଯୁବା ହୋଇ ହୋଇ ଯାଉଥିଲା । ଯୁବତୀ ଝିଅକୁ ସଂସାର ହାଟରେ ଏକା ଛାଡ଼ି ଦେଇ ଯିବାର ଭୟ ଗ୍ରାସ କରୁଥିଲା ପଣ୍ଡିତଙ୍କୁ, ଅତୀତର କଥା । ରିଚାର ମାଆ, ଦରିଦ୍ରତା ପାଇଁ କଷ୍ଟ ସହି ନପାରି ପରପୁରୁଷ ସହ ପଳାୟନ କରିଥିଲା । ସେହିଦିନଠାରୁ ପଣ୍ଡିତଜୀ ରିଚାକୁ ଧରି ଚାଲି ଆସିଥିଲେ ଏ ଗାଁକୁ । ରିଚାକୁ ଧରି ସେଠ୍ ସାହେବଙ୍କ କୋଠିରେ ପହଞ୍ଚିଲେ । ସେଠ୍ ସାହେବ ପୁରା ଗାଁର ବାବୁ ସାହେବ ଥିଲେ ।

ବାବୁ ରାମଦାସ ସେତେବେଳେ ଗାଁରେ ରହୁଥିଲେ । ସେହି ସମୟରେ ମଠକୁ ଯିବାକୁ ବ୍ୟବସ୍ଥା କରୁଥିଲେ । ସନ୍ଧ୍ୟା ସମୟ ସ୍ୱାମୀଜୀଙ୍କ ସହ ଗୀତା ପ୍ରଶ୍ନୋତ୍ତର, ଇଂରାଜୀ ସାହିତ୍ୟ ଦର୍ଶନ ତ କେବେ କେବେ ସମାଜନୀତି, ରାଜନୀତିର ଚର୍ଚ୍ଚା ବି ହୋଇ ଯାଉଥିଲା । ଏମାନେ ଦୁଇଜଣ ବାଲ୍ୟବନ୍ଧୁ ଥିଲେ । ସେତେବେଳେ ସ୍ୱାମୀଜୀଙ୍କ ନାମ ଅଖିଳେଶ ସେନ୍ ଥିଲା । ଜୀବନର ରହସ୍ୟ ଓ ତା'ର ସତ୍ୟ ଜାଣିବାର ଜିଜ୍ଞାସା ପାଇଁ ସମୁଦ୍ରଠାରୁ ହିମାଳୟ ପର୍ଯ୍ୟନ୍ତ ପରିଭ୍ରମଣ କରି କରି ସନ୍ୟାସୀ ହୋଇ ଯାଇଥିଲେ । ମଠକୁ ଯିବାପାଇଁ ପ୍ରସ୍ତୁତ ହେଉଥିଲେ ସେଠ୍ ସାହେବ, ଠିକ୍ ସେତିକି ବେଳେ ରିଚାର ହାତଧରି ପଣ୍ଡିତଜୀ ପହଞ୍ଚିଥିଲେ । 'ଜୟ ଶ୍ରୀକୃଷ୍ଣ ପଣ୍ଡିତଜୀ, ପ୍ରସାଦ ଆଣିଛନ୍ତି କି ? ଦିଅନ୍ତୁ ।'

ପଣ୍ଡିତଜୀ କହିଲେ, 'ଜୟ ଶ୍ରୀରାଧା ବାବୁସା । ପ୍ରସାଦ ତ ଦେବା ପାଇଁ ଆସିଛି । ଆଜି ତୁଳସୀ ମିଶ୍ରିତ ପ୍ରସାଦ ଦେବାକୁ ନୁହେଁ, ଯେଉଁ ପ୍ରସାଦ ମୁଁ ଯଜ୍ଞ ସ୍ୱରୂପ ପାଇଥିଲି, ଆଜି ସେହି ମାନବୀ ପ୍ରସାଦ ଆପଣଙ୍କୁ ଦେବାକୁ ଆସିଛି । ଏତିକି କହି ପଣ୍ଡିତଜୀ ରିଚାକୁ ସେଠ ସାହେବଙ୍କ ସମ୍ମୁଖରେ ଠିଆ କରାଇଲେ ।

ବାବୁସା ଆବାକ୍ ହୋଇ ଚାହିଁ ରହିଲେ ।

ଅଣନିଶ୍ୱାସୀ ହୋଇ କାଶି କାଶି ପଣ୍ଡିତଜୀ କହିଲେ, 'କାଲି କେଉଁ କ୍ଷଣରେ ମୋତେ ଯମ ନେଇଯିବ । ମୋତେ ଭୟ ନାହିଁ । କିନ୍ତୁ ଏ କନ୍ୟାର ଚିନ୍ତା ମୋତେ ଗ୍ରାସୁଛି । ଗୋଟିଏ ଧର୍ମନିଷ୍ଠ ବ୍ରାହ୍ମଣ ଘରେ ରିଚା ପରି କନ୍ୟାଧନ ଛଡ଼ା କିଛି ନାହିଁ । ବିବାହର ସମ୍ଭାବନା ମଧ୍ୟ ନାହିଁ । ଆପଣ ଯାକୁ ଦ୍ୱିତୀୟ କନ୍ୟା ଭାବି ଗ୍ରହଣ କରନ୍ତୁ । 'ଶେଷ ବାକ୍ୟ ଉଚ୍ଚାରଣ କରୁ କରୁ ପଣ୍ଡିତଜୀଙ୍କର ଆଖି ଛଳଛଳ ହୋଇ ଯାଇଥିଲା ।

'ଶାନ୍ତ ହୁଅନ୍ତୁ ପଣ୍ଡିତଜୀ । ଆପଣଙ୍କ ତ ଜଣା ଅଛି, ଏଠାରେ ଏବଂ କଲିକତାରେ ଦୁଇଟି ସ୍ଥାନରେ ମୁଁ ଏକା ରହୁଛି ।

ଗୌରା ତାର ତେଜିଲା କଡ଼ା ସ୍ୱଭାବ ପାଇଁ ଯାକୁ ଯଦି କିଛି ଅପଶବ୍ଦ କହିଦିଏ, ଗୋଟିଏ ବ୍ରାହ୍ମଣ କନ୍ୟାକୁ ଅପମାନର ପାପ ମୋତେ ବି ତ ଲାଗିବ । ଧନର ବ୍ୟବସ୍ଥା କରି ଦେଉଛି, ସେ ପର୍ଯ୍ୟନ୍ତ କୌଣସି ଆଶ୍ରମର ବ୍ୟବସ୍ଥା କରି ଦେବି ।'

'ନାହିଁ ବାବୁସା । ଆଶ୍ରମରେ ମୋ ସୁନା ପରି କନ୍ୟା ପ୍ରତିମା କାଳେ କେଉଁଠି ବିସର୍ଜିତ ହୋଇଯିବ । ଧନ ମୁଁ ଗ୍ରହଣ କରେନାହିଁ । ଆପଣ ଯାକୁ ଗୋପାଳବଲ୍ଲଭଙ୍କ ଚାରଣରେ ରହିବାର ଅଧିକାର ବ୍ୟବସ୍ଥା କରି ଦିଅନ୍ତୁ ।'

'ମନ୍ଦିର ଅଧୀନରେ ? ଜାଣିଛନ୍ତି ମନ୍ଦିର ଅଧିନରେ ରହିବା ଦେବଦାସୀ ସମାନ ହେବ । ଗୁରୁ ଏବଂ ଗୋପିବଲ୍ଲଭଙ୍କ ସେବା ଛାଡ଼ି ଆପଣଙ୍କ କନ୍ୟା କୌଣସି ଅନ୍ୟ ପୁରୁଷର ସଂପର୍କରେ ରହି ପାରିବନି । ଆପଣଙ୍କ ସହ ମଧ ସଂପର୍କ ରଖି ପାରିବନି ।

ପଣ୍ଡିତଜୀ କହିଲେ, 'ସେବା ନହେଲା ନାହିଁ । ଶାନ୍ତି ତ ମିଳିବ । ମୋ ପାଇଁ ସେତିକି ଯଥେଷ୍ଟ ।'

ରିଚା ସ୍ତବ୍ଧ । ଠିଆ ହୋଇ ଶୁଣି ପାରୁଥିଲା, ତା ବାପା କେମିତି ଶୁଖିଲା ଡାଳ ପରି ଭାଙ୍ଗି ପଡୁଥିବା ଶବ୍ଦକୁ । ସେଠଜୀ ରିଚା ଠାରୁ ଆଶ୍ୱାସନା ପାଇବାକୁ ଚାହିଁଲେ ।

'ଦେଖ ରିଚା, ତୋର ବାପାଙ୍କ ଭାବୁକତା ପାଇଁ ତୋ ଜୀବନକୁ ଏମିତି ବ୍ୟର୍ଥ ହେବାକୁ ଦେଏନା । ଝିଅ ସଂକଳ୍ପ ନେବା ସହଜ କଥା, କିନ୍ତୁ ତାକୁ ପାଳନ କରିବା ବଡ଼ କଠିନ । ଭାବି ଚିନ୍ତି ଉତ୍ତର ଦେବୁ । ସମୟ ବହୁତ ଅଛି ।'

ନବଲ ପଣ୍ଡିତଙ୍କ କାତର ଦୃଷ୍ଟି ସାମ୍ନାରେ ରିଚାକୁ ତା'ର ବର୍ତ୍ତମାନ ଭବିଷ୍ୟ ସବୁ କିଛି ମହତ୍ତ୍ୱହୀନ ଲାଗିଲା । 'ପିତୃଋଣ' ଏକ ତ୍ୟାଗ ତ ମାଗୁଛି । ସ୍ଥିର ଶବ୍ଦରେ ରିଚା କହିଲା, 'ବିଶ୍ୱାସ କର ବାବୁସା, ବାପା ଯେଉଁ ଧର୍ମକୁ ମୋ କାନ୍ଧରେ ରଖିବାକୁ ଭାବୁଛନ୍ତି ତାକୁ ସବୁ ସ୍ଥିତିରେ ଧାରଣ କରିବି ।'

ସେଠଜୀ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ । 'ରିଚା ତୋ ଭାବନା ତୋ ବୟସରୁ ବଡ ବୋଲି ପ୍ରମାଣ ହେଉଛି । କିନ୍ତୁ ମନେରଖ ସଂକଳ୍ପ ତୁ ସାକ୍ଷାତ ଗୋପୀବଲ୍ଲଭଙ୍କ ସାମ୍ନାରେ କରୁଛୁ । ତୋ ପ୍ରତିଜ୍ଞାର ସାକ୍ଷୀ ସେ ନିଜେ ଗୋପୀବଲ୍ଲଭ ।

'ତାଙ୍କୁ ସାକ୍ଷୀ ରଖି କହୁଛି । ମୋତେ ମଠକୁ ପଠାଇବାକୁ ପ୍ରସ୍ତୁତି କରନ୍ତୁ । ଯେଉଁଥିରେ ମୋହ ମାୟାରେ ବିହ୍ୱଳ ମୋ ବାପାଙ୍କ ଆତ୍ମାକୁ ଶାନ୍ତି ମିଳିବ ।' କହି ଭୂମି ଉପରେ ସାଷ୍ଟାଙ୍ଗ ପ୍ରଣିପାତ ମୁଦ୍ରାରେ ପଡ଼ିଗଲା । ଯେମିତି ଗୋପୀବଲ୍ଲଭ ସେଇଠି ବିରାଜମାନ କି ସତରେ ।

'କାଲି ଶୁଭ ଦିନ । ପଣ୍ଡିତଜୀ ରିଚାକୁ ନୂଆ ବସ୍ତ୍ର ପିନ୍ଧାଇ ମଠକୁ ନେଇ ଆସନ୍ତୁ । ସେହିଠାରେ ସବୁ କାର୍ଯ୍ୟକ୍ରମ ହୋଇଯିବ ।' ସିଡ଼ି ଓହ୍ଲଉ ଓହ୍ଲଉ କହି କହି ସେଠଜୀ ଗଲେ ।

'କିନ୍ତୁ ସ୍ୱାମୀ ? ତାଙ୍କର ଅନୁମତି ?' ପଣ୍ଡିତଜୀ ବ୍ୟସ୍ତତା ସହ ପଚାରିଲେ ।

'ଗୋପୀବଲ୍ଲଭ ଠାରୁ ଆଉ କିଏ ବଡ଼ ଅଛି ପଣ୍ଡିତଜୀ ? ଯଦି ରିଚା ତାଙ୍କୁ ସ୍ୱାମୀ ସ୍ୱିକାର କରିଛି, ସ୍ୱାମୀଜୀ ତାଙ୍କୁ ନିଶ୍ଚିତ ଦୀକ୍ଷା ଦେବେ ।' କହିସାରି ସେ ମୋଟର କାରରେ ବସିଗଲେ । ଯାଉ ଯାଉ ପଣ୍ଡିତଜୀଙ୍କ ହାତରେ ପାଞ୍ଚଶତ ଟଙ୍କା ଧରାଇ ଦେଇ ଗଲେ ।

ପରଦିନ ଜଙ୍ଗଲର ସେହି ବରଗଛ ତଳେ ବିରେଶ୍ୱର ବଂଶୀ ବଜାଇ ବଜାଇ ଦିନ ବିତାଇ ଦେଲା । ରିଚା ଆସିଲାନି । ରିଚାର ଆଖି ବୀରୁର ଚିନ୍ତାରେ ସଜଳ ହୋଇଗଲା ।

ନା, ନା କିଛି ଭାବନାକୁ ଆଣିବା କଥା ନୁହେଁ । ଭାବନା ଚିନ୍ତାରେଖାକୁ ଆହୁରି ଗଭୀର କରିଦିଏ । ଲିଭାଇ ପାରେନା । ନିଜ ଘରର ଏରୁଣ୍ଡି ଡେଇଁଲା ପରେ ସେ ଉଚ୍ଚାରଣ କରିଲା, 'ଏବେ ଏ ଜୀବନର ସବୁ ଭାରକୁ ତୁମକୁ ସମର୍ପଣ କରିଦେଲି, ସବୁକିଛି ଏବେ ତୁମ ହାତରେ' ଏବଂ ମଠରେ ରିଚାକୁ ଗୋପୀବଲ୍ଲଭଙ୍କୁ ସମର୍ପଣ କରି ଦିଆଗଲା । ମଙ୍ଗଳ ଏବଂ ପୂଣ୍ୟ ପରିଣୟ ଉତ୍ସବରେ ପୌରାହିତ୍ୟ କରୁଥିବା ସ୍ୱାମୀ ସ୍ୱରୂପାନନ୍ଦ ନିଜେ ଏହି ତାପସୀ କନ୍ୟା ରିଚାକୁ ଆର୍ଶୀବାଦ କଲେ ।

ପଣ୍ଡିତଜୀ ଯେତେବେଳେ ଘରେ ପହଞ୍ଚିଲେ ରାତି ହୋଇ ସାରିଥିଲା । ଅନ୍ଧାରରେ ଗୋଟେ କୋଣରେ ବିରୁ ବସିଥିବା ଦେଖି ଚମକି ପଡ଼ିଲେ ।

ବିରୁ ପଚାରିଲା, 'ରିଚା କୁଆଡ଼େ ଗଲା ?'

ପଣ୍ଡିତଜୀ ଉତ୍ତର ଦେଲେ, 'ଠାକୁରଙ୍କ ଘରକୁ ।'

ତୀରପରି ଶବ୍ଦଗୁଡ଼ିକ ବିରେଶ୍ୱର ଭିତରକୁ ପଶିଗଲା । ବ୍ୟସ୍ତ ହୋଇ ପଚାରିଲା ବିରୁ, 'କ'ଣ ଠାକୁରଙ୍କୁ ସମର୍ପି ଆସିଲ ରିଚାକୁ ?'

ପଣ୍ଡିତଜୀଙ୍କ ବେକ ହଲେଇବା ମୁଦ୍ରାକୁ ଦେଖି ବାହାରକୁ ବାହାରି ଆସିଲା । ବାହାର ଅନ୍ଧାରରେ ମିଳେଇ ଗଲା ।

ନିଜ ଘରେ ପହଞ୍ଚିବା ପୂର୍ବରୁ ପୋଖରୀକୁ ବଇଁଶୀକୁ ଫୋପାଡ଼ିବାକୁ ଭୁଲିନଥିଲା । ରିଚା ବିନା ସବୁ ଅର୍ଥହୀନ ହୋଇଗଲା । ବଂଶୀ, ପୋଖରୀ, ବରଗଛ ଏବଂ ସେ ନିଜେ ।

ପନ୍ଦରଦିନ ଭିତରେ ପଣ୍ଡିତଜୀଙ୍କ ଜୀବନକାଳ ପୁରିଗଲା । ରିଚାକୁ ଖବର ଜଣାଇବା ପାଇଁ ଟୁକ୍‌ଟୁକୀ ଆସିଥିଲା । ତା'ର ଛୁଆବେଳର ସାଙ୍ଗ ସଖୀ । ନିଃସଙ୍ଗ ହୋଇଯିବାର ପୀଡ଼ା, ମୁହୂର୍ତ୍ତକ ଭିତରେ ତା'ର ଅସ୍ତିତ୍ୱ, ତାର ସଂକଳ୍ପ, ତା'ର ଶକ୍ତିକୁ ଦୁର୍ବଳ କରିଦେଲା । କିନ୍ତୁ ମନେ ପଡ଼ିଗଲା । ବାପୁଙ୍କ କାମନା ଓ କାତର ଦୃଷ୍ଟି ନିଜକୁ ନିଜ ଭିତରେ ଦୃଢ଼ କରିବାରେ ଲାଗିଲା ରିଚା । ମନ୍ଦିରରେ ସେ ଯେତେବେଳେ ଗାଉଥିଲା, 'ନାଥ ତୁ ଅନାଥର, ଅନାଥ କାହାର', ସେତେବେଳେ ତାର ସ୍ୱର ଭିଜା ଭିଜା ଶୁଭୁଥିଲା । ଦରଦ ଭରା ।

ସ୍ୱାମିଜୀ ଯାହାଙ୍କୁ ରିଚା ଶ୍ରଦ୍ଧାରେ ବାବା ବୋଲି ଡାକେ, ସେ ରିଚାର ମନର ସ୍ଥିତିକୁ ବୁଝିପାରି, ତାକୁ ବୁଝାଇବାକୁ ଲାଗିଲେ, ଦେଖ ଝିଅ ବାସନା ଓ ମୋହ ତ୍ୟାଗ କଲେ ଯାଇ ପ୍ରକୃତ ଦୃଢ଼ ଶକ୍ତି ପ୍ରାପ୍ତ ହେବ । ପିତୃ-ପରିତୋଷ ନଚିକେତା ଯମଠାରୁ ପ୍ରଥମ ବର ଏହା ହିଁ ମାଗିଥିଲେ । ତୋ ପାଇଁ ବି ପିତାଙ୍କ ଶାନ୍ତି ଅଭୀଷ୍ଟ ହେବା ଜରୁରୀ । ଗୋଟିଏ ମନ୍ତ୍ର ଦେଉଛି ଜପକର । ପ୍ରତିଦିନ, ଦୁଃଖରେ, ସୁଖରେ, କ୍ଲାନ୍ତିରେ, ଶାନ୍ତିରେ, ଅନ୍ଧାରରେ, ଉଜ୍ଜଳତାରେ ସବୁ ସମୟରେ ଜପ କରୁଥିବୁ ।'

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦମ୍
ପୂର୍ଣ୍ଣାତ୍ ପୂର୍ଣ୍ଣ ମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ
ପୂର୍ଣ୍ଣମେବାବିଶିଷ୍ୟତେ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଭବତୁ ସର୍ବମଙ୍ଗଳର ଆର୍ଶୀବାଦ ଦେଇ ସେ ତାଙ୍କ ଶୟନ କକ୍ଷକୁ ଚାଲିଗଲେ । ରିଚା ନିଜ କକ୍ଷକୁ ଆସିଗଲା । କେଜାଣି କେମିତି ଅଭିଶପ୍ତ ସମୟ ଥିଲା, ଯିଏ ତାର ପୂର୍ଣ୍ଣ ଜୀବନର ଚଞ୍ଚଳ ଆନନ୍ଦ ଏବଂ ରସପୂର୍ଣ୍ଣ ଶୈଶବର ଯାତ୍ରାକୁ ମୂଳରୁ ଓପାଡ଼ିବାର ସିଦ୍ଧାନ୍ତ ନେଇଗଲା । ଏ ଶୂନ୍ୟପଥର ସୂକ୍ଷ୍ମତାକୁ ସାମ୍ନା କରିବ ବୋଲି ତା'ର ସାମାନ୍ୟ ମାତ୍ର ଜ୍ଞାନ ନଥିଲା । ଯଦିବା ତାର ଜ୍ଞାନ ଥାଆନ୍ତା ତା' ହେଲେ ବି କଣ ହୋଇ ଥାଆନ୍ତା । ସେ କିଛି ବି କରି ପାରି ନଥାନ୍ତା । କିଛି ବି ନୁହେଁ । ହଠାତ୍ ବସୁ ବସୁ ସେଇଠି ସେ ପୂର୍ଣ୍ଣମିଦମ୍ ଶ୍ଳୋକ ଜପ କରିବାକୁ ଲାଗିଲା । ଏବେ ତାକୁ ପୂର୍ଣ୍ଣତ୍ୱକୁ ପ୍ରାପ୍ତ କରିବାକୁ ହେବ । ଶ୍ରଦ୍ଧାପଥରୁ ଆତ୍ମ ଉନ୍ନନ ଏବଂ ବ୍ରହ୍ମବୋଧର ଅନନ୍ତ ଯାତ୍ରାର ଆରମ୍ଭ ।

ସ୍ୱାମୀଜୀ ରିଚାର ଗତିମତିକୁ ପଢ଼ିପାରୁଥିଲେ । ଦିନେ ସେ ରାମଦାସକୁ କହିଲେ, ବୁଝିଲୁ ରାମ, ରିଚାକୁ ଦେଖି ମୋର ଅଶ୍ୱପତିଙ୍କ କନ୍ୟା ସାବିତ୍ରୀ ମନେ ପଡୁଛନ୍ତି । ଶ୍ରୀ ଅରବିନ୍ଦଙ୍କ ରଚିତ 'ସାବିତ୍ରୀ' ମହାକାବ୍ୟରେ ନାରଦ ଯେଉଁ କ୍ଷଣରେ ସାବିତ୍ରୀକୁ ଦେଖିଲେ, ସେଇଠି ପଚାରିଲେ, 'କିଏ ଆସୁଛି ଏ ନବବଧୂ ପରି, ଆଭାମୟୀ, ସୁରଭିତ ଛନ୍ଦରେ ।' ରିଚା ଭିତରର ଏକ ଅନୁପମ ଆତ୍ମାର ବିଶୁଦ୍ଧ ସ୍ୱର୍ଶ ପାଉଛି । ଏହାର ଭବିଷ୍ୟ ସୁନ୍ଦର, ଉନ୍ନତ, ଦେଖି ପାରୁଛି ମୁଁ । ଏ କଥା ସତ ଏହାର ବୀଜରୋପଣ ମଠରେ ହୋଇଛି । କିନ୍ତୁ ଯାର ସୁଗନ୍ଧ ଚତୁର୍ଦ୍ଦିଗକୁ ସୁରଭିତ କରିବ ।

(କ୍ରମଶଃ)

❤ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

# ଜୟୀ ରାଜଗୁରୁ



**ଦିଲ୍ଲୀପ କୁମାର ସାହୁ**

୧୮୦୬ ମସିହା ଡିସେମ୍ବର ୬ ତାରିଖ ସକାଳ । ସେଦିନ ଜଣେ ଦେଶପ୍ରେମୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଏହି ମୃତ୍ୟୁଦଣ୍ଡ ଦିଆଯାଇଥିଲା ବର୍ତ୍ତମାନର ପଶ୍ଚିମବଙ୍ଗ ରାଜ୍ୟର ମେଦିନପୁର ଜେଲ ନିକଟବର୍ତ୍ତୀ ବାଘିତୋଟାରେ । ତୋଟାରେଥିବା ଗୋଟିଏ ବରଗଛର ଦୁଇଟି ଡାଳକୁ ଟାଣିଆଣି ସେହି ଡାଳ ଦୁଇଟିରେ ତାଙ୍କ ଗୋଡ ଦୁଇଟିକୁ ବାନ୍ଧି ଛାଡିଦିଆଗଲା । ଫଳରେ ଦେହଟା ତାଙ୍କର ଦୁଇଫାଳ ହୋଇ ଚିରିଗଲା । ବୀର ରକ୍ତରେ ଭିଜିଗଲା ବାଘିତୋଟାର ମାଟି । ଇଂରେଜ ସରକାରଙ୍କ ବିରୁଦ୍ଧରେ ସଙ୍ଗ୍ରାମ କରି ନିର୍ମମ ଭାବରେ ମୃତ୍ୟୁବରଣ କଲେ ବୀର । ସେ ବୀର ନୁହେଁତ ମହାବୀର । ମହାବୀର ଜୟୀରାଜଗୁରୁ ।

ଜୟୀରାଜଗୁରୁ । ଇଂରେଜ ସରକାରଙ୍କ ଦ୍ୱାରା ମୃତ୍ୟୁଦଣ୍ଡ ପାଇବାରେ ଭାରତବର୍ଷର ପ୍ରଥମ ସହିଦ ଥିଲେ ଜୟୀରାଜଗୁରୁ । ତାଙ୍କର ପ୍ରକୃତ ନାଆଁ ଜୟକୃଷ୍ଣ । ପୁରୀ ଜିଲ୍ଲାର ହରେକୃଷ୍ଣପୁର ଶାସନରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖ ଦିନତାଙ୍କର ଜନ୍ମ । ସେଦିନ ଥିଲା ଅଁଳା ନବମୀ । ପିଲାଦିନେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରିବା ସହିତ ସମରକଳା ମଧ୍ୟ ଶିକ୍ଷା କରିଥିଲେ । ତାଙ୍କ ପିତା ଖୋରଧା ରାଜାଙ୍କର ରାଜଗୁରୁ ଥିଲେ । ୧୭୮୦ ମସିହାରେ ପିତାଙ୍କର ମୃତ୍ୟୁ ଘଟିଥିଲା । ସେତେବେଳ ପିତାଙ୍କ ଅନ୍ତେ ଖାଲି ପଡିଥିବା ରାଜଗୁରୁ ପଦରେ ସ୍ଥାନ ପାଇଥିଲେ ଜୟକୃଷ୍ଣ । ତାପରଠାରୁ ସବୁଠାରେ ସେ ଜୟୀରାଜଗୁରୁ ଭାବରେ ପରିଚିତ ହେଲେ ।

ଜୟୀରାଜଗୁର ଥିଲେ ଯେମିତି ଜ୍ଞାନୀ ସେମିତି ବୁଦ୍ଧିମାନ ।ସେ ଖୁବ୍ ଚତୁର ଓ ସମର କଳାରେ ପାରଙ୍ଗମ । ୧୭୯୮ ମସିହାରେ ଖୋରଧାର ରାଜା ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ଘଟିଲା । ସିଂହାସନ ଆରୋହଣ କଲେ ନାଆବାଳକ ଦ୍ୱିତୀୟ ମୁକୁନ୍ଦଦେବ । ମୁକୁନ୍ଦଦେବ ସିନା ରାଜା ହେଲେ, ପ୍ରକୃତ ରାଜଭାର ସମ୍ଭାଳିଲେ ଜୟୀରାଜଗୁରୁ ।

ଜୟୀରାଜଗୁରୁ ଚାହୁଁଥିଲେ ରାଜ୍ୟର ପ୍ରତିଘରୁ ଜଣେଜଣେ ବୀର ପାଇକ ବାହାରିଲେ ଖୋରଧା ଗଡକୁ ଶତୃମାନେ ଆକ୍ରମଣ କରିବାକୁ ଭୟ କରିବେ । ଖୋରଧା ତାର ସ୍ୱାଧୀନତା ବଜାୟ ରଖିବ । ତେଣୁ ଗାଁଆ ଗାଁଆରେ ପାଇକ ଆଖଡାମାନ ପ୍ରତିଷ୍ଠା କରାଗଲା । ପିଲାମାନେ କିଶୋର ଅବସ୍ଥାରୁ ରଣ କୌଶଳ ଶିକ୍ଷା ଆରମ୍ଭ କଲେ । ଫଳରେ ଖୋରଧାରେ ଏକ ଦୁର୍ଦ୍ଧର୍ଷ ପାଇକ ବାହିନୀଗଠନ ସମ୍ଭବ ହୋଇପାରିଲା । ସେତେବେଳେ ଖୋରଧା ଗଡ ନାଁଆ ଶୁଣିଲେ ଶତୃମାନେ ଭୟରେ ଥରି ଉଠୁଥିଲେ । ଏପରିକି ଆଧୁନିକ ଅସ୍ତ୍ରଶସ୍ତ୍ରର ସଜ୍ଜିତ ବ୍ରିଟିଶ ସେନା ବାହିନୀ ମଧ୍ୟ ଖୋରଧା ପାଇକଙ୍କୁ ଭୟ କରୁଥିଲେ ।

୧୮୦୩ ମସିହାରେ ଇଂରେଜମାନେ ମରହଟ୍ଟାମାନଙ୍କୁ ପରାସ୍ତକରି କଟକ ବାରବାଟୀ ଦୁର୍ଗକୁ ଅଧିକାର କରିନେଲେ । ଏହାପରେ ସେମାନଙ୍କର ଦୃଷ୍ଟି ପଡିଲା ଖୋରଧା ଉପରେ । ଇଂରେଜ ସରକାରଙ୍କ ବଶତା ସ୍ୱିକାର ପାଇଁ ବ୍ରିଟିଶ ଶିବିରରୁ ଖୋରଧା ଗଡକୁ ପତ୍ର ପ୍ରେରଣ କରାଗଲା । ଖୋରଧା ରାଜାଙ୍କ ପକ୍ଷରୁ ଜୟୀ ରାଜଗୁରୁ ଏହାକୁ ପତ୍ୟାଖାନ କଲେ ଓ ଦୁର୍ଦ୍ଧର୍ଷ ପାଇକ ବାହିନୀକୁ ଧରି ବାରବାଟୀ ଦୁର୍ଗ ଆକ୍ରମଣ କଲେ । ସୀମିତ ଗୋରା ସୈନୀକ ପାଇକଙ୍କ ପାଖରେ ହାର୍ ମାନିଲେ ।

ଏହା ଇଂରେଜ ସରକାରଙ୍କ ପ୍ରତିନିଧିଙ୍କୁ ଖୁବ୍ ବାଧିଲା । ତେଣୁ ସେ ମାନ୍ଦ୍ରାସରୁ ବିପୁଳ ସୈନ୍ୟଙ୍କୁ ଡକାଇ ପଠାଇଲେ । ପହଞ୍ଚିଗଲେ ଗୋଳାବାରୁଦରେ ସୁସଜ୍ଜିତ ବିରାଟ ବ୍ରିଟିଶ ସୈନ୍ୟ ବାହିନୀ । ହେଲେ ସେଥିକି ଭୟ ନଥିଲା ଜୟୀ ରାଜଗୁରୁଙ୍କର । ଦୁର୍ଦ୍ଧର୍ଷ ପାଇକ ବାହିନୀ ଦ୍ୱାରା ହାରୁହାରୁ ଜିତିଗଲେ ଗୋରା ସୈନିକ । ତାର କାରଣ ହେଲାଖୋରଦା ଗଡ ସହିତ ସମ୍ପର୍କ ଥିବା କିଛି ବିଶ୍ୱାସ ଘାତକଙ୍କ ଭୂମିକା । ସେମାନେ ପାଇକ ମାନଙ୍କ ରଣକୌଶଳ ସମ୍ପର୍କରେ ସମସ୍ତ ସୂଚନା ବ୍ରିଟିଶ ଶିବିରରେ ପ୍ରଘଟ କରିଦେଲେ ।

ହାରିଗଲେ ପାଇକ ବାହିନୀ । ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଖୋରଧା ଗଡ ଇଂରେଜ ସାମ୍ରାଜ୍ୟ ଭୁକ୍ତ ହୋଇଗଲା । ଗୋରା ସୈନୀକ ମାନେ ଜୟୀ ରାଜଗୁରୁଙ୍କୁ ବାନ୍ଧିନେଇ ପ୍ରଥମେ ବାରବାଟୀ ଦୁର୍ଗ ଓ ପରେ ମେଦିନପୁର ଦୁର୍ଗକୁ ନିଆଗଲା । ସେଠାରେ ତାଙ୍କର ବିଚାର ହେଲା ଓ ରାଜଦ୍ରୋହ ଅପରାଧରେ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା । ପ୍ରକୃତରେ ତାହା ମୃତ୍ୟୁଦଣ୍ଡ ନଥିଲା, ତାହାଥିଲା ଜଣେ ଦେଶପ୍ରେମୀଙ୍କୁ ନିର୍ମମ ଭାବରେ ହତ୍ୟା ।

+ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

# ବ୍ରେନ ଡ୍ରେନ: ବଡ଼ ବିପତ୍ତି



ବିନୋଦ

ସାରା ଦେଶରେ ଏକ ପ୍ରମୁଖ ବିପତ୍ତିର କାରଣ ସାଜିଛି ବ୍ରେନ ଡ୍ରେନ ବା ପ୍ରତିଭା ପଳାୟନ । ଏହି ସମସ୍ୟା ଦିନକୁ ଗୁରୁତର ହେବାରେ ଲାଗିଛି । ଭାରତ କ୍ରମଶଃ ଆତ୍ମନିର୍ଭର ହେବାରେ ଶକ୍ତ ହେଉଛି ବୋଲି ସ୍ଲୋଗାନ ଦିଆଯାଉଥିଲେ ବି ବ୍ରେନ ଡ୍ରେନ ସମସ୍ୟା ଏବେ ସ୍ୱାସ୍ଥ୍ୟ, ଶିକ୍ଷା, ଇନିୟରିଗ, ପ୍ରଯୁକ୍ତି ଆଦି ସମସ୍ତ କ୍ଷେତ୍ରରେ ବ୍ୟାପକ ହେବାରେ ଲାଗିଛି । ଜାରତର ଜିଡିପି ଉପରେ ଏହାର ପ୍ରଭାବ ପଡୁଥିବାବେଳେ ପ୍ରତି ରାଜ୍ୟ ଏହାର କ୍ଷତି ସହୁଛନ୍ତି । ରାଷ୍ଟ୍ରୀୟ ରାଜକୋଷରୁ ବ୍ୟୟ ଅର୍ଥରେ ପ୍ରତିଭା ସୃଷ୍ଟି କରାଯାଉଥିବାବେଳେ ବ୍ରେନ ଡ୍ରେନ ଯୋଗୁ ଏହାର ପ୍ରଭାବ ଦେଶର ପ୍ରତି କ୍ଷେତ୍ରକୁ ଗ୍ରାସ କରିବାରେ ଲାଗିଛି ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ବା ଇସ୍ରୋ ପରି ଏକ ସମ୍ମାନଜନକ ପ୍ରତିଷ୍ଠାନରୁ ଶତାଧିକ ବୈଜ୍ଞାନିକ, ଗବେଷକଙ୍କ ଇସ୍ତଫା ଏବେ ଚିନ୍ତା ସୃଷ୍ଟି କରିଛି । ଅଧିକ ଦରମା, ଲୋଭନୀୟ ପ୍ରତିଶ୍ରୁତି, କମ୍ କର୍ମ ଚାପ ଭାର ଆଦି କାରଣରୁ ସେମାନେ ଇସ୍ରୋରୁ ଇସ୍ତଫା ଦେଇ ବିଭିନ୍ନ ଘରୋଇ ସଂସ୍ଥାରେ କାମ କରୁଛନ୍ତି । ଏପରିକି କିଛି ବୈଜ୍ଞାନିକ ବିଦେଶ ଚାଲିଯାଇ ବିଭିନ୍ନ ଘରୋଇ କମ୍ପାନିରେ ଯୋଗଦେଇଛନ୍ତି ।

ବିଭିନ୍ନ ବ୍ୟୟବହୁଳ ପ୍ରକଳ୍ପ ନିମନ୍ତେ କୋଟି କୋଟି ଟଙ୍କା ସରକାର ନିବେଶ କରୁଥିବାବେଳେ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଅର୍ଥ ପ୍ରଲୋଭନ, ଚାକିରି ମୋହ ଯୋଗୁ ବୈଜ୍ଞାନିକ, ବିଭିନ୍ନ ପଦପଦବିରେ ଥିବା ବ୍ୟକ୍ତିମାନେ ଚାକିରି ଛାଡ଼ି ଅନ୍ୟ ମାର୍ଗ ଦେଖୁଛନ୍ତି । ଯେଉଁ ସଂସ୍ଥାରୁ ସେମାନେ ଅଭିଜ୍ଞତା ଲାଭ କରୁଛନ୍ତି ସେହି ସଂସ୍ଥାକୁ ସେମାନେ ବିଭିନ୍ନ ସ୍ୱାର୍ଥ କାରଣରୁ ଛାଡୁଛନ୍ତି ।

ଏପରି ଅବସ୍ଥା ଦେଶ ଭିତରେ ଲାଗି ରହିଥିବାବେଳେ ଦେଶ ବାହାରକୁ ପ୍ରତିଭାମାନେ ଚାଲିଯିବା ଦେଶ ଲାଗି ଚିନ୍ତାର ବିଷୟ ପାଲଟିଛି । ଆତ୍ମନିର୍ଭର ଭାରତ ନାମରେ ବିଭିନ୍ନ ଘରୋଇ କମ୍ପାନିଙ୍କୁ ପ୍ରୋତ୍ସାହନ ଦିଆଯାଉଥିବାବେଳେ ଖୋଦ୍ ରାଷ୍ଟ୍ରାୟତ୍ତ କମ୍ପାନିରୁ ପ୍ରତିଭାମାନେ ଘରୋଇ କମ୍ପାନି ନିକଟକୁ ଚାଲିଯାଉଛନ୍ତି । ସେପଟେ ଜାତୀୟ ରାଜକୋଷ ବ୍ୟୟରେ ଛାତ୍ରଛାତ୍ରୀ ଶିକ୍ଷା ହାସଲ କରି ବିଦେଶରେ ଯାଇ ଚାକିରି କରିବା, ଶିଳ୍ପ ପ୍ରତିଷ୍ଠା କରିବା ବି ସମସ୍ୟା ସୃଷ୍ଟି କରୁଛି । ଏପରିକି ବିଜ୍ଞାନ କ୍ଷେତ୍ରରେ ଥିବା ବ୍ୟକ୍ତିବିଶେଷଙ୍କ ଲାଗି ଜାତୀୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସେମାନେ ବିଦେଶରେ ଯାଇ ଚାକିରି କରିବା ପ୍ରତି ଭାରତୀୟଙ୍କ ଲାଗି ବୋଝର କାରଣ ପାଲଟିଛି ।

ଗବେଷଣା ଓ ବିକାଶ କ୍ଷେତ୍ରରେ ସରକାରୀ ପ୍ରୋତ୍ସାହନର ଅଭାବ, ଚାକିରି ସୃଷ୍ଟି ନହେବା, ଯୋଗ୍ୟତା ଅନୁସାରେ ପ୍ରାପ୍ୟ ନମିଳିବା, ସିଟ୍ ଅଭାବ ଆଦି କାରଣରୁ ପ୍ରତିଭାମାନେ ବିଦେଶ ଚାଲିଯିବାକୁ ଅଗ୍ରାଧିକାର ଦେଇଥାନ୍ତି ।

ବିଶ୍ୱର ବିଭିନ୍ନ ଦେଶରେ ପ୍ରାୟ ୪ କୋଟି ଭାରତୀୟ ଚାକିରି କରୁଥିବାବେଳେ ପ୍ରତିବର୍ଷ ପ୍ରାୟ ଲକ୍ଷାଧିକ ଡାକ୍ତର, ଇନିୟର ଓ ଅନ୍ୟାନ୍ୟ ବର୍ଗର ପ୍ରତିଭା ବିଦେଶ ଚାଲିଯାଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିୟମ ଅନୁସାରେ ପ୍ରତି ହଜାରେ ଲୋକରେ ଜଣେ ଡାକ୍ତର ରହିବା କଥା । ମାତ୍ର ବର୍ତ୍ତମାନ ତାହା ୧୭୦୦ରୁ ଅଧିକ ହେଲାଣି । ସରକାରୀ ଡାକ୍ତରଖାନାଗୁଡ଼ିକରେ ନାହିଁ ନଥିବା ଡାକ୍ତର ଅଭାବ ରହିଛି । ପ୍ରତିଦିନ ହଜାର ହଜାର ରୋଗୀ ହଇରାଣ ହେଉଛନ୍ତି । ଅଥଚ ରାଷ୍ଟ୍ରୀୟ ଅର୍ଥରେ ଶିକ୍ଷା ପାଇଥିବା ପ୍ରତିଭାମାନେ ବିଦେଶରେ ଅୟସ କରିଥାନ୍ତି କିମ୍ବା ଘରୋଇ ଡାକ୍ତରଖାନାରେ କାମ କରିଥାନ୍ତି । ବର୍ତ୍ତମାନ କେବଳ ଆମେରିକାରେ ୧୮ ହଜାର ଭାରତୀୟ ଡାକ୍ତର ଥିବାବେଳେ ବ୍ରିଟେନରେ ୧୭, ୫୦୦, ଅଷ୍ଟ୍ରେଲିଆରେ ୬ ହଜାର, କାନାଡାରେ ୪ ହଜାର, ସମଗ୍ର ମଧ୍ୟପ୍ରାଚ୍ୟରେ ପ୍ରାୟ ୪ ହଜାର ଭାରତୀୟ ଡାକ୍ତର ରହିଛନ୍ତି । ସାରା ବିଶ୍ୱରେ ସେମାନଙ୍କ ସଂଖ୍ୟା ପ୍ରାୟ ୧ ଲକ୍ଷ ହେବ ।

ଭାରତରେ ଜଣେ ଡାକ୍ତରୀ ଛାତ୍ର ଲାଗି ସରକାର ମୁଣ୍ଡପିଛା ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି । ଅର୍ଥାତ ପ୍ରତି ଭାରତୀୟ ଜଣେ ମେଡିକାଲ ଛାତ୍ର ଲାଗି ଅର୍ଥ ପ୍ରଦାନ କରିଥାନ୍ତି । ମାତ୍ର ଦୁର୍ଭାଗ୍ୟର ବିଷୟ ସେମାନେ ମୁଣ୍ଡକୁ ହାତ ପାଇଗଲେ ଭାରତକୁ ଗୌଣ କରି ବିଦେଶରେ ଚାକିରି କରିବାର ମୋହ ପୋଷଣ କରନ୍ତି । ଭାରତରେ ପ୍ରାକ୍ଟିସ କଲେ ବି ସେମାନେ ଅର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି ।

ଭାରତରେ ଏମବିବିଏସ ପରେ ପିଜି କୋର୍ସ ନିମନ୍ତେ ଦେଶରେ ସିଟ ଅଭାବ ରହିଥାଏ । ତେଣୁ ଭବିଷ୍ୟତର ଡାକ୍ତରମାନେ ଅଧିକ ଶିକ୍ଷା ହାସଲ କରିବା ଲାଗି ବିଦେଶ ଚାଲିଯିବାକୁ ଶ୍ରେୟ ମଣିଥାନ୍ତି ।

ବ୍ୟାପକ ବ୍ରେନ ଡ୍ରେନର ପ୍ରଭାବ ଜିଡିପି ଉପରେ ପଡ଼ିଥାଏ, ଏହି ବ୍ୟୟବହୁଳ ଶିକ୍ଷାଦାନର ପ୍ରଭାବ ମୁଣ୍ଡ ପିଛା ଆର୍ଥିକ ବୋଝରେ ପରିଣତ ହୋଇଥାଏ । ସାଧାରଣ ବ୍ୟକ୍ତି ବିଦେଶ ଚାଲିଯିବା ଏବଂ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ବିଦେଶ ଚାଲିଯିବା ଅଲଗା । ସେମାନଙ୍କ ଆୟ ସହ ଜାତୀୟ ଅର୍ଥନୀତିର କୌଣସି ସମ୍ପର୍କ ନଥାଏ । ଏହି ସମୂହ ପଳାୟନର ଅନୁପାତ ହାର ହେଲାଣି ଜଣେ ଅନ୍ତର୍ଜାତୀୟ ଛାତ୍ର: ୨୫ ଭାରତୀୟ ଛାତ୍ର ।

୨୦୨୫ରେ ଭାରତରେ ୧୭୩ ରାଷ୍ଟ୍ରର ୫୮ ହଜାର ୧୩୪ ବିଦେଶୀ ଛାତ୍ରଛାତ୍ରୀ ପଢୁଥିବାବେଳେ ସେହି ବର୍ଷ ୧୫୩ ରାଷ୍ଟ୍ରରେ ଭାରତର ପ୍ରାୟ ୧୯ ଲକ୍ଷ ଛାତ୍ରଛାତ୍ରୀ ପଢୁଥିଲେ । ଏହି ହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରଛାତ୍ରୀ ବିଦେଶରେ ହିଁ ନିଯୁକ୍ତି ପାଇବାର ସୁଯୋଗ ପାଉଛନ୍ତି । ରାଷ୍ଟ୍ରୀୟ ରାଜକୋଷରୁ ଶିକ୍ଷା ଲାଭ କରି ବିଦେଶରେ ଯାଇ ଅଧିକ ପଢ଼ିବା ଏବଂ ସେଠାରେ ଚାକିରି କରିବା ଭାରତର ଅର୍ଥନୀତି ଲାଗି ଚାଲେ ସୃଷ୍ଟି କରୁଛି ।

ଜଣେ ପ୍ରତିଭା ଭାରତରେ ନିଜର ପ୍ରତିଷ୍ଠାନ ଖୋଲିବା ଲାଗି ଚାହିଁବା ବଦଳରେ ବିଦେଶରେ ସୁଯୋଗ ମିଳିଲେ ପ୍ରତିଷ୍ଠାନ ଖୋଲିବା ଲାଗି ଆଗ୍ରହୀ ହେଉଛି । ନାନା ପ୍ରକାର ଆଭ୍ୟନ୍ତରୀଣ କଟକଣା, ସରକାରୀ ପ୍ରୋତ୍ସାହନର ଅଭାବ, ବ୍ୟାଙ୍କ ଋଣଗତ କଟକଣା, ରିହାତି ବ୍ୟବସ୍ଥାର ଅଭାବ, ଗବେଷଣା ପ୍ରତି ସରକାରୀ ବିମୁଖତା, ଉପଯୁକ୍ତ ବଜାରର ଅଭାବ ଆଦି କାରଣରୁ ପ୍ରତିଭା ଚାଲାଣ ଏକ ଦୈନନ୍ଦିନ ବ୍ୟାପାରରେ ପରିଣତ ହୋଇଛି । ବିଦେଶରେ ଆଇଟି, ଉଦ୍ଭାବନ, ଗବେଷଣା, ନିଯୁକ୍ତି, ସରକାରୀ ସହାୟତା ଆଦି କ୍ଷେତ୍ରରେ ଅଧିକ ସୁଯୋଗ ମିଳୁଥିବାରୁ ଭାରତୀୟ ପ୍ରତିଭା ବିଦେଶ ଯିବାକୁ ଯୁକ୍ତିଯୁକ୍ତ ମଣୁଛନ୍ତି ।

ଭାରତୀୟ ଛାତ୍ରଛାତ୍ରୀ ବିଦେଶରେ ପଢ଼ିବା ଯୋଗୁ ୨୦୧୩-୧୪ରେ ପ୍ରାୟ ୯୭୫ କୋଟି ଟଙ୍କା ବାହାରକୁ ଚାଲାଣ ହୋଇଥିବାବେଳେ ୨୦୨୪-୨୫ରେ ଏହି ପରିମାଣ ୩୨ ହଜାର କୋଟି ଟଙ୍କାରୁ ଅଧିକ ହୋଇଥିଲା । ବିଶେଷ କରି ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ ଓ ଉପସାଗରୀୟ ରାଷ୍ଟ୍ରମାନେ ଏଥିରୁ ବେଶ୍ କିଛି ଫାଇଦା ମାରୁଥିବାବେଳେ ଭାରତ କ୍ଷତି ସହୁଛି । ଏହି କାରଣରୁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବି ହ୍ରାସ ପାଉଛି ।

ବିଦେଶରେ ପଢ଼ିବା ହେଉ ବା ଚାକିରି କରିବା ହେଉ କିମ୍ବା ସେଠାରେ ସ୍ଥାୟୀ ଭାବେ ଅବସ୍ଥାପିତ କରିବା ହେଉ- ଏହା ଦ୍ୱାରା ଭାରତୀୟ ଯୁବବର୍ଗ ମଧ୍ୟରେ ଏକ ଭାବନା ଜାତ ହୋଇଥାଏ ଯେ, ବିଦେଶରେ ହିଁ ସବୁ କିଛି ସୁବିଧା, ସୁଯୋଗ ରହିଛି । ଏହି ପ୍ରବଣତା ଏତେ ଅଧିକ ହେଲାଣି ଯେ, ପିଲାଟିଏ ଜନ୍ମ ହେବା ମାତ୍ରେ ବାପା, ମା' ସ୍ୱପ୍ନ ଦେଖିଥାନ୍ତି ପିଲାଟିକୁ ଡାକ୍ତର କିମ୍ବା ଇନିୟର କିମ୍ବା ଆଇଟି ପ୍ରଫେସନାଲ କରି ବିଦେଶକୁ ପଠାଇବା ।

ବ୍ରେନ ଡ୍ରେନ କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି କରୁଛି ଡଙ୍କି ରୁଟ୍ । ବେଆଇନ ଭାବେ କୌଣସି ଅଣଅନୁମୋଦିତ ପଥରେ ବିଦେଶ ଯିବାର ପ୍ରବଣତା ଏତେ ଅଧିକ ହୋଇଛି ଯେ, ପ୍ରତିବର୍ଷ ଶହ ଶହ ଭାରତୀୟ ବିଦେଶ ଯାଉଛନ୍ତି ଏବଂ ସେଠାରେ ଲାଭ ପାଇବା ଆଶାରେ ନିର୍ଯାତିତ ହେଉଛନ୍ତି ।

ଭାରତରେ ସରକାରୀ ମେଡିକାଲ କିମ୍ବା ଅନ୍ୟ କୌଣସି ଶିକ୍ଷା ସମ୍ପନ୍ନ କରି ବିଦେଶ ଚାଲିଯିବାକୁ ଚାହିଁବା ପ୍ରକ୍ରିୟା ଉପରେ ସରକାରୀ ରୋକ୍ ଲାଗିବା ଦରକାର । ଏଥିଲାଗି କୌଣସି କଟକଣା ନଥିବାରୁ ଛାତ୍ରଛାତ୍ରୀ ଶିକ୍ଷା ସମ୍ପନ୍ନ କରିବା ମାତ୍ରେ ବିଦେଶ ସ୍ୱପ୍ନ ଦେଖୁଛନ୍ତି ।

ସରକାରୀ କଲେଜରେ ଖର୍ଚ୍ଚବହୁଳ ଶିକ୍ଷା କରି ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀଙ୍କ ଲାଗି ସରକାରୀ ନିଯୁକ୍ତି ବ୍ୟବସ୍ଥା ବିଶେଷ ଭାବେ ରହୁ ନଥିବାରୁ ପ୍ରତିଭାମାନେ ବିଦେଶ ଚାଲିଯିବାକୁ ପସନ୍ଦ କରିଥାନ୍ତି କିମ୍ବା ଦେଶ ଭିତରେ ଘରୋଇ ପ୍ରତିଷ୍ଠାନରେ ନିଯୁକ୍ତି ଲାଗି ଚାହିଁଥାନ୍ତି । ଏହା ବି ଏକ ପ୍ରକାର ବ୍ରେନ ଡ୍ରେନ । ଯେହେତୁ ଘରୋଇ ମେଡିକାଲ ଲୋକଙ୍କଠାରୁ ଅର୍ଥ ଶୋଷଣ କରେ ତେଣୁ ସରକାରୀ ପ୍ରତିଷ୍ଠାନରେ ପଢ଼ି ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତି କିପରି ଏକ ଘରୋଇ ପ୍ରତିଷ୍ଠାନରେ କାମ କରିବେ ?

ଭାରତରେ ଗବେଷଣା ଲାଗି ବି ବିଶେଷ ସୁଯୋଗ ନାହିଁ ବା ପ୍ରେରଣା ନାହିଁ । କ୍ରମାଗତ ବହୁ ବର୍ଷ ଧରି ଗବେଷଣା ଲାଗି ଜିଡିପିର ମାତ୍ର ୦.୭ ପ୍ରତିଶତ ବ୍ୟୟ ହେଉଛି । ଏହା ଯୋଗୁ ପ୍ରତିଭାମାନେ ବିଦେଶରେ ଶିକ୍ଷା ଓ ନିଯୁକ୍ତି ପ୍ରତି ଆଗ୍ରହୀ ହେବା ସ୍ୱାଭାବିକ ।

କିଛି ଦଶନ୍ଧି ତଳେ ସରକାରୀ ସ୍କୁଲ ଓ କଲେଜ ଥିଲା ସମସ୍ତ ଉତ୍କର୍ଷର କେନ୍ଦ୍ର । ହଜାର ହଜାର ପ୍ରତିଭା, ନେତା, ବୈଜ୍ଞାନିକ ପ୍ରମୁଖ ସେଠାରୁ ବାହାରିଛନ୍ତି । ମାତ୍ର ବର୍ତ୍ତମାନ ସରକାରୀ ସ୍କୁଲ ଓ କଲେଜ ପ୍ରତି ପିଲାଙ୍କ ଆକର୍ଷଣ ନାହିଁ । ଘରୋଇ ପ୍ରତିଷ୍ଠାନ ପ୍ରତି ସେମାନଙ୍କ ଆଗ୍ରହ ବଢ଼ିଛି । ଠିକ୍ ସେହିପରି ଭାରର ମାଟି, ପାଣି, ପବନରେ ବଢ଼ି ଓ ପଢ଼ି ସେମାନେ ବିଦେଶ ଯିବାକୁ ଆକାଙ୍‌କ୍ଷା ପୋଷଣ କରୁଛନ୍ତି । ଏହି ମାନସିକତାରେ ପରିବର୍ତ୍ତନ ହେବା ଜରୁରୀ ।

ଭାରତୀୟ ପ୍ରତିଭାମାନଙ୍କୁ ଆକର୍ଷିତ କରିବା ଲାଗି ବହୁ ଧନଶାଳୀ ରାଷ୍ଟ୍ର ବିଭିନ୍ନ ଯୋଜନା କରୁଛନ୍ତି । ହେଲେ ଭାରତରେ ସେମାନଙ୍କୁ ରଖିବା ଲାଗି ସେପରି ପଦକ୍ଷେପ ନିଆଯାଉନାହିଁ । ଫଳରେ ସେମାନେ ବିଦେଶ ଯାଇ ଅଧିକ ଅର୍ଥ ମୋହର ବଶବର୍ତ୍ତୀ ହେଉଛନ୍ତି ।

ବର୍ତ୍ତମାନ ଅନେକ ବହୁରାଷ୍ଟ୍ରୀୟ କମ୍ପାନି ବିଭିନ୍ନ କ୍ଷେତ୍ରରେ ବିପୁଳ ପୁଁଜିନିବେଶ କରୁଛନ୍ତି । ବହୁ ରାଷ୍ଟ୍ରରୁ ପ୍ରତିଭାମାନଙ୍କୁ ଆଣିବା ଲାଗି ସୁଚିନ୍ତିତ ଯୋଜନା କରୁଛନ୍ତି । ଏପରି ସ୍ଥଳେ ଭାରତ କରି ଏକ ବିକାଶଶୀଳ ରାଷ୍ଟ୍ର ଏସବୁର ମୁକାବିଲା ଲାଗି ଭିଜନ ପ୍ରସ୍ତୁତ କରିବା ଆବଶ୍ୟକ ।

ଦୁର୍ନୀତି, କର୍ମ ନିଯୁକ୍ତିର ଅଭାବ, ପ୍ରିୟା ପ୍ରୀତି ତୋଷଣ, ନାଲି ଫିତା ବ୍ୟବସ୍ଥା, ଅମଲାତାନ୍ତ୍ରିକ ମନମାନି ଆଦି କାରଣରୁ ବି ଅନେକ ପ୍ରତିଭା ପ୍ରତିଯୋଗିତାରେ ପଢ଼ିବାକୁ ଚାହାଁନ୍ତି ନାହିଁ ଏବଂ କୌଣସିମତେ ବାହାରକୁ ଚାଲିଯିବାକୁ ଚାହାଁନ୍ତି । ଏହା ପ୍ରତିଭା ଚାଲାଣର ବି କିଛି ପ୍ରମୁଖ କାରଣ ।

ଓଡ଼ିଶାରେ ବାର୍ଷିକ ୪୦ ହଜାରରୁ ଅଧିକ ଇନିୟରିଂ ଗ୍ରାଜୁଏଟ ବାହାରିଥାନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ ଅଧିକାଂଶ ବେଙ୍ଗାଲୁରୁ, ପୁଣେ, ହାଇଦ୍ରାବାଦ ତଥା ବିଦେଶ ଚାଲିଯାଆନ୍ତି । ରାଜ୍ୟରେ ଆଇଟି କ୍ଷେତ୍ର ପ୍ରତି ଅବହେଳା, ଭିତ୍ତିଭୂମି ଓ ପ୍ରୋତ୍ସାହନର ଅଭାବ ଆଦି କାରଣରୁ ଏହି ସମସ୍ୟା ସୃଷ୍ଟି ହୋଇଥାଏ ।

କେବଳ ଇନିୟରିଂ କ୍ଷେତ୍ର ନୁହେଁ ଓଡ଼ିଶାରେ ଅନେକ କ୍ଷେତ୍ରରେ ପ୍ରତିଭାମାନେ ବିଭିନ୍ନ କାରଣରୁ ବାହାରକୁ ଚାଲିଯାଆନ୍ତି ଯାହାକି ଓଡ଼ିଶାର ଅର୍ଥନୀତି ପ୍ରତି ଆହ୍ୱାନ ସୃଷ୍ଟି କରିଥାଏ ।

ପ୍ରତିଭା ଚାଲାଣ ରୋକିବା ଲାଗି ସରକାରୀ ସ୍ତରରେ ଯୋଜନା ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି । ନଚେତ ଦିନକୁ ଦିନ ଏହି ସମସ୍ୟା ଉଗ୍ର ହେବ ।

❤ ଭୁବନେଶ୍ୱର
ମୋ- ୯୪୩୭୧୬୪୭୬୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୩୦ ଅଗଷ୍ଟ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




# ସଙ୍ଗୀତ ଜଗତର ଅମ୍ଳାନ ପ୍ରତିଭା ପ୍ରଣବ ପଟ୍ଟନାୟକ



## ଡଃ ଅମୂଲ୍ୟ କୁମାର ପଣ୍ଡା

ପ୍ରଣବ ପଟ୍ଟନାୟକଙ୍କ ଗୀତ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଓଡ଼ିଆ ଭାଷା, ସାହିତ୍ୟ, ଭାବନା ଓ ସଂସ୍କୃତିର ଏକ ସୁନ୍ଦର ସମନ୍ୱୟ। ପ୍ରେମ, ବିରହ, ପ୍ରକୃତି, ଭକ୍ତି, ଦେଶପ୍ରେମ ଓ ମାନବୀୟ ସମ୍ପର୍କର ବିଭିନ୍ନ ଭାବ ତାଙ୍କ କଣ୍ଠରେ ନୂଆ ଜୀବନ ପାଇଛି। ତେଣୁ ଓଡ଼ିଆ ସଙ୍ଗୀତପ୍ରେମୀଙ୍କ ମନରେ ସେ ଆଜି ମଧ୍ୟ ଏକ ଆଦରଣୀୟ ସଙ୍ଗୀତ ଶିଳ୍ପି । ଓଡ଼ିଆ ସଙ୍ଗୀତ ଜଗତ ଅନେକ ପ୍ରତିଭାଶାଳୀ କଣ୍ଠଶିଳ୍ପୀ, ସଙ୍ଗୀତଜ୍ଞ ଓ ସ୍ରଷ୍ଟାଙ୍କ ଅବଦାନରେ ସମୃଦ୍ଧ ହୋଇଛି। ସେହି ଗୌରବମୟ ପରମ୍ପରାରେ ପ୍ରଣବ ପଟ୍ଟନାୟକ ଏକ ଉଜ୍ଜ୍ୱଳ ଓ ସ୍ମରଣୀୟ ନାମ। ତାଙ୍କର ମଧୁର କଣ୍ଠ, ଭାବପୂର୍ଣ୍ଣ ଗାୟନ, ଶବ୍ଦ ଉଚ୍ଚାରଣର ସ୍ପଷ୍ଟତା ଏବଂ ଗୀତର ଭାବକୁ ଶ୍ରୋତାଙ୍କ ହୃଦୟରେ ପହଞ୍ଚାଇବାର ଅସାଧାରଣ କ୍ଷମତା ତାଙ୍କୁ ଓଡ଼ିଆ ସଙ୍ଗୀତର ଏକ ବିଶିଷ୍ଟ ସ୍ଥାନରେ ପହଞ୍ଚାଇଛି। ପ୍ରଣବ ପଟ୍ଟନାୟକଙ୍କ ଜୀବନଯାତ୍ରାରେ ସଙ୍ଗୀତ ଥିଲା ଏକ ଗଭୀର ଆକର୍ଷଣ। ଶିଶୁକାଳରୁ ହିଁ ସଙ୍ଗୀତ ପ୍ରତି ତାଙ୍କର ଆଗ୍ରହ ଦେଖାଦେଇଥିଲା। ସ୍ୱର, ତାଳ ଓ ଲୟ ପ୍ରତି ତାଙ୍କର ସ୍ୱାଭାବିକ ରୁଚି ଧୀରେଧୀରେ ତାଙ୍କୁ ସଙ୍ଗୀତ ଜଗତ ଆଡ଼କୁ ନେଇଯାଇଥିଲା। ନିୟମିତ ସାଧନା ଓ ଗୁରୁଜନଙ୍କ ମାର୍ଗଦର୍ଶନ ତାଙ୍କ ପ୍ରତିଭାକୁ ଅଧିକ ଶାଣିତ କରିଥିଲା। ସଙ୍ଗୀତରେ ସଫଳତା ପାଇବା ପାଇଁ କେବଳ ଭଲ କଣ୍ଠସ୍ୱର ଯଥେଷ୍ଟ ନୁହେଁ। ଏଥିପାଇଁ ଦୀର୍ଘ ସାଧନା, ଶୃଙ୍ଖଳା, ଧୈର୍ଯ୍ୟ ଓ ନିରନ୍ତର ଅଭ୍ୟାସ ଆବଶ୍ୟକ। ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ଯାତ୍ରା ଏହି ସତ୍ୟର ଏକ ଉତ୍ତମ ଉଦାହରଣ।



ଓଡ଼ିଆ ସଙ୍ଗୀତ ଜଗତରେ ପ୍ରଣବ ପଟ୍ଟନାୟକଙ୍କ ପ୍ରବେଶ ଏକ ନୂଆ ସ୍ୱରର ଆଗମନ ଭଳି ଥିଲା। ସେ ସମୟରେ ଓଡ଼ିଆ ଗୀତର ଏକ ନିଜସ୍ୱ ଗୌରବମୟ ପରମ୍ପରା ଥିଲା। ଶାସ୍ତ୍ରୀୟ ସଙ୍ଗୀତର ଶୃଙ୍ଖଳା, ଓଡ଼ିଆ କବିତାର ମାଧୁର୍ଯ୍ୟ ଓ ଲୋକସଙ୍ଗୀତର ସରଳତାକୁ ଆତ୍ମସାତ୍ କରି ସେ ନିଜର ଏକ ସ୍ୱତନ୍ତ୍ର ଗାୟନଶୈଳୀ ଗଢ଼ିଥିଲେ। ତାଙ୍କ କଣ୍ଠରେ ଥିଲା ଏକ ମାଧୁର୍ଯ୍ୟ ଠାଣି । ଗୀତର ଶବ୍ଦକୁ ସେ କେବଳ ଉଚ୍ଚାରଣ କରୁନଥିଲେ, ବରଂ ତାହାର ଅର୍ଥ ଓ ଭାବକୁ ଅନୁଭବ କରି ଗାଉଥିଲେ। ଏହି କାରଣରୁ ତାଙ୍କର ଗୀତ ଶ୍ରୋତାଙ୍କ ମନକୁ ଶୀଘ୍ର ସ୍ପର୍ଶ କରିପାରୁଥିଲା। ପ୍ରଣବ ପଟ୍ଟନାୟକଙ୍କ ଗାୟନର ସବୁଠାରୁ ବଡ଼ ବିଶେଷତା ହେଉଛି ଭାବପ୍ରକାଶ। ଗୀତର ଭାବ ଅନୁସାରେ ତାଙ୍କ କଣ୍ଠସ୍ୱର ଶ୍ରୋତାଙ୍କୁ ଗୀତ ସହିତ ଯୋଡ଼ି ଦେଇଥାଏ। ମଧୁର ସ୍ୱର ସହିତ ଶବ୍ଦର ସ୍ପଷ୍ଟତା ତାଙ୍କ ଗୀତକୁ ଆହୁରି ଆକର୍ଷଣୀୟ କରିଥାଏ। ତାଙ୍କ ଗାୟନରେ ଶାସ୍ତ୍ରୀୟ ସଙ୍ଗୀତର ପ୍ରଭାବ ଥିଲେ ମଧ୍ୟ ସେ ଗୀତକୁ ଅତ୍ୟଧିକ ଜଟିଳ କରୁନଥିଲେ। ସରଳତା ଓ ମାଧୁର୍ଯ୍ୟ ତାଙ୍କ ଗାୟନର ପ୍ରମୁଖ ଆକର୍ଷଣ। ସେଥିପାଇଁ ବିଭିନ୍ନ ବୟସର ଶ୍ରୋତା ତାଙ୍କ ଗୀତକୁ ସହଜରେ ଗ୍ରହଣ କରିପାରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତର ବିକାଶରେ ପ୍ରଣବ ପଟ୍ଟନାୟକଙ୍କ ଅବଦାନ ଉଲ୍ଲେଖନୀୟ। ଚଳଚ୍ଚିତ୍ରର ପରିସ୍ଥିତି, ଚରିତ୍ର ଓ ଭାବକୁ ବୁଝି ସେ ଗୀତକୁ ଜୀବନ୍ତ କରିବାରେ ସଫଳ ହୋଇଥିଲେ। ତାଙ୍କ କଣ୍ଠରେ ପ୍ରେମଗୀତ ଯେପରି ମଧୁର ଲାଗିଥାଏ, ସେପରି ଦୁଃଖ, ବିରହ ଓ ଭାବନାପ୍ରବଣ ଗୀତ ମଧ୍ୟ ଶ୍ରୋତାଙ୍କ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଛି। ଚଳଚ୍ଚିତ୍ରର ଗୀତ କେବଳ ଦୃଶ୍ୟକୁ ସୁନ୍ଦର କରେ ନାହିଁ, ଏହା ଚଳଚ୍ଚିତ୍ରର ଭାବନାକୁ ଦର୍ଶକଙ୍କ ମନରେ ପହଞ୍ଚାଏ। ପ୍ରଣବ ପଟ୍ଟନାୟକଙ୍କ କଣ୍ଠ ଏହି କାର୍ଯ୍ୟକୁ ଅନେକ ସମୟରେ ଅତ୍ୟନ୍ତ ସଫଳତାର ସହିତ କରିଛି।

ଓଡ଼ିଆ ସଙ୍ଗୀତର ପରିବର୍ତ୍ତନଶୀଳ ଧାରା ସହିତ ପ୍ରଣବ ପଟ୍ଟନାୟକ ମଧ୍ୟ ନିଜକୁ ଖାପ ଖୁଆଇଥିଲେ। ନୂଆ ସଙ୍ଗୀତ ଆୟୋଜନ, ନୂଆ ବାଦ୍ୟଯନ୍ତ୍ର ଓ ନୂଆ ଶୈଳୀ ଆସିଥିଲେ ମଧ୍ୟ ତାଙ୍କର ମୂଳ ଶକ୍ତି, ସ୍ୱର ଓ ଭାବ ଅପରିବର୍ତ୍ତିତ ରହିଥିଲା। ସେ ପ୍ରମାଣ କରିଛନ୍ତି ଯେ ଭଲ ଗୀତର ବୟସ କେବଳ ସମୟ ସହିତ ନିର୍ଭର କରେ ନାହିଁ। ଯଦି ଗୀତରେ ଭଲ କବିତା, ସୁନ୍ଦର ସୁର ଓ ହୃଦୟସ୍ପର୍ଶୀ ସ୍ୱର ଭାବ ରହେ, ତେବେ ତାହା ପିଢ଼ି ପରେ ପିଢ଼ି ଶ୍ରୋତାଙ୍କ ମନରେ ବଞ୍ଚି ରହେ। ଓଡ଼ିଶାର ସଂସ୍କୃତିରେ ଭକ୍ତି ସଙ୍ଗୀତର ଏକ ବିଶେଷ ସ୍ଥାନ ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତି, ଭକ୍ତି, ଆଧ୍ୟାତ୍ମିକତା ଓ ଓଡ଼ିଆ ଜୀବନଧାରା ପରସ୍ପର ସହିତ ଜଡ଼ିତ। ପ୍ରଣବ ପଟ୍ଟନାୟକଙ୍କ କଣ୍ଠରେ ଭକ୍ତିମୂଳକ ଗୀତଗୁଡ଼ିକ ମଧ୍ୟ ବିଶେଷ ଭାବ ଧାରଣ କରିଛି। ତାଙ୍କ ଭକ୍ତିଗୀତରେ ଭକ୍ତଙ୍କ ଆତ୍ମସମର୍ପଣ, ଆଶା, ବିଶ୍ୱାସ ଓ ଭଗବାନଙ୍କ ପ୍ରତି ଭଲପାଇବାର ଅନୁଭୂତି ପ୍ରକାଶ ପାଏ। ଏହିପରି ଗୀତ ଶ୍ରୋତାଙ୍କ ମନରେ ଶାନ୍ତି ଓ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିଥାଏ। ରେକର୍ଡିଂ ଷ୍ଟୁଡିଓ ବାହାରେ ମଞ୍ଚ ପରିବେଷଣରେ ମଧ୍ୟ ପ୍ରଣବ ପଟ୍ଟନାୟକଙ୍କ ପ୍ରତିଭା ଉଜ୍ଜ୍ୱଳ ହୋଇଛି। ମଞ୍ଚରେ ଜଣେ ସଙ୍ଗୀତ ଶିଳ୍ପୀଙ୍କୁ ଦର୍ଶକଙ୍କ ସହ ସିଧାସଳଖ ଭାବରେ ଭାବନାର ସମ୍ପର୍କ ଗଢ଼ିବାକୁ ପଡ଼େ। ତାଙ୍କ କଣ୍ଠର ସ୍ୱାଭାବିକତା ଓ ଗୀତ ପ୍ରତି ନିଷ୍ଠା ଦର୍ଶକଙ୍କୁ ଆକର୍ଷିତ କରିଆସିଛି। ତାଙ୍କ ପରିବେଷଣରେ ଗୀତର ମୂଳ ଭାବକୁ ଅକ୍ଷୁଣ୍ଣ ରଖିବା ସହିତ ଶ୍ରୋତାଙ୍କ ରୁଚିକୁ ମଧ୍ୟ ଧ୍ୟାନ ଦିଆଯାଏ। ଏହି କାରଣରୁ ସେ ମଞ୍ଚରେ ମଧ୍ୟ ଦୀର୍ଘ ସମୟ ଧରି ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ପ୍ରଣବ ପଟ୍ଟନାୟକ ତାଙ୍କ ଦୀର୍ଘ ସଙ୍ଗୀତ ଜୀବନରେ ବିଭିନ୍ନ ସମ୍ମାନ ଓ ପ୍ରଶଂସା ପାଇଛନ୍ତି ଯାହା ପ୍ରଣବ ପଟ୍ଟନାୟକଙ୍କ ଗୀତର ସ୍ଥାୟୀତ୍ୱ କଥାକୁ ପ୍ରମାଣ କରେ। ତାଙ୍କ କଣ୍ଠରେ ରେକର୍ଡ ହୋଇଥିବା ଅନେକ ଗୀତ ପୁରୁଣା ହୋଇଥିଲେ ମଧ୍ୟ ତାହାର ଭାବ ଓ ମାଧୁର୍ଯ୍ୟ ଆଜି ମଧ୍ୟ ଶ୍ରୋତାଙ୍କୁ ଆକର୍ଷିତ କରେ। ଏହି କାରଣରୁ ସେ କେବଳ ଏକ ନିର୍ଦ୍ଦିଷ୍ଟ ସମୟର ଗାୟକ ନୁହନ୍ତି, ସେ ଓଡ଼ିଆ ସଙ୍ଗୀତର ଏକ ଦୀର୍ଘ ପରମ୍ପରାର ଅଂଶ। ପ୍ରଣବ ପଟ୍ଟନାୟକ ଓଡ଼ିଆ ସଙ୍ଗୀତ ଜଗତର ଏକ ସ୍ମରଣୀୟ କଣ୍ଠ। ତାଙ୍କ ଗାୟନରେ ଓଡ଼ିଆ ଭାଷାର ମାଧୁର୍ଯ୍ୟ, କବିତାର ସୌନ୍ଦର୍ଯ୍ୟ, ସୁରର ମନୋହରତା ଓ ମାନବୀୟ ଭାବନାର ଗଭୀରତା ଏକାତ୍ମ ହୋଇଛି। ସେ ନିଜର କଳାସାଧନା ମାଧ୍ୟମରେ ଓଡ଼ିଆ ସଙ୍ଗୀତକୁ ସମୃଦ୍ଧ କରିବା ସହିତ ଅସଂଖ୍ୟ ଶ୍ରୋତାଙ୍କ ହୃଦୟରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଆଜି ସେ ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କର ମଧୁର ସ୍ୱର ଭାବ ଓ ଲୟ ସମସ୍ତ ପ୍ରଣବ ପ୍ରେମୀଙ୍କ ନିକଟରେ ସଦା ସର୍ବଦା ଅମର କରି ରଖିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

♥ ଅରଙ୍ଗାବାଦ, ବରୀ, ଯାଜପୁର
ମୋ- ୮୨୪୯୫୦୨୭୭୬

ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ହୃଦୟବାନ ହୃଦୟ ବିଶେଷଜ୍ଞ : ଡା ପ୍ରଦୀପ କୁମାର ରଥ

## ଡ. ଗୋଲକ ବିହାରୀ ଆଚାର୍ଯ୍ୟ

### ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା

'ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲକୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ। ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ। କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ୍ୟ ମ୍ଲାନ ହୋଇଯାଏ। ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ।'





ଜଣେ ପ୍ରକୃତ ସଫଳ ଚିକିତ୍ସକ କେବଳ ରୋଗର ନାଡ଼ି ଚିହ୍ନନ୍ତି ନାହିଁ; ସେ ହେଉଛନ୍ତି ସେହି ବ୍ୟକ୍ତି, ଯିଏ ରୋଗରେ ପୀଡ଼ିତ ମଣିଷଟିର ସ୍ପନ୍ଦନ ଓ ଅନ୍ତରର ବ୍ୟଥାକୁ ମଧ୍ୟ ଅନୁଭବ କରିପାରନ୍ତି। ବୈଜ୍ଞାନିକ ଜ୍ଞାନ ରୋଗ ନିରୂପଣ କରିପାରେ, ଔଷଧ ସୁସ୍ଥ କରିପାରେ, ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାନବ ଚକ୍ଷୁ ଅଗୋଚରେ ଥିବା ସତ୍ୟକୁ ଦୃଶ୍ୟମାନ କରିପାରେ—ମାତ୍ର ପ୍ରକୃତ ଆରୋଗ୍ୟର ଆରମ୍ଭ, ତାହାର ଗଭୀରତମ ଅର୍ଥରେ, ସହାନୁଭୂତିରୁ ହିଁ ହୋଇଥାଏ।

ଶ୍ରେଷ୍ଠ ଚିକିତ୍ସକଙ୍କ ନିକଟରେ ଦୁଇଟି ହୃଦୟ ଥାଏ: ଗୋଟିଏ ବିଜ୍ଞାନ ଦ୍ୱାରା ପ୍ରଶିକ୍ଷିତ ଏବଂ ଅନ୍ୟଟି ମାନବୀୟତା ଦ୍ୱାରା ସଂବେଦନଶୀଳ। ପ୍ରଥମ ହୃଦୟଟି ଷ୍ଟେଥୋସ୍କୋପ୍ ଜରିଆରେ ଶୁଣେ; ଦ୍ୱିତୀୟ ହୃଦୟଟି ରୋଗୀର ନୀରବ ଆଶଙ୍କା, ଭୟ, ଉଦ୍‌ବେଗ ଓ ଆଶାକୁ ଶୁଣିପାରେ।

ଖ୍ୟାତନାମା ହୃଦରୋଗ ବିଶେଷଜ୍ଞ ଡାକ୍ତର ପ୍ରଦୀପ କୁମାର ରଥ ସେହି ବିରଳ ଚିକିତ୍ସକ କୁଳର ପ୍ରତୀକ, ଯାହାଙ୍କ ନିକଟରେ ବୃତ୍ତିଗତ ନିପୁଣତା ଓ ବ୍ୟକ୍ତିଗତ କାରୁଣ୍ୟର ଅପୂର୍ବ ମିଳନ ଘଟିଛି। ସେ ଅସୁସ୍ଥ ହୃଦୟର ଚିକିତ୍ସା ବୈଜ୍ଞାନିକ ସୂକ୍ଷ୍ମତା ସହ କରନ୍ତି, ମାତ୍ର ମେଡିକାଲ୍ ରିପୋର୍ଟ ପଛରେ ସ୍ପନ୍ଦିତ ହେଉଥିବା ମାନବୀୟ ହୃଦୟକୁ ସେ କେବେହେଲେ ବିସ୍ମୃତ ହୁଅନ୍ତି ନାହିଁ।

ଆଜିର ଯୁଗରେ, ଯେଉଁଠି ଚିକିତ୍ସା ସେବା ଦିନକୁ ଦିନ ବ୍ୟସ୍ତବହୁଳ, ବାଣିଜ୍ୟିକ ଓ ପ୍ରଯୁକ୍ତି-ଚାଳିତ ହୋଇପଡୁଛି, ସେଠାରେ ଡାକ୍ତର ରଥ ଜଣେ ଶାନ୍ତ, ଧୈର୍ଯ୍ୟବାନ୍ ଓ ସମୟପ୍ରଦାୟୀ ଆପ୍ତଜନ ଚିକିତ୍ସକ ଭାବେ ନିଜର ଏକ ଅତ୍ୟନ୍ତ ମୂଲ୍ୟବାନ୍ ସତ୍ତା ପ୍ରତିପାଦିତ କରିଛନ୍ତି।

### ଶ୍ରବଣ: ଚିକିତ୍ସାର ପ୍ରଥମ ପ୍ରସାଦ

ଡାକ୍ତର ରଥଙ୍କ ପାଇଁ ଚିକିତ୍ସା କେବଳ ବ୍ୟବସ୍ଥାପତ୍ର (ପ୍ରେସକ୍ରିପସନ୍) ଲେଖିବାରୁ ଆରମ୍ଭ ହୁଏନାହିଁ। ଏହା ଆରମ୍ଭ ହୁଏ ରୋଗୀର କଥାକୁ ଶୁଣିବାରୁ। ତାଙ୍କ ଚିକିତ୍ସାଗୃହ ବାହାରେ ଅପେକ୍ଷାରତ ରୋଗୀଙ୍କର ଦୀର୍ଘ ଧାଡ଼ି ଥିଲେ ହେଁ, ସେ ରୋଗୀ ସଂଖ୍ୟାର ଚାପକୁ ନିଜ ଆଗରେ ବସିଥିବା ବ୍ୟକ୍ତିଙ୍କ ମର୍ଯ୍ୟାଦା ଓ ଗୌରବ ହ୍ରାସ କରିବାକୁ ଦିଅନ୍ତି ନାହିଁ। ସେ ସୀମାହୀନ ଧୈର୍ଯ୍ୟ ଓ ମନୋଯୋଗର ସହ ରୋଗୀଙ୍କୁ ନିଜ ଭାଷାରେ ନିଜର ଅସୁବିଧା ବର୍ଣ୍ଣନା କରିବାକୁ ସୁଯୋଗ ଦିଅନ୍ତି। ତାଙ୍କ ବ୍ୟବହାରରେ ନା ଥାଏ କୌଣସି ଅଧୈର୍ଯ୍ୟତା, ନା ଥାଏ କୌଣସି ବ୍ୟଗ୍ର ବ୍ୟାଘାତ, ନା ଥାଏ ସେହି ସଙ୍କେତ ଯେ ତାଙ୍କ ସମୟ ଆଗରେ ବସିଥିବା ମଣିଷଟିଠାରୁ ଅଧିକ ମୂଲ୍ୟବାନ୍।

ତାଙ୍କର ପ୍ରଶାନ୍ତ ସ୍ୱର ଓ ଧୀର ସୌମ୍ୟ ବ୍ୟକ୍ତିତ୍ୱର ନିଜସ୍ୱ ଏକ ଆରୋଗ୍ୟକାରୀ ଗୁଣ ରହିଛି। ଜଣେ ଭୟଭୀତ ହୃଦରୋଗୀ ପାଇଁ ଔଷଧ ଯେତିକି ପ୍ରୟୋଜନ, ସାହସ ଓ ଆଶ୍ୱାସନା ତା'ଠାରୁ ଅଧିକ ଜରୁରୀ। ହୃଦରୋଗର ସମ୍ଭାବ୍ୟ ଭୟ ନିଜେ ଏକ ବିଶାଳ ବୋଝ ହୋଇପାରେ; ଧୈର୍ଯ୍ୟ ଓ ନିଷ୍ଠାର ସହ କୁହାଯାଇଥିବା କେତୋଟି ଶବ୍ଦ ସେହି ଭାରକୁ ଯଥେଷ୍ଟ ପରିମାଣରେ ହାଲୁକା କରିଦିଏ। ଡାକ୍ତର ରଥ ଚିକିତ୍ସା ସେବାର ଏହି ସୂକ୍ଷ୍ମ ଦିଗକୁ ଗଭୀର ଭାବେ ବୁଝିପାରନ୍ତି। ସେ କେବଳ ରୋଗର ଲକ୍ଷଣ ଶୁଣନ୍ତି ନାହିଁ। ସେ ଶୁଣନ୍ତି ରୋଗୀର ଜୀବନ କାହାଣୀ। ସେ କେବଳ ରିପୋର୍ଟ ପରୀକ୍ଷା କରନ୍ତି ନାହିଁ। ସେ ଅଧ୍ୟୟନ କରନ୍ତି ରୋଗୀର ସମ୍ପୂର୍ଣ୍ଣ ଇତିହାସ।ସେ କେବଳ ଔଷଧ ଲେଖିଦିଅନ୍ତି ନାହିଁ। ସେ ସେହି ମଣିଷଟିକୁ ବୁଝିବାକୁ ଚେଷ୍ଟା କରନ୍ତି, ଯାହାକୁ ସେହି ଔଷଧ ଗ୍ରହଣ କରିବାକୁ ହେବ। ପୂର୍ବର ଚିକିତ୍ସା କାଗଜପତ୍ରଗୁଡ଼ିକର ସୂକ୍ଷ୍ମ ଅନୁଧ୍ୟାନ ହେଉଛି ତାଙ୍କର ଏହି ଯତ୍ନର ଅନ୍ୟ ଏକ ପ୍ରତୀକ୍ଷିତ ପ୍ରକାଶ। କେବଳ ସଦ୍ୟତମ ରିପୋର୍ଟ ବା ବ୍ୟବସ୍ଥାପତ୍ର ଉପରେ ଦୃଷ୍ଟି ନଦେଇ, ସେ ଅତୀତର ରୋଗ ବିବରଣୀ ଓ ପୁରୁଣା ଔଷଧପତ୍ରକୁ ଗଭୀର ଭାବେ ଯାଞ୍ଚ କରନ୍ତି, ଯାହା ଦ୍ୱାରା ଅଣଦେଖା ରହିଯାଇଥିବା ସୂକ୍ଷ୍ମ ସୂତ୍ରଗୁଡ଼ିକୁ ସେ ଆବିଷ୍କାର କରିପାରନ୍ତି। ଏପରି ନିଷ୍ଠାପର ଧ୍ୟାନ କେବଳ ତାଙ୍କ କ୍ଲିନିକାଲ୍ ଦକ୍ଷତାର ପ୍ରମାଣ ଦିଏନାହିଁ, ବରଂ ତାଙ୍କର ବୃତ୍ତିଗତ ବିବେକକୁ ମଧ୍ୟ ସୂଚାଇଥାଏ।

### ସଂବେଦନଶୀଳ ବିଜ୍ଞାନ

ସାମ୍ପ୍ରତିକ ହୃଦରୋଗ ବିଜ୍ଞାନ ହେଉଛି ଅସାଧାରଣ ବୈଜ୍ଞାନିକ ଅଗ୍ରଗତିର ଏକ କ୍ଷେତ୍ର। ସୂକ୍ଷ୍ମ ପରୀକ୍ଷାନିରୀକ୍ଷା, ଇମେଜିଂ କୌଶଳ, ପ୍ରକ୍ରିୟା ଓ ଆଧୁନିକ ଔଷଧସମୂହ ହୃଦରୋଗର ଚିକିତ୍ସା ପଦ୍ଧତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ତଥାପି, ପ୍ରଯୁକ୍ତିବିଦ୍ୟା ଯେତେ ଉନ୍ନତ ହେଲେ ବି, ତାହା କେବେ ହେଲେ ସ୍ନେହସିଞ୍ଚିତ ମାନବୀୟ ସ୍ପର୍ଶର ବିକଳ୍ପ ହୋଇପାରିବ ନାହିଁ।

ଡାକ୍ତର ରଥ ଏହି ସନ୍ତୁଳନକୁ ସ୍ୱାଭାବିକ ଭାବେ ବୁଝିଥିବା ପରି ମନେହୁଏ।ତାଙ୍କର ପ୍ରଖର ଚିକିତ୍ସା ଜ୍ଞାନ ସହ ରୋଗୀଙ୍କ ଜୀବନଶୈଳୀ ଓ ପରିସ୍ଥିତି ପ୍ରତି ତାଙ୍କର ଅସାଧାରଣ ସଂବେଦନଶୀଳତା ପରିପୂରକ ହୋଇ ରହିଛି। ଗୋଟିଏ ବ୍ୟବସ୍ଥାପତ୍ର ଡାକ୍ତରୀ ଦୃଷ୍ଟିକୋଣରୁ ଉପଯୁକ୍ତ ହୋଇପାରେ, ମାତ୍ର ଯଦି ତାହାର ଖର୍ଚ୍ଚ ଏକ ପରିବାର ଉପରେ ଅସହ୍ୟ ଭାର ସୃଷ୍ଟି କରେ, ତେବେ ଚିକିତ୍ସକଙ୍କୁ ପୁନର୍ବାର ବିଚାର କରିବାକୁ ପଡ଼ିବ। ଏହିଠାରେ ହିଁ ତାଙ୍କର ମାନବୀୟତା ଅତ୍ୟନ୍ତ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଥାଏ।ଉଚ୍ଚମାନର ବେସରକାରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିଲେ ହେଁ, ସେ ସାଧାରଣ ରୋଗୀଙ୍କ ଆର୍ଥିକ ବାସ୍ତବତା ପ୍ରତି ସଦାସର୍ବଦା ସଚେତନ। ସେ ଅନାବଶ୍ୟକ ଔଷଧଗୁଡ଼ିକୁ ବାଦ୍ ଦେବାକୁ ଏବଂ ଯେଉଁଠାରେ ଡାକ୍ତରୀ ମତରେ ସମ୍ଭବ, ସେଠାରେ ଅନାବଶ୍ୟକ ଖର୍ଚ୍ଚକୁ ଏଡ଼ାଇବାକୁ ନିରନ୍ତର ପ୍ରୟାସ କରନ୍ତି। ତାଙ୍କର ଚିନ୍ତା କେବଳ ଏହା ନୁହେଁ ଯେ ଏକ ଚିକିତ୍ସା ପ୍ରଦାନ କରାଯାଇପାରିବ କି ନାହିଁ, ବରଂ ଏହା ଯେ ତାହା ପ୍ରକୃତରେ ଆବଶ୍ୟକ କି ନାହିଁ ଏବଂ ରୋଗୀ ପାଇଁ ସାଧ୍ୟମୂଳକ କି ନାହିଁ। ସେହି ପାର୍ଥକ୍ୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମ୍ଭ୍ରାନ୍ତ ପରିବାର ପାଇଁ ଗୋଟିଏ ଅତିରିକ୍ତ ପରୀକ୍ଷା କେବଳ ଏକ ସାଧାରଣ ବ୍ୟୟ ମାତ୍ର। କିନ୍ତୁ ଏକ ଗରିବ ପରିବାର ପାଇଁ, ଏହା ଚିକିତ୍ସାସେବା ଓ ପରିବାରର ନିତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରେ ଏକ ଯନ୍ତ୍ରଣାଦାୟକ ବିକଳ୍ପ ଚୟନ ହୋଇପାରେ। ଡାକ୍ତର ରଥ ସେହି ବାସ୍ତବତା ପ୍ରତି କେବେହେଲେ ଉଦାସୀନ ରହନ୍ତି ନାହିଁ। ଯେତେବେଳେ ଇକୋକାର୍ଡିଓଗ୍ରାମ୍ ପରି ଏକ ଆବଶ୍ୟକୀୟ ପରୀକ୍ଷା ଜଣେ ରୋଗୀର ଆର୍ଥିକ ସାମର୍ଥ୍ୟ ବାହାରେ ଥାଏ, ସେ ଅନେକ ସମୟରେ ନୀରବରେ ଏପରି ବାଟ ବାହାର କରିଛନ୍ତି ଯେପରି ରୋଗୀଟି ଜରୁରୀ ସେବାରୁ ବଞ୍ଚିତ ନହୁଏ। ଏପରି କାର୍ଯ୍ୟ କୌଣସି ମେଡିକାଲ୍ ବାୟୋଡାଟାରେ ସ୍ଥାନ ପାଏନାହିଁ, କିମ୍ବା ଖବରକାଗଜର ଶୀର୍ଷକ ବାର୍ତ୍ତା ବନେନାହିଁ। ମାତ୍ର ବୋଧହୁଏ ସେହି କାରଣରୁ ହିଁ ଏହି କାର୍ଯ୍ୟଗୁଡ଼ିକ ଅତ୍ୟନ୍ତ ସୁନ୍ଦର।

ଦୟା ଓ କାରୁଣ୍ୟର ଶ୍ରେଷ୍ଠ କାର୍ଯ୍ୟଗୁଡ଼ିକ ପ୍ରାୟତଃ କୌଣସି ପ୍ରଚାର ବା ପ୍ରଦର୍ଶନ ବିନା ହିଁ ସମ୍ପାଦିତ ହୋଇଥାଏ।

### ବ୍ୟବସ୍ଥାପତ୍ର ବାହାରେ ମାନବୀୟ ସମ୍ପର୍କ

ରୋଗୀଙ୍କ ପ୍ରତି ତାଙ୍କର ଚିନ୍ତା ଓ ସଂବେଦନା କେବଳ ପରାମର୍ଶ ଗୃହ (କନ୍‌ସଲ୍‌ଟେସନ୍ ରୁମ୍) ମଧ୍ୟରେ ଶେଷ ହୋଇଯାଏ ନାହିଁ।

ସେ ନିଜର ପ୍ରତ୍ୟକ୍ଷ ବିଶେଷଜ୍ଞତା ବାହାରେ ଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକରେ ମଧ୍ୟ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି ଏବଂ ଅନେକ ସମୟରେ ରୋଗୀମାନେ ଭଲ ଭାବରେ ଆରୋଗ୍ୟ ହେଉଛନ୍ତି କି ନାହିଁ ଜାଣିବା ପାଇଁ ବ୍ୟକ୍ତିଗତ ଭାବେ ଖବର ନେଇଛନ୍ତି। ଏହିପରି ଆଚରଣ ହୁଏତ ସାଧାରଣ ମନେହୋଇପାରେ, କିନ୍ତୁ ଜଣେ ରୋଗୀ ପାଇଁ ଏହା ଅତ୍ୟନ୍ତ ବିଶାଳ। ଅସୁସ୍ଥତା ପ୍ରାୟତଃ ମଣିଷକୁ ସଂବେଦନଶୀଳ ଓ ଅସହାୟ କରିଦିଏ। ସେମାନେ କେବଳ ଏହା ଜାଣିବାକୁ ଚାହାନ୍ତି ନାହିଁ ଯେ ସେମାନଙ୍କର କି ରୋଗ ହୋଇଛି, ବରଂ ଏହା ମଧ୍ୟ ଜାଣିବାକୁ ଚାହାନ୍ତି ଯେ ସେମାନଙ୍କ ସହ ସେମାନଙ୍କ ଆରୋଗ୍ୟ ପାଇଁ କେହି ଜଣେ ସତରେ ଚିନ୍ତିତ ଅଛନ୍ତି କି ନାହିଁ। ଡାକ୍ତର ରଥଙ୍କ ଜୀବନଶୈଳୀ ଓ କାର୍ଯ୍ୟପଦ୍ଧତି ସେହି ଅଣକୁହା ପ୍ରଶ୍ନର ଉତ୍ତର ଦେବା ପରି ମନେହୁଏ। ତେଣୁ ତାଙ୍କର ଚିକିତ୍ସା କେବଳ ପ୍ରେସକ୍ରିପସନ୍ ପ୍ୟାଡ୍ ମଧ୍ୟରେ ସୀମାବଦ୍ଧ ନୁହେଁ। ଏହା ଆଶ୍ୱାସନା, ମାର୍ଗଦର୍ଶନ, ଉତ୍ସାହ ଓ ମାନବୀୟ ବନ୍ଧୁତାରେ ପ୍ରସାରିତ। ବୋଧହୁଏ ସେଥିପାଇଁ 'ଏକ ହୃଦୟବିଶେଷଜ୍ଞଙ୍କ ନିଷ୍କପଟ ହୃଦୟ' ସ୍ଲୋଗାନଟି କେବଳ ଶବ୍ଦର ଚାତୁରୀ ନୁହେଁ, ବରଂ ଏକ ସତ୍ୟ ପ୍ରତିଫଳନ।

### ଡାକ୍ତରଖାନା ବାହାରେ ସେବା

ତାଙ୍କ ବୃତ୍ତିଗତ ଜୀବନକୁ ଆହୁରି ଅଧିକ ପ୍ରେରଣାଦାୟୀ କରିଥାଏ ଏହି କଥା ଯେ, ତାଙ୍କର ସେବା ମନୋଭାବ କେବଳ ହସ୍ପିଟାଲ୍‌ର ଚାରିକାନ୍ଥ ମଧ୍ୟରେ ସୀମିତ ରହେନାହିଁ। ନିଜର ଅତ୍ୟନ୍ତ ବ୍ୟସ୍ତବହୁଳ ବୃତ୍ତିଗତ ସମୟସାରଣୀ ବାହାରେ, ଡାକ୍ତର ରଥ ନିଜର ନବତୀପର (୯୦ ବର୍ଷରୁ ଊର୍ଦ୍ଧ୍ୱ) ପିତାମାତାଙ୍କ ଯତ୍ନ ନିଅନ୍ତି—ଏକ ଦାୟିତ୍ୱ ଯାହା ନିଜେ ତାଙ୍କର ପିତୃ-ମାତୃ ଭକ୍ତିର ପରିଚୟ ଦିଏ। ସେହି ସମୟରେ, ସେ ଅଣ-ଅନୁଦାନପ୍ରାପ୍ତ ଓ ନିଜସ୍ୱ ସମ୍ବଳରେ ଚାଲୁଥିବା ସ୍ୱାସ୍ଥ୍ୟ ଶିବିରଗୁଡ଼ିକ ସହ ଜଡ଼ିତ ରହି ଅବହେଳିତ ଓ ସେବାବଞ୍ଚିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟସେବା ପହଞ୍ଚାଉଛନ୍ତି, ଯେଉଁଠାରେ ବିଶେଷଜ୍ଞ ଚିକିତ୍ସା ପାଇବା ଅତ୍ୟନ୍ତ କଷ୍ଟକର। ଏଠାରେ ହୃଦରୋଗ ବିଶେଷଜ୍ଞ ଜଣକ କେବଳ ଜଣେ ସ୍ପେଶାଲିଷ୍ଟ ହୋଇ ରହନ୍ତି ନାହିଁ। ସେ ସମାଜର ଜଣେ ନିଷ୍ଠାପର ସେବକ ହୋଇପଡ଼ନ୍ତି। ଏହି ବୈଷମ୍ୟ ଅତ୍ୟନ୍ତ ସ୍ପଷ୍ଟ: ଯେଉଁ ଚିକିତ୍ସକ ପ୍ରତିଦିନ ଆଧୁନିକ ଓ ଜଟିଳ ହୃଦରୋଗ ବିଜ୍ଞାନ ସହ କାର୍ଯ୍ୟ କରନ୍ତି, ସେ କଦାପି ସେହି ମଣିଷମାନଙ୍କୁ ଭୁଲିଯାଆନ୍ତି ନାହିଁ ଯେଉଁମାନେ ମୌଳିକ ସ୍ୱାସ୍ଥ୍ୟସେବା ପାଇଁ ସଂଗ୍ରାମ କରୁଛନ୍ତି। ତାଙ୍କର କର୍ମଜୀବନ ଯୁବ ଡାକ୍ତରମାନଙ୍କୁ—ଏବଂ ବାସ୍ତବରେ ସମସ୍ତ ବୃତ୍ତିଧାରୀଙ୍କୁ—ଏକ ଶିକ୍ଷା ଦିଏ: ଶ୍ରେଷ୍ଠତାର ସର୍ବୋଚ୍ଚ ଅର୍ଥ ସେତେବେଳେ ପ୍ରକାଶ ପାଏ, ଯେତେବେଳେ ତାହା ସେବାରେ ପରିଣତ ହୁଏ।

### ଆରୋଗ୍ୟଦାତାଙ୍କ ହୃଦୟ

ଅନେକ ଡାକ୍ତର ଅଛନ୍ତି ଯେଉଁମାନେ ଅତ୍ୟନ୍ତ ମେଧାବୀ। ଅନେକ ଅଛନ୍ତି ଯେଉଁମାନେ ସଫଳ। ଅନେକ ଅଛନ୍ତି ଯାହାଙ୍କର ବୃତ୍ତିଗତ ଯୋଗ୍ୟତା ଅତ୍ୟନ୍ତ ପ୍ରଭାବଶାଳୀ।ମାତ୍ର ଦୟା ଓ କାରୁଣ୍ୟ ବିନା ମେଧା ଶୀତଳ ହୋଇଯାଏ; ସେବା ବିନା ସଫଳତା ଶୂନ୍ୟ ହୋଇଯାଏ; ନମ୍ରତା ବିନା ଜ୍ଞାନ ନିରର୍ଥକ ହୋଇଯାଏ।

ଜଣେ ପ୍ରକୃତ ମହାନ ଚିକିତ୍ସକଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରୁଥିବା ବିଷୟ ହେଉଛି—ବିଜ୍ଞାନରେ ସିଦ୍ଧି ହାସଲ କରିବା ସହିତ ନିଜ ମାନବୀୟତାକୁ ଅକ୍ଷୁଣ୍ଣ ରଖିବାର କ୍ଷମତା।

ଡାକ୍ତର ପ୍ରଦୀପ କୁମାର ରଥ ସେହି ସମନ୍ୱୟର ଏକ ସୁନ୍ଦର ଉଦାହରଣ। ତାଙ୍କର ଶକ୍ତି କେବଳ ହୃଦୟ ସମ୍ପର୍କିତ ଜ୍ଞାନରେ ନାହିଁ, ବରଂ ସେହି ମଣିଷଟିକୁ ବୁଝିବାରେ ରହିଛି ଯାହାର ହୃଦୟର ସେ ଚିକିତ୍ସା କରନ୍ତି। ତାଙ୍କର ବୃତ୍ତିଗତ ନିପୁଣତା ସମ୍ମାନ ଆଣିଦିଏ; ତାଙ୍କର ଧୈର୍ଯ୍ୟ ବିଶ୍ୱାସ ଜାଗ୍ରତ କରେ; ତାଙ୍କର ନମ୍ରତା ଆଦର ଓ ସ୍ନେହ ଆଣିଦିଏ; ଏବଂ ତାଙ୍କର ନୀରବ ସେବାକାର୍ଯ୍ୟ ତାଙ୍କ ବୃତ୍ତିକୁ ଏକ ଗଭୀର ଉଦ୍ଦେଶ୍ୟ ପ୍ରଦାନ କରେ।

ବୋଧହୁଏ, ସର୍ବଶେଷରେ, ସବୁଠାରୁ ଶ୍ରେଷ୍ଠ ହୃଦରୋଗ ବିଶେଷଜ୍ଞ କେବଳ ସେହି ବ୍ୟକ୍ତି ନୁହଁନ୍ତି ଯିଏ ହୃଦୟ କିପରି କାର୍ଯ୍ୟ କରେ ଜାଣନ୍ତି, ବରଂ ସେହି ବ୍ୟକ୍ତି ଯିଏ ବୁଝିପାରନ୍ତି କାହିଁକି ମାନବ ହୃଦୟ ଆଶା କରେ, ଭୟ କରେ, କଷ୍ଟ ପାଏ ଏବଂ ବିଶ୍ୱାସ କରେ।ଏବଂ ସେହିଠାରେ ହିଁ ଡାକ୍ତର ରଥଙ୍କ ଗାଥା ନିଜର ବିଶେଷ ମହତ୍ତ୍ୱ ହାସଲ କରେ।

### ହୃଦୟ ଯେଉଁଠି ହୃଦୟକୁ ସୁସ୍ଥ କରେ

ଯନ୍ତ୍ର, ଔଷଧ ଓ ଚମତ୍କାର ପ୍ରଯୁକ୍ତିବିଦ୍ୟା ଦ୍ୱାରା ଚିକିତ୍ସା ବିଜ୍ଞାନ ଆଗେଇ ପାରେ, ମାତ୍ର ଏହାର ସବୁଠାରୁ ମହାନ ପରମ୍ପରା ସଦାସର୍ବଦା ମାନବୀୟ ହୋଇ ରହିବ। ଷ୍ଟେଥୋସ୍କୋପ୍ ହୃଦୟର ମର୍ମର ଶବ୍ଦ ଧରିପାରେ, ଇସିଜି ଗତି ଓ ତାଳର ଚିତ୍ର ଦେଖାଇପାରେ, ଇକୋକାର୍ଡିଓଗ୍ରାମ୍ ହୃଦୟର ଗତିଶୀଳତା ପ୍ରକାଶ କରିପାରେ—ମାତ୍ର କେବଳ ସହାନୁଭୂତି ଓ କାରୁଣ୍ୟ ହିଁ ରୋଗୀର ନୀରବତା ପଛରେ ଥିବା ବ୍ୟଥାକୁ ଶୁଣିପାରେ।

ଡାକ୍ତର ପ୍ରଦୀପ କୁମାର ରଥ ଆମକୁ ଏହି ଚିରନ୍ତନ ସତ୍ୟ ମନେ ପକାଇ ଦିଅନ୍ତି: ଜଣେ ଚିକିତ୍ସକଙ୍କ ସବୁଠାରୁ ବଡ଼ ଯନ୍ତ୍ର ସଦାସର୍ବଦା ହସ୍ପିଟାଲ୍‌ରେ ମିଳେନାହିଁ— ଏହା ପ୍ରାୟତଃ ତାଙ୍କ ନିଜ ଅନ୍ତର ମଧ୍ୟରେ ହିଁ ଥାଏ।ତାଙ୍କର ବୃତ୍ତି ହେଉଛି ଆରୋଗ୍ୟ ପ୍ରଦାନ କରିବା, ମାତ୍ର ତାଙ୍କ ଜୀବନ ହେଉଛି ମାନବୀୟ ଚିନ୍ତାର ଏକ ସୁନ୍ଦର ନିଦର୍ଶନ; ତାଙ୍କର କର୍ମଜୀବନ କ୍ଲିନିକାଲ୍ ସଫଳତାର ଏକ ଗାଥା, ମାତ୍ର ସେବା ପ୍ରତି ଏକ ନୀରବ ପ୍ରତିବଦ୍ଧତା।

ଯେଉଁ ପୃଥିବୀରେ ଚିକିତ୍ସା ସେବା କେବେ କେବେ ଯାନ୍ତ୍ରିକ ହୋଇପଡ଼େ, ସେଠାରେ ସେ ମାନବୀୟ ହୃଦୟର ସ୍ପନ୍ଦନକୁ ଜୀବନ୍ତ ରଖିଛନ୍ତି। କାରଣ, ସର୍ବଶେଷରେ: ଏକ ବିଚକ୍ଷଣ ମସ୍ତିଷ୍କ ରୋଗ ନିରୂପଣ କରିପାରେ, ମାତ୍ର ଏକ ବଦାନ୍ୟ ହୃଦୟ ଆରୋଗ୍ୟ ଦେଇଥାଏ। ଏକ କୁଶଳୀ ହାତ ଚିକିତ୍ସା କରିପାରେ, ମାତ୍ର ଏକ କୋମଳ ହୃଦୟ ସାନ୍ତ୍ୱନା ଓ ଆଶ୍ୱାସନା ଦେଇଥାଏ।

ଜ୍ଞାନ ପ୍ରଶଂସା ଓ ସ୍ୱୀକୃତି ଆଣିପାରେ, ମାତ୍ର କାରୁଣ୍ୟ ଅମର ସ୍ମୃତି ଆଣିଥାଏ। ଶ୍ରେଷ୍ଠ ଚିକିତ୍ସକ କେବଳ ଜୀବନ ବଞ୍ଚାନ୍ତି ନାହିଁ; ସେ ଜୀବନ ପ୍ରତି ବିଶ୍ୱାସ ପୁନରୁଦ୍ଧାର କରନ୍ତି। ଯେତେବେଳେ ବିଜ୍ଞାନ ସଂବେଦନଶୀଳତା ସହ ସେବା କରେ, ସେତେବେଳେ ଚିକିତ୍ସା ଏକ ମିଶନ୍ ବନିଯାଏ; ଯେତେବେଳେ ଜ୍ଞାନ ମାନବୀୟତା ଆଗରେ ନତମସ୍ତକ ହୁଏ, ସେତେବେଳେ ଚିକିତ୍ସକ ଜଣେ ଆଶୀର୍ବାଦ ପାଲଟିଯାଆନ୍ତି। ଏବଂ ବୋଧହୁଏ ସେଇଟି ହିଁ ଡାକ୍ତର ପ୍ରଦୀପ କୁମାର ରଥଙ୍କ ଜୀବନର ସବୁଠାରୁ ସୁନ୍ଦର ବିରୋଧାଭାସ: ସେ ହେଉଛନ୍ତି ହୃଦୟକୁ ଅଧ୍ୟୟନ କରୁଥିବା ଜଣେ ବିଶେଷଜ୍ଞ, ତଥାପି ତାଙ୍କ ନିଜସ୍ୱ ହୃଦୟ ହିଁ ତାଙ୍କୁ ପ୍ରକୃତରେ ବିଶେଷ ଓ ଅନନ୍ୟ କରିପାରିଛି।

♥ କେଶଦୂରାପାଳ
କେନ୍ଦୁଝର- ୭୫୮୦୨୫
(ମୋ)୯୯୩୮୧୭୫୧୦୦

## ସତ୍ୟନାରାୟଣ ପ୍ରଧାନ

# ଅଭିନୟ



ଆଜି ଟ୍ରେନରେ ବସି ଅଫିସ ଯିବା ବାଟରେ ପୁଣି ଥରେ ସେଇ ଚିହ୍ନା ମୁହଁଟା ଦେଖା ହୋଇ ଯାଆନ୍ତା ବୋଲି ଭାବି ହେଉଥିଲି। ସବୁଦିନ ଭଳି ସେ କାହିଁ ଆଉ ଦେଖା ଯାଉ ନାହାଁନ୍ତି । ଦେଖା ଆଉ କଥା ହେବା ଭିତରେ ମୁଁ ନିଜ ଅଜାଣତରେ ତାଙ୍କୁ ଭଲ ପାଇ ବସିଥିଲି ଖାଲି ଯାହା କହିବା ବାକି ଥିଲା। ଏତେ ଭିଡ଼ ଭିତରେ ଭାରି ଏକା ଅନୁଭବ ହେଉଥିଲା। ଅଚାନକ ତାଙ୍କୁ ଗୋଟେ ବଗିରେ ନିରବ ହୋଇ ବସିଥିବାର ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲି।

ସବୁବେଳେ ଗପ ମଜା କରି ସମୟ କାଟି ଦେଉଥିବା ପାଟିଟା ପୁରା ଚୁପ ହୋଇ ଯାଇଥିଲା। ଡ୍ରେସ ପିନ୍ଧିବା ବଦଳରେ ତାଙ୍କ ଦେହରେ ଥିଲା ଧଳା ଶାଢ଼ୀ ମୁଣ୍ଡରେ ସିନ୍ଦୁର କି ହାତରେ ନ ଥିଲା ଶଙ୍ଖା। ମୋର ଆଉ ସାହସ ନ ଥିଲା ପଦେ କଥା ହେବାକୁ ଇଚ୍ଛା ହେଉଥିଲେ ବି ଛାତି ତଳେ ଲୁଚି ରହିଥିବା ବିବେକଟା କେଜାଣି କାହିଁକି ମନା କରୁଥିଲା।

ଅନେକ ସମୟ ଯାଏ ମୁଁ ତାଙ୍କୁ ଦୂରରୁ ଠିଆ ହୋଇ ଚାହିଁ ରହିଥିଲେ ବି ମନଟା ଆଉ କେଉଁ ଅଜଣା ରାଇଜ ଘୁରି ବୁଲୁଥିଲା। ସେ ମୋତେ ଏମେତି ବସିବା ଭିତରେ ଆଖି ତାଙ୍କର ମୋ ଉପରେ ପଡି ଯାଇଥିଲା। ମୁଁ ଆଉ ସ୍ୱାର୍ଥପର ପାଲଟି ଯିବାକୁ ଚାଁହୁ ନ ଥିଲି। ନିଜ ଆଖି ଆଗରେ ତାଙ୍କର ହସିଲା ପୁରିଲା ମୁହଁଟା ଝାଉଁଳି ଯିବାର ଦେଖି ସବୁ କିଛି ହୃଦୟଙ୍ଗମ କରି ସାରିଥିଲି। ସେ ମୋର ସବୁଠୁ ପରିଚିତ ହୋଇ ପଡ଼ିଥିବା ଆପଣାର ମଣିଷଟାକୁ ଅଚିହ୍ନା ଲୋକ ପରି ଅଭିନୟ କରିବାକୁ ଉଚିତ ବୋଲି ଭାବି ନେଇଥିଲି।



♥ ଅଣ୍ଟିଆ, ଯାଜପୁର
ମୋ -୯୧୭୮୩୧୩୬୪୪

# ଜାତୀୟ କ୍ରୀଡ଼ା ଦିବସର ଦ୍ୱିତୀୟ ଦିନ



ବାଲେଶ୍ୱର, ୨୯/୮ (ନି.ପ୍ର): ବାଲେଶ୍ୱରର ଭୀମପୁରା ସ୍ପୋର୍ଟସ ହଷ୍ଟେଲ ଗ୍ରାଉଣ୍ଡରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଚାଲିଥିବା ତ୍ରିଦିବସୀୟ ଉତ୍ସବର ଦ୍ୱିତୀୟ ଦିନରେ 'ଏକ ଘଣ୍ଟା ଖେଳ ପଡ଼ିଆରେ' ଆଭିମୁଖ୍ୟକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବିଶେଷ ଅବସରରେ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ଆଥଲେଟିକ ଆସୋସିଏସନର ଉପସଭାପତି ଜଗଦୀଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜଣେ ଆନ୍ତର୍ଜାତୀୟ ଖୋ-ଖୋ କ୍ରୀଡ଼ାବିତ୍ ଶ୍ରୀ ଜଗନ୍ନାଥ ମୁର୍ମୁଙ୍କୁ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବା ସହ ସ୍ପୋର୍ଟସ ହଷ୍ଟେଲ ଗ୍ରାଉଣ୍ଡରେ ଏକ ରୋମାଞ୍ଚକର ଖୋ-ଖୋ ମ୍ୟାଚ୍ ଆୟୋଜିତ ହୋଇଥିଲା। ଏହା ପରେ ଅପରାହ୍ନରେ ବାଲେଶ୍ୱର ପରମିଟ୍ ପଡ଼ିଆଠାରେ ଏକ ଆକର୍ଷଣୀୟ ଫୁଟବଲ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସଫଳ ପରିଚାଳନାରେ ଆୟୋଜିତ ଏହି ସମସ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, କର୍ମଚାରୀ, ସ୍ଥାନୀୟ କ୍ରୀଡ଼ାବିତ୍ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ଥିବା ସମସ୍ତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ମଧ୍ୟ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଅଛି।

# ବିଶିଷ୍ଟ ସମାଜସେବୀ ଉଷାମଣି ଆଚାର୍ଯ୍ୟଙ୍କ ସ୍ମୃତିରେ ଶୋକସଭା



ବାଲେଶ୍ୱର, ୨୯/୮ (ନି.ପ୍ର): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ବିଶିଷ୍ଟ ସମାଜସେବୀ ଉଷାମଣୀ ଆଚାର୍ଯ୍ୟଙ୍କ ଏକବର୍ଷିରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ, ଗେଙ୍ଗୁଟି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ର, ବ୍ରଜେନ୍ଦ୍ର କୁମାର ମହାନ୍ତି, ପୁତ୍ର ପୀତବାସ ଆଚାର୍ଯ୍ୟ, ଶ୍ରୀନିବାସ ଆଚାର୍ଯ୍ୟ, ପଣ୍ଡିତ ଦିବାକର ପଣ୍ଡା, ଜ୍ଞାନରଞ୍ଜନ କର,ଜିତେନ୍ଦ୍ର କୁମାର କର, ମାନସ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଉଷାମଣୀ ଦେବୀଙ୍କ ତୈଳ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। କିପରି ଅଭାବ ଅନାଟନରେ ରହି ମଧ ଜୀବନ ବ୍ୟାପି ଦୁଃଖୀରଙ୍କିଙ୍କ ସେବା ଯୋଗେଇବା ସହ, ଗ୍ରାମରେ ଅନ୍ଧବିଶ୍ୱାସ, କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ତାଙ୍କୁ ସଦା ମନେ ରଖିବେ ବୋଲି ଶ୍ରୀ ରାଉତ କହିଥିଲେ । ଶାନ୍ତିଲତା ଆଚାର୍ଯ୍ୟ, ସ୍ନେହେଲତା ଆଚାର୍ଯ୍ୟ,ମଧୁସ୍ମିତା ଆଚାର୍ଯ୍ୟ, ରତିକାନ୍ତ ପଣ୍ଡା,ସୁବ୍ରତ ଆଚାର୍ଯ୍ୟ, କମଲେଶ ଦାଶ, ଜ୍ଞାନେନ୍ଦ୍ର ଶତପଥି , ରଜତ କୁମାର ଆଚାର୍ଯ୍ୟ,ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ମଧୁସାଗର ବିଦ୍ୟାପୀଠରେ ରାସ୍ତା ଓ ଟ୍ୟୁବଲ୍ ସମ୍ପୂର୍ଣ୍ଣ ଅଚଳ

କେନ୍ଦ୍ରାପଡା , ୨୯/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଅନ୍ୟତମ ପୁରୁଣା ଉଚ୍ଚ ଆବାସିକ ବିଦ୍ୟାଳୟ ଭାବେ ପରିଚିତ ମଧୁସାଗର ବିଦ୍ୟାପୀଠରେ ରାସ୍ତା ଓ ଟ୍ୟୁବଲ୍ ସମ୍ପୂର୍ଣ୍ଣ ଅଚଳ ହୋଇଯିବା ଫଳରେ ସ୍କୁଲରେ ଅଧ୍ୟୟନ କରୁଥିବା ଓ ଛାତ୍ରାବାସରେ ରହୁଥିବା ଶହ ଶହ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ ଏହି ବିଦ୍ୟାଳୟରେ ଗୋଟିଏ ମାତ୍ର ଟ୍ୟୁବେଲ୍ ନଥିବାରୁ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପିଇବା ପାଇଁ ପାଣି ଓ ଶୌଚ ହେବାକୁ ମଧ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏଠାରେ ଏକ ନୂତନ ଟ୍ୟୁବେଲ୍ ଲଗାଇବା ସହ ଅଚଳ ଥିବା ଟ୍ୟୁବେଲ୍କୁ ତୁରନ୍ତ ମରାମତି କରିବା ପାଇଁ ଦାବି କରାଯାଇଛି । ଦୀର୍ଘ ଦୁଇମାସ ହେଲା ଲଗାଣ ବର୍ଷା ଫଳରେ ସ୍କୁଲର ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବା ଫଳରେ ଛାତ୍ର/ଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ସ୍କୁଲକୁ ବହୁ କଷ୍ଟରେ ଯାତାୟତ କରୁଛନ୍ତି । ଏପରିକି ଛାତ୍ର ଛାତ୍ରୀ ସ୍କୁଲକୁ ଗଲାବେଳେ ବାଟରେ ଖସି ଆହତ ହେଉଛନ୍ତି। ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀମାନେ ମଟର ସାଇକେଲ୍ରେ ସ୍କୁଲ ପରିସରକୁ ପ୍ରବେଶ କରିପାରୁନାହାଁନ୍ତି ।

# ଶିଶୁ ବିହାରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ




ବାସୁଦେବପୁର, ୨୯/୮ (ନି.ପ୍ର): ବାସୁଦେବପୁର ସହରର ଆଦର୍ଶ ଶିକ୍ଷା ଅନୁଷ୍ଠାନ ଶିଶୁ ବିହାରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଭଦ୍ରକ ଜିଲ୍ଲା ସଂଯୋଜକ ଗ୍ରୌନ୍ଦ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସମାଜରେ ବିଜ୍ଞାନର ଅଧିକ ଆବଶ୍ୟକତା ରହିଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ବିଜ୍ଞାନ ମେଳାରେ ଛାତ୍ର ଛାତ୍ରୀ ମାନଙ୍କ ପ୍ରକଳ୍ପକୁ ମୂଲ୍ୟାଙ୍କନ କରିଥିଲେ ବିଚାରକ ତଥା ବିଜ୍ଞାନ ଶିକ୍ଷକ ସମରେନ୍ଦ୍ର ବାରିକ୍, ଶିକ୍ଷକ କୈଳାସ ଚନ୍ଦ୍ର ବେହେରା, ଶିକ୍ଷକ ସିଦ୍ଧାର୍ଥ ଶଙ୍କର ପୁହାଣ, ଶିକ୍ଷକ ମାନସ ରଞ୍ଜନ ବେହେରା ଓ ଶିକ୍ଷକ ବଳରାମ ବିଶ୍ୱାଳ। ଏହି ବିଜ୍ଞାନ ମେଳାରେ ସମୁଦାୟ ୬୨ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଛାତ୍ର ଛାତ୍ରୀ ମାନେ ଖୁବ୍ ସୁନ୍ଦର ପ୍ରକଳ୍ପ ତିଆରି କରିଥିଲେ। ବିଦ୍ୟୁତ୍ ଶକ୍ତି, ଆୟୁର୍ବେଦିକ ପ୍ଲାଣ୍ଟ, ଔଷଧୀୟ ବୃକ୍ଷ, ଆଧୁନିକ ପ୍ରଣାଳୀରେ କୃଷି, ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ନିୟନ୍ତ୍ରଣ, ପରିବେଶ ସୁରକ୍ଷା ପ୍ରଭୃତି ପ୍ରକଳ୍ପ ପିଲାମାନେ ତିଆରି କରିଥିଲେ। ଏହି ସଭାରେ ଗୁରୁଜୀ ସନ୍ତୋଷ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଗୁରୁଜୀ ଭରତ ଚନ୍ଦ୍ର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ସ୍ୱଭାବ କବି ଗଂଗାଧର ମେହେରଙ୍କ ୧୬୫ ତମ ଜନ୍ମତିଥି ପାଳିତ




ଜଳେଶ୍ୱର , ୨୯/୮ (ନି.ପ୍ର): ମୁନସୀପାଲିଟି ଅନ୍ତର୍ଗତ ଦେଉଳୀ ପଚୁଂଘଣ୍ଟା ଗ୍ରାମ ରେ ଅବସ୍ଥିତ ଦିଗମ୍ବରୀ ଦେବୀ +୨ ସାଇନସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଳେଶ୍ୱର ସମ୍ମିଳନୀ କକ୍ଷରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଅନୁଷ୍ଠାନ ପ୍ରତିଷ୍ଠାତା ଚେୟାରମେନ ଅଧକ୍ଷ ଶିକ୍ଷାବିତ ଡ ଅଜିତ କୁମାର ମହାନ୍ତି ଙ୍କ ପୌରହିତ୍ୟ କରିଥିଲେ।ସୂଚନା ପ୍ରଦାନ କରି କହିଥିଲେ ସ୍ୱଭାବ କବି ଗଂଗାଧର ମେହେର ଙ୍କ ୧୬୫ ତମ ଜନ୍ମ ତିଥି ତଥା ୧୮୬୨ ମସିହା ଶ୍ରାବଣ ପୂର୍ଣ୍ଣମୀ ତଥିରେ ବରଗଡ ଜିଲ୍ଲା ଅନ୍ତର୍ଗତ ବରପାଲି ଏକ ସାଧାରଣ ବୁଣାକାର ପରିବାର ରେ ଜନ୍ମ ଗ୍ରହଣ କରିଥିଲେ । ୧୮୮୫ ରେ ବରପାଲି ର ଜମିଦାର ଲାଲନୃପ ରାଜ ସିଂହ ତାଙ୍କୁ ଅମିନ ଭାବେ ନିଯୁକ୍ତ କରିଥିଲେ! ୧୯୧୭ ରେ ଅବସର ଗ୍ରହଣ କରିଥିଲେ !ସେ ସମୟ ରେ ସେ କବି ସମ୍ରାଟ ଉପେନ୍ଦ୍ର ଭଂଜ ଓ ଭକ୍ତ କବି ଦୀନକୃଷ୍ଣ ଦାସ କବିତା ପଢିବା ସହିତ 'ଇନ୍ଦୁମତି'' ତପସ୍ୱିନୀ ' ର ସୀତା ଙ୍କ ମଗଂଳେ ଅଇଲା ଓଷା 'ପ୍ରଣୟ ବଲ୍ଲରୀ' 'ଅର୍ଘ୍ୟ ଥାଳି' କବିତା କଲୋଳ ତାଙ୍କର ଓଡ଼ିଆ ସାହିତ୍ୟ ର ବାଣୀ ଭଣ୍ଡାର କୁ ଋଧିମନ୍ତ କରିଛନ୍ତି ବୋଲି କହିଥିଲେ !ବିଶିଷ୍ଟ ସାହିତ୍ୟିକ ତଥା ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ତଥା ସୁନାମ ଧନ୍ୟ ସୁନାମ ଧନ୍ୟ ସାହିତ୍ୟିକ ପ୍ରାଧାପକ ବିପିନ ବିହାରୀ ବିଶ୍ୱାଳ ଙ୍କ ବକ୍ତବ୍ୟରେ କହିଥିଲେ ଆଜି ଜନ୍ମ ତିଥି ସ୍ୱଭାବ କବି ଗଂଗାଧର ମେହେର ଙ୍କ ସମ୍ପର୍କ ରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ ବି ଆର ସି ସି ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ସିଇଓ ଶରତ ଚନ୍ଦ୍ର ପରିଡା,କବି ସୁଶୀଲ ମାହାନା, କବି ରଂଜନ କୁମାର ଘୋଷ, କବି ଝାଡେଶ୍ୱର ବ୍ରହ୍ମ, କବୟତ୍ରୀ ସ୍ୱର୍ଣ୍ଣ ଲତା ସେଠୀ, କବୟତ୍ରୀ କମଳ କାମିନୀ ଦେ ସ୍ମୃତି ଚାରଣ ସହିତ ସ୍ୱରଚିତ କବିତା ପାଠ କରିଥିଲେ। ସହଯୋଗ କରିଥିଲେ ଅଧକ୍ଷ ପ୍ରକାଶ କୁମାର ଦିନ୍ଦା, ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦିକା ମଧୁଛନ୍ଦା ମହାନ୍ତି।

# ତ୍ରି ଦିବସୀୟ ଜାତୀୟ କ୍ରୀଡା ଦିବସ -୨୦୨୬ ପାଳନରେ କ୍ରୀଡ଼ା ଜଗତର ହକି ତାରକା ମେଜର ଧ୍ୟାନଚାନ୍ଦଙ୍କୁ ପୁଷ୍ପାର୍ଘ୍ୟ ଶ୍ରଦ୍ଧାଞ୍ଜଳି




ଖୋରଧା , ୨୯/୮ (ନି.ପ୍ର): ବିଶିଷ୍ଟ କ୍ରୀଡ଼ା ନାୟକ, କ୍ରୀଡ଼ା ଜଗତର ଉଜ୍ଜ୍ୱଳ ତାରକା ତଥା ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ ପାଳନ କରାଯାଉଥିବା ଆଜି ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜାତୀୟ କ୍ରୀଡା ଦିବସ ପାଳନରେ ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଡେପୁଟୀ କଲେକ୍ଟର ଶ୍ରୀ ଆର୍ତ୍ତ ତ୍ରାଣ ମଲ୍ଲିକ, ଡେପୁଟି କଲେକ୍ଟର ସୁଶ୍ରୀ ଅନନ୍ୟା ସୃଷ୍ଟି ଶତପଥୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ମଞ୍ଚାସିନ ଥିଲେ । ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା କହିଲେ ଯେ ସ୍ୱର୍ଗତ ଧ୍ୟାନଚାନ୍ଦ ସୈନ୍ୟ ବାହିନୀରେ ଚାକିରି କରି ଥିଲେ ମଧ ରାତିରେ ଚନ୍ଦ୍ର ଆଲୋକରେ ନିଜର ହକି କ୍ରୀଡ଼ା ଅଭ୍ୟାସ କରି ଜଣେ ଉଦୀୟମାନ ହକି ଖେଳାଳି ଯାହା ତାଙ୍କୁ ଧ୍ୟାନ ସିଂ ରୁ ଧ୍ୟାନଚାନ୍ଦ ନାମ ପରିବର୍ତ୍ତନ ଓ ହକି ଯାଦୁଗର ରେ ସମ୍ମାନିତ କରିଥିଲା । ଆଜି ଭାରତର ଜାତୀୟ କ୍ରୀଡା ହକି ଥିବା ବେଳେ ସମସ୍ତେ ଧ୍ୟାନଚାନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜ ଶରୀର ସୁସ୍ଥ ଓ ନିରାମୟ ରଖିବା ପାଇଁ କ୍ରୀଡ଼ା ଅଭ୍ୟାସ କରି ଅନ୍ୟକୁ ପ୍ରେରଣା ଦେବାକୁ ଶ୍ରୀ ବେଉରା ଆହ୍ୱାନ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସଫଳ କ୍ରୀଡ଼ା ବିତ୍ ବ୍ୟକ୍ତିତ୍ୱର ଆଲୋକ ପାତ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଦିବସ ପାଳନ ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡେପୁଟି କଲେକ୍ଟର ଆର୍ତ୍ତ ତ୍ରାଣ ମଲ୍ଲିକ କ୍ରୀଡ଼ା ମୂଲ୍ୟବୋଧର ଶପଥ ପାଠ କରାଇଥିଲେ ଏବଂ ଡେପୁଟି କଲେକ୍ଟର ସୁଶ୍ରୀ ଅନନ୍ୟା ସୃଷ୍ଟି ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ୍, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁ, ନିଜାରତ ଅଧିକାରୀ ରିଶବ ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ,ଡି ଇ ଜି ଏମ ମାନସ କୁମାର ବ୍ରହ୍ମା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ ।

# ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ବି ଦେବେ ଇଂଟରନାଲ ପରୀକ୍ଷା

ଭୁବନେଶ୍ୱର, ୨୯/୮ (ନି.ପ୍ର): ଏଣିକି ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ବି ଦେବେ ଇଂଟରନାଲ ପରୀକ୍ଷା। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଏହି ନିଷ୍ପତି ନେଇଛି। ସିଏଚଏସଇର ନିଷ୍ପତି ଅନୁଯାୟୀ ଥରେ ଇଂଟରନାଲ ପରୀକ୍ଷା ଦେଲେ ୩ ବର୍ଷ ପାଇଁ ରଖିଥିବା ମାର୍କ ବୈଧ ରହିବ। ୩ ବର୍ଷ ଭିତରେ କୃତକାର୍ଯ୍ୟ ନହେଲେ ପୁଣି ଥରେ ଇଂଟରନାଲ ପରୀକ୍ଷା ଦେବେ। ସିଏଚଏସଇ ସିଲାବସ କମିଟି ମିଟିଂରେ ନୂଆ ନିୟମକୁ ଅନୁମୋଦନ ମିଳିଛି। ନୂଆ ନିୟମ ୨୦୨୭ରୁ ଲାଗୁ ହେବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଶା ପୁଲିସକୁ ମୁଖ୍ୟମନ୍ତ୍ରୀଙ୍କ ୧୦...

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ୧୦ସୂତ୍ରୀୟ ମାର୍ଗଦର୍ଶନ ଦେବା ସହ ରାଜ୍ୟରେ ପୁଲିସ ସଂସ୍କାର ପାଇଁ ଆବଶ୍ୟକ ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟକୁ ୨୦୨୯ ମସିହା ସୁଦ୍ଧା ନିଶାମୁକ୍ତ କରିବା ଲକ୍ଷ୍ୟରେ କେବଳ ଗିରଫ କିମ୍ବା ଜବତରେ ସୀମିତ ନରହି ନିଶା କାରବାରର 'ସିଣ୍ଡିକେଟ'କୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ କହିଛନ୍ତି। ମହିଳା ବିରୋଧୀ ହିଂସାରେ ଘଉଜଇ ତଥ୍ୟ ଅନୁସାରେ ଦଣ୍ଡବିଧାନ ହାର ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିବାବେଳେ ଏହାକୁ ଅତି କମରେ ୭୫ ପ୍ରତିଶତକୁ ନେବା ପାଇଁ ତଦନ୍ତ ପ୍ରକ୍ରିୟାକୁ ଅଧିକ ପ୍ରଫେସନାଲ ଓ ଟେକ୍ନୋଲୋଜି ଆଧାରିତ କରିବାକୁ କହିଛନ୍ତି। ଥାନାଗୁଡ଼ିକର ଆଧୁନିକୀକରଣ ନିମନ୍ତେ ୫୦ କୋଟି ଟଙ୍କାର ସ୍ୱତନ୍ତ୍ର ଇନଭେଷ୍ଟିଗେସନ ପାଣ୍ଠି ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି। ରାଜ୍ୟର ୫୭୫ କିମି ଦୀର୍ଘ ସମୁଦ୍ର ଉପକୂଳର ସୁରକ୍ଷା ଓ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ଭୁବନେଶ୍ୱରସ୍ଥିତ 'କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର', ୧୦ଟି ଡ୍ରୋନ୍, ୫ଟି ଟ୍ରଲର, ୧୦ଟି ଆଧୁନିକ ଇଣ୍ଟରସେପ୍ଟର ବୋଟ୍, ଅଲ୍ ଟେରେନ୍ ଭେଇକିଲ୍ , ଏସପିଓ ଓ ପୂର୍ବତନ ସେନାକର୍ମୀଙ୍କୁ ନିୟୋଜିତ କରାଯାଇଛି।

## ନବୀନଙ୍କ ଚିଠିର ଜବାବ ଦେଲେ ...

ଫଳରେ ଓଡ଼ିଶାର ବାର୍ଷିକ ଖଣି ରାଜସ୍ୱ ମାତ୍ର ୫,୦୦୦ କୋଟି ଟଙ୍କାରେ ସୀମିତ ଥିଲା। ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଐତିହାସିକ ଏମଏମଡିଆର ସଂଶୋଧନ ଦ୍ୱାରା ସ୍ୱଚ୍ଛ ଇ-ନିଲାମ ଏବଂ ରୟାଲଟି ୧୦% ରୁ ୧୫% କୁ ବୃଦ୍ଧି କରାଯାଇଥିଲା। ଫଳରେ ରାଜ୍ୟର ବାର୍ଷିକ ଖଣି ରାଜସ୍ୱ ଦଶଗୁଣ ବୃଦ୍ଧି ପାଇ ପ୍ରାୟ ୫୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି । ଖଣିଜ ଜମି ଉପରେ ଅନିୟନ୍ତ୍ରିତ ଓ ମନମୁଖୀ ଶୁଳ୍କ ଲଗାଇବା ଦ୍ୱାରା କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଏବଂ ଯାଜପୁର ଭଳି ଶିଳ୍ପାଞ୍ଚଳରେ ଖଣି ଓ ଶିଳ୍ପ ବନ୍ଦ ହେବାର ଆଶଙ୍କା ଥିଲା, ଯାହା ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କ ଜୀବିକା ପ୍ରତି ବିପଦ ସୃଷ୍ଟି କରିଥା'ନ୍ତା। ଏହାସହ ଇସ୍ପାତ, ସିମେଣ୍ଟ, ବିଦ୍ୟୁତ୍ ଓ କୋଇଲା କଞ୍ଚାମାଲ ଖର୍ଚ୍ଚ ବୃଦ୍ଧି ପାଇ ରାଜ୍ୟର ସାଧାରଣ ମଧ୍ୟବିତ୍ତ ପରିବାର ଉପରେ ବୋଝ ହୋଇଥା'ନ୍ତା। ଧାରା ୯ଡି ଏହି ଅନିୟନ୍ତ୍ରିତ କରକୁ ରୋକିବା ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରିଛି ବା ଏଭଳି ବିପଦର ଆଶଙ୍କା ଦୂରେଇ ଯାଇଛି । କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

## ଆରକ୍ଷଣକୁ ନେଇ ଏନଡିଏରେ...

କୁମାର ସୁମନ ଆରକ୍ଷଣକୁ ନେଇ କହିଥିଲେ ଯେ ଏହାର ସମୀକ୍ଷା ହେବା ଉଚିତ। କିନ୍ତୁ ଆରକ୍ଷଣକୁ ସମ୍ପୂର୍ଣ୍ଣ ଶେଷ କରାଯିବା ଉଚିତ ନୁହେଁ। ଆରକ୍ଷଣର ଲାଭ ଯେଉଁମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକ, ସେମାନଙ୍କ ପାଖରେ ପହଞ୍ଚିବା ଉଚିତ। ଅନୁସୂଚିତ ଜାତି ଓ ଜନଜାତି ଆରକ୍ଷଣରେ ଉପ-ବର୍ଗୀକରଣକୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ମଧ ସୁମନ ସମର୍ଥନ କରିଥିଲେ। ସେ କହିଥିଲେ, ଦଳିତ ସମାଜର କିଛି ଜାତି ଦୀର୍ଘଦିନ ଧରି ଆରକ୍ଷଣର ଅଧିକ ଲାଭ ପାଇଆସୁଛନ୍ତି, ଯେତେବେଳେ କି ଅନେକ ଜାତି ଏବେ ବି ପଛୁଆ ରହିଛନ୍ତି। ତେଣୁ ଆରକ୍ଷଣ ମଧରେ ଆବଶ୍ୟକତା ଥିବା ଏବଂ ଅଧିକ ପଛୁଆ ଜାତିଙ୍କ ପାଇଁ ଅଲଗା ଅଂଶ ନିର୍ଦ୍ଧାରଣ କରିବା ନେଇ ବିଚାର କରାଯିବା ଉଚିତ। ସେ କହିଥିଲେ, ୭୯ ବର୍ଷର ସ୍ୱାଧୀନତା ପରେ ଆରକ୍ଷଣର ଲାଭ କେଉଁ ବର୍ଗକୁ କେତେ ମିଳିଛି ଏବଂ ସମାଜର ସବୁଠାରୁ ତଳସ୍ତରରେ ଥିବା କେଉଁମାନେ ଏବେ ବି ଏଥିରୁ ବଞ୍ଚିତ ଅଛନ୍ତି, ଏହି ପ୍ରଶ୍ନ ପଚାରିବା କିପରି ଭୁଲ ହୋଇପାରେ ? ଲୋକ ଜନଶକ୍ତି ପାର୍ଟି (ରାମବିଳାସ)ର ରାଷ୍ଟ୍ରୀୟ ଅଧକ୍ଷ ଚିରାଗ ପାସୱାନ କହିଛନ୍ତି ଯେ, ଯେଉଁମାନେ ଆରକ୍ଷଣର ଆକଳନ କଥା କହୁଛନ୍ତି, ସେମାନେ ପ୍ରକୃତ ଅର୍ଥରେ ଆରକ୍ଷଣ, ବିଶେଷକରି ଅନୁସୂଚିତ ଜାତି-ଜନଜାତି ବର୍ଗକୁ ମିଳୁଥିବା ଆରକ୍ଷଣକୁ ବୁଝିପାରୁନାହାନ୍ତି। ଚିରାଗ କହିଛନ୍ତି, "ଯେଉଁମାନେ ଆରକ୍ଷଣର ଆକଳନ କଥା କହୁଛନ୍ତି, ସେମାନେ ପ୍ରକୃତ ଅର୍ଥରେ ଆରକ୍ଷଣ, ବିଶେଷକରି ଅନୁସୂଚିତ ଜାତି-ଜନଜାତି ବର୍ଗକୁ ମିଳୁଥିବା ଆରକ୍ଷଣକୁ ବୁଝିପାରୁନାହାନ୍ତି। ଆରକ୍ଷଣର ଆକଳନ କରିବାର ଅର୍ଥ ହେଉଛି ଲୋକଙ୍କୁ ବ୍ୟବସ୍ଥାରୁ ବାହାର କରିଦେବା ଏବଂ ଏହାର ପରିସରକୁ କମାଇବା।

## ସୁପ୍ରିମକୋର୍ଟରେ ଇଥାନଲ୍ ମିଶ୍ରଣ....

ପ୍ରସ୍ତୁତ କରନ୍ତୁ ଯେଉଁଥିରେ ଗାଡ଼ି ନିର୍ମାତା, ମଡେଲ, ଇଞ୍ଜିନର ପ୍ରକାର ଏବଂ ନିର୍ମାଣ ବର୍ଷ ଅନୁସାରେ ଗାଡ଼ି ଖୋଜିବା ସହଜ ହେବ। ଇ୨୦ ପେଟ୍ରୋଲର ପ୍ରଭାବ ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ଆବେଦନ କରାଯାଇଛି। ଏହି କମିଟିରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ପ୍ରତିନିଧି, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର ପ୍ରତିନିଧି, ଭାରତୀୟ ମାନକ ବ୍ୟୁରୋର ପ୍ରତିନିଧି ଏବଂ ସ୍ୱତନ୍ତ୍ର ଅଟୋମୋବାଇଲ ଇଞ୍ଜିନିୟର୍ସ ରହିବା ଆବଶ୍ୟକ। ଏମାନେ ବିଭିନ୍ନ ଦିଗର ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ।

## ଅଶୁଭ ଶନିବାର : ଦିନକରେ...

ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ମୃତଦେହ ଉଦ୍ଧାର କରାଯିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଘଟଣାର ତଦନ୍ତ ଚାଲିଛି । ସମ୍ବଲପୁର ବୁର୍ଲା ଥାନା ଅଞ୍ଚଳର କିର୍ବା ଛକରେ ଘଟିଛି ଗୁଳିକାଣ୍ଡ । ମାଂସ ବ୍ୟବସାୟୀ ଅନିଶ କୁରେସୀଙ୍କୁ ଗୁଳିମାଡ଼ କରାଯାଇଥିବାବେଳେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି । ବ୍ୟକ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି । ଅନିଶଙ୍କ ମାଂସ ଦୋକାନରେ କାମ କରୁଥିବା ରାଜା ସ୍ୱାମୀ ଏହି ଗୁଳିକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି । ଘଟଣାଟି ସିସିଟିଭିରେ କଏଦ ହୋଇଥିବାବେଳେ ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି । କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ହଳଦିଆ ଗାଁରୁ ଆସିଛି ଆଉ ଏକ ଚାଞ୍ଚଲ୍ୟକର ଘଟଣା । ଘର ଆଗରୁ ୩୨ ବର୍ଷୀୟ ଚନ୍ଦନ ଦାସଙ୍କ ମୃତଦେହ ଉଦ୍ଧାର ହୋଇଛି । ଚନ୍ଦନଙ୍କ ହାତଗୋଡ଼ ବନ୍ଧା ଅବସ୍ଥାରେ ମୃତଦେହ ମିଳିଥିବାବେଳେ ଦୁର୍ବୃତ୍ତମାନେ ହତ୍ୟା ପରେ ତାଙ୍କୁ ଟାଙ୍ଗି ଦେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ପରିବାର ଅଭିଯୋଗ କରିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ହତ୍ୟାର ପ୍ରକୃତ କାରଣ ଓ ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିବା ପାଇଁ ତଦନ୍ତ ଜାରି ରହିଛି ।

ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ, ଜଳେଶ୍ୱର

Office of the Jaleswar Municipality, Jaleswar
Dist.: Balasore, Odisha - 756032
Ph: (06781) 222407 E-mail: jaleswarmunicipality@gmail.com

QUOTATION CALL NOTICE

No 4242 Date : 25.08.2026

Sealed quotations are invited in double cover (Form A:Technical Bid, Form B:Financial Bid) from reputed Registered Transport Agency / Private Agency & Individual for "Providing 11 (eleven) Nos. Battery operated three wheeler garbage Vehicle (BOV) and 01 (one) no LCV including Driver and loader for collection of dry waste & wet waste separately in special Bins from door to door of 17 Nos. of wards of on monthly rent basis. Tender paper can be obtained from Cashier / Sanitation Section in payment of Rs-2000.00 (two thousand) only (non-refundable).Bidder should be submitted EMD of Rs.5000/-(Rupees Five Thousand only) (Refundable) in shape of BD/BC in favor of the Executive Officer, Jaleshwar Municipality .All quotations will be received in specific Quotation Box kept in the office of the undersigned from date- 25.08.2026 at 11:00 AM up to date- 07.09.2026 at 02.00 PM and will be opened on date- 08.09.2026 at 11.00 AM in presence of quotationer or their representatives in the Chamber of Executive Officer, Jaleshwar Municipality.

1. The service provider shall have a valid OGST registration to participate in the tendering.
2. The vehicle should be brand new.
3. A sum of Rs. 10,000/- shall be deposited by the tending bidders in shape of account payee Bank draft drawn in favour of the Executive officer Jaleshwar Municipality and submitted along with the tender as security deposit . After completion of tender process, the amount will be refunded to unsuccessful bidders.
4. The monthly rate of hire charge be quoted separately in the general bid information.
5. The quotationer should quote their rate of price both in figure and words.
6. The quotation completed in all respect should reach the undersigned on or before 07.09.2026 at 02.00 PM and shall be opened on date- 08.09.2026 at 11.00 AM, in presence of the bidders or their authorized representatives.
7. The financial bid will be opened only for technical bid qualifier.
8. Supply/work order will be given to the successful bidder with an agreement of undersigned. 9. The successful bidder must be provided the 11 nos of BOVS and 01 No LCV within 15 days after getting supply/Work order. Otherwise the agreement and the supply / work order will be cancelled with that agency and new supply order will be given to L2 bidder.
10. The authority shall have the right to accept or reject all the quotations without assigning any reason thereof.

OIPR: 13001/13126/1/26-27/0005

**Executive officer**
**Jaleswar Municipality**

# ମେଘାସନ ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

ଉଦଳା, ୨୯/୮ (ନି.ପ୍ର): ନୁଦଡ଼ି ହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଆଜି ଅଗଷ୍ଟ ୨୯ ତାରିଖ ଶନିବାର ଦିନ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସଟିକୁ ଭାରତ ସରକାର କିପରି ଜାତୀୟ କ୍ରୀଡ଼ା ଦିବସ ରୁପେ ଘୋଷଣା କରିଛନ୍ତି ଅବଗତ କରାଇଥିଲେ । ପରେ ମଂଚାସୀନ ସମସ୍ତ ଅତିଥି ଓ ଛାତ୍ର ଛାତ୍ରୀ ମାନେ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଅବଦାନକୁ ମନେପକାଇଥିଲେ । ଏହାପରେ ପ୍ରାଧ୍ୟାପକ ନିରଂଜନ ପାଠୀ , ଆମଦେଶ ସମଗ୍ର ପୃଥିବୀରେ ଯେଉଁ ସମୟରେ ଖେଳାଖେଳିରେ ଏକ ପଛୁଆ ଦେଶ ଭାବରେ ପରିଗଣିତ ହେଉଥିଲା ସେ ସମୟରେ ମେଜର ଧ୍ୟାନଚାନ୍ଦ ହକି ଖେଳରେ ଅଲମ୍ପିକରେ ବିଜୟି ହେବା ସହ ଦେଶ ପାଇଁ କିପରି ଗୌରବ ଆଣିଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପ୍ରାଧ୍ୟାପକ ବୃନ୍ଦାବନ ମହାନ୍ତି, ଧ୍ୟାନଚାନ୍ଦ ହକି ଖେଳରେ ପ୍ରଦର୍ଶନ କରୁଥିବା ଯାଦୁ କିପରି ପୃଥିବୀର ସମସ୍ତ ଦେଶର ଲୋକଙ୍କୁ ଆଶ୍ଚର୍ଯ୍ୟ କରିପକାଉଥିଲା ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ସରୋଜ କୁମାର ମହାନ୍ତି ଓ ପ୍ରାଧ୍ୟାପିକା ଡ଼କ୍ଟର ଶୁଭଦର୍ଶନି ମହାନ୍ତି ଧ୍ୟାନଚାନ୍ଦଙ୍କ ପାଇଁ ଆମଦେଶ ପୃଥିବୀରେ କିପରି ଏକ ସ୍ୱତନ୍ତ୍ର ପରିଚୟ ପାଇପାରିଛି ଯେଉଁଥିପାଇଁକି ଆମେ ନିଜକୁ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ଲାପ୍ଟନାଂଟ ଅରୁଣ କୁମାର ଜେନା ଖେଳାଖେଳିରେ କିପରି ନିଜର କ୍ୟାରିଅର ଗଠନ କରାଯାଇପାରିବ ବ୍ୟକ୍ତ କରିବା ସହ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଶେଷରେ ମହାବିଦ୍ୟାଳୟରେ ଥିବା ମହିଳା ଭଲିବଲ ଖେଳାଳି ମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଖେଳ ଅନୁଷ୍ଠିତ ହେବା ସହ ଆଜିର ଦିବସର ଯବନିକା ପଡ଼ିଥିଲା ।

# ଖାଦ୍ୟନିରାପତ୍ତା ବିଭାଗ ପକ୍ଷରୁ ନୀଳଗିରିରେ ଚଢାଉ

## ପୋଡାଶୂଳରେ ଚଢାଉ ପୂର୍ବରୁ ଦୋକାନରେ ତାଲା ପକାଇଲେ ଦୋକାନୀ



ନୀଳଗିରି, ୨୯/୮ (ନି.ପ୍ର): ଖାଦ୍ୟନିରାପତ୍ତା ବିଭାଗ ପକ୍ଷରୁ ନୀଳଗିରିରେ ବିଭିନ୍ନ ହୋଟେଲ ଓ ମିଠା ଦୋକାନରେ ଚଢାଉ କରାଯାଇଛି ।'ନମସ୍ତେ ନୀଳଗିରି' ନାମକ ହୋଟେଲରେ ପ୍ରଥମେ ଚଢାଉ କରାଯାଇ ଅସ୍ୱଚ୍ଛକର ପରିସ୍ଥିତିରେ ଖାଦ୍ୟ ପ୍ରସ୍ତୁତ କରାଯାଉଥିବାରୁ ଫାଇନ କରାଯାଇଥିଲା। ଅପମିଶ୍ରିତ ଖାଦ୍ୟକୁ ନେଇ ରାଜ୍ୟରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଜିଲ୍ଲା ଖାଦ୍ୟ ନିରପତ୍ତା ବିଭାଗ ପକ୍ଷରୁ ନୀଳଗିରିରେ ଚଢାଉ କରାଯାଇଥିଲା। ହୋଟେଲ ଗୁଡିକରେ ଖାଦ୍ୟର ମାନ ଓ ବ୍ୟବହୃତ ହେଉଥିବା ସାମଗ୍ରୀକୁ ଯାଞ୍ଚ କରାଯିବା ସହ ମିଛା ଦୋକାନ ଗୁଡିକରେ ମଧ ଯାଞ୍ଚ କରାଯାଇଥିଲା। ମୋଟ ନୀଳଗିରିରେ ୫ ହଜାର ୫୦୦ ଟଙ୍କା ଫାଇନ ଆଦାୟ କରାଯାଇଥିବା ବେଳେ ପୋଡାଶୋଳ ଛକରେ ଚଢାଉ ପୂର୍ବରୁ ସମସ୍ତ ଦୋକାନୀ ଦୋକାନରେ ତାଲା ମାରି ପଳାଇଯାଇଥିବା ଦେଖିବାକୁ ମିଳିଥିଲା। ନୀଳଗିରିର କିଛି ହୋଟେଲରୁ ଲ୍ୟାବ ଟେଷ୍ଟ ନିମନ୍ତେ କିଛି ସାମ୍ପୁଲ ମଧ ନିଆଯାଇଛି। ଏହି ଚଢାଉରେ ଖାଦ୍ୟ ନିରାପତ୍ତା ବିଭାଗର ସୁପରଭାଇଜର ଗଦାଧର ବେହେରା, ଖାଦ୍ୟ ନିରାପତ୍ତା ଅଧିକାରୀ ଅନୁଶ୍ରୀ ଖଟୁଆ ଓ ନିତ୍ୟାନନ୍ଦ ପତୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସରସ୍ୱତୀ ବେଦପାଠଶାଳାରେ ଶ୍ରାବଣୀ ଉପାକର୍ମ ଓ ବାର୍ଷିକୋତ୍ସବ

ଭଦ୍ରକ , ୨୯/୮ (ନି.ପ୍ର): ସରସ୍ୱତୀ ବୈଦିକ ବିଦ୍ୟାପୀଠରେ ଶ୍ରାବଣୀ ପୂର୍ଣ୍ଣିମା ଉପାକର୍ମ ଓ ଦୀକ୍ଷାନ୍ତ କାର୍ଯ୍ୟକ୍ରମ ଡ଼. ସଦାନନ୍ଦ ଦୀକ୍ଷିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ସରସ୍ୱତୀ ବିଦ୍ୟା ବିହାରର ଶହ ଶହ ଛାତ୍ରଛାତ୍ରୀ ସ୍ୱାଗତ କରିବା ପରେ ମାନ୍ୟବର ବିଧାୟକ ଶ୍ରୀ ସିତାଂଶୁ ଶେଖର ମହାପାତ୍ର ଋତ୍ୱିକ୍ ଭାବରେ ଯୋଗଦେଇ ବେଦବଟୁମାନଙ୍କୁ ବୈଦିକ ସଂକଳ୍ପ କରାଇବା ପରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ଭଦ୍ରକ ଜିଲ୍ଲା ସଭାପତି ଆଚାର୍ଯ୍ୟ



ଚିନ୍ମୟାନନ୍ଦ, ବରିଷ୍ଠ ପଣ୍ଡିତଗଣ ଶ୍ରୀ କୃଷ୍ଣ ଚନ୍ଦ୍ର ପତ୍ରୀ, ଶ୍ରୀ ବୁଦ୍ଧିରାମ ପାଣିଗ୍ରାହୀ, ଶ୍ରୀ ବ୍ରହ୍ମାନନ୍ଦ ଦୀକ୍ଷିତ, ନରହରି ଦାଶ, ବିନୋଦ ଦାଶ, ରମାକାନ୍ତ ଶତପଥୀ, ରାମଚନ୍ଦ୍ର ପଣ୍ଡା, ପୀତାମ୍ବର ପତି, ଶ୍ୟାମ ସୁନ୍ଦର ପଣ୍ଡା ପ୍ରମୁଖ ବେଦବଟୁକମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟାତିଥି ଭାବେ ଲବ୍ଧାବସର ମୁଖ୍ୟଯନ୍ତ୍ରୀ ଇଂ ସୁବ୍ରତ କୁମାର ଦାଶ, ଡ଼. ଭାଗବତ ତ୍ରିପାଠୀ, ଯୋଗାଚାର୍ଯ୍ୟ ରାଜେନ୍ଦ୍ର ପାଢ଼ୀ, ରାଜେନ୍ଦ୍ର ପଣ୍ଡା, ମନୋଜ ପଣ୍ଡା, ଆଚାର୍ଯ୍ୟା ଅନ୍ନପୂର୍ଣ୍ଣ ଦେବୀ ପ୍ରମୁଖ ଯୋଗଦେଇ ବେଦପାଠଶାଳାର ଉନ୍ନତି କାମନା କରିଥିଲେ । ପ୍ରାରମ୍ଭରେ ବେଦାଚାର୍ଯ୍ୟ ସଂଜୟ କୁମାର ପାଣିଗ୍ରାହୀ, ପଣ୍ଡିତ ଦୀପକ ପାଢ଼ୀ ଓ ପଣ୍ଡିତ ପ୍ରଭଞ୍ଜନ ପତିଙ୍କ ଦ୍ୱାରା ବୈଦିକ ଯଜ୍ଞର ଆୟୋଜନ କରାଯାଇଥିଲା । ବେଦବଟୁକମାନେ ଶ୍ରୌତ୍ରୀୟ ବିଧିରେ ସଂସ୍କାରିତ ହେବା ପରେ ଉପବୀତ ଧାରଣ କରିଥିଲେ ଏବଂ ବେଦପାଠର ଶୁଭାରମ୍ଭ କରାଯାଇଥିଲା । ବିଧାୟକ ଶ୍ରୀ ମହାପାତ୍ର ସରସ୍ୱତୀ ବିହାର ବେଦପାଠଶାଳା, ପୋଥି ସଂରକ୍ଷଣ କେନ୍ଦ୍ର, ଗ୍ରନ୍ଥାଗାର ଓ ସରସ୍ୱତୀ ବିଦ୍ୟା ବିହାର ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଆବଶ୍ୟକ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ସଭାପତି ଶ୍ରୀ ଯୁଧିଷ୍ଠିର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ କ୍ରୀଡ଼ା ଦିବସରେ ସମସ୍ତ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୮ (ନି.ପ୍ର): ଜାତୀୟ କ୍ରୀଡ଼ା ଦିବସରେ ସମସ୍ତ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶାର ମାଟିରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ପ୍ରତିଭାର ପରିଚୟ ଦେଉଥିବା ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ କ୍ରୀଡ଼ା ଦିବସ ଅବସରରେ ଦେଶର ସମସ୍ତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଓଡ଼ିଶାର ମାଟିରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ପ୍ରତିଭାର ପରିଚୟ ଦେଉଥିବା ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଯୁବପିଢ଼ିଙ୍କ ମଧ୍ୟରେ ଥିବା ଅପାର କ୍ରୀଡ଼ା ପ୍ରତିଭାକୁ ଉଚିତ୍ ସୁଯୋଗ, ଉନ୍ନତ ପ୍ରଶିକ୍ଷଣ ଓ ଆବଶ୍ୟକ ସହାୟତା ପ୍ରଦାନ କରି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ମଂଚରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ପ୍ରସ୍ତୁତ କରିବା ଦିଗରେ ଆମ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ।

# ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାଶଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପାଳିତ

ବାଲିଆପାଳ , ୨୯/୮ (ନି.ପ୍ର): ନୀଳଗିରି ଗଡ଼ଜାତ ଆନ୍ଦୋଳନ ର ମୁଖ୍ୟ ପୁରୋଧା ବନମାଳୀ ଦାସ ଙ୍କ ୧୦୮ତମ ଜୟନ୍ତୀ ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ପରିସର ରେ ପାଳିତ ହୋଇଯାଇଛି । ଉକ୍ତ ସଭାରେ ବନମାଳୀ ଦାଶ ସ୍ମୃତି କମିଟିର ଅଧକ୍ଷ ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ସଭାପତିତ୍ୱ କରିଥିଲେ । ସ୍ମୃତି କମିଟି ର ଆବାହକ ବିଜୟ କୁମାର ପାତ୍ର ମଞ୍ଚ ଆହ୍ୱାନ କରିବା ସହିତ ବନମାଳୀ ଦାଶଙ୍କ ନୀଳଗିରି ପ୍ରତି ଅବଦାନ ସମ୍ପର୍କ ରେ ଆଲୋଚନା କରିଥିଲେ । ବନମାଳୀ ଦାଶ ଙ୍କ ପାଇଁ ଆମ୍ଭେ ଗର୍ବିତ। ଆସନ୍ତା ଜନ୍ମ ଜୟନ୍ତୀ ରେ ନୀଳଗିରି ରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଉକ୍ତ ସଭା ମଞ୍ଚ ରେ ଘୋଷଣା କରାଯାଇଛି । ଭାରତର କମ୍ୟୁନିଷ୍ଟ ପାର୍ଟୀ ମାର୍କ୍ସବାଦୀର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ , ପ୍ରଜା ଆନ୍ଦୋଳନ ସହିତ ବର୍ତ୍ତମାନ ର ରାଜନୀତି ଉପରେ ଆଲୋଚନା କରିଥିଲେ । ବର୍ତ୍ତମାନ



କେନ୍ଦ୍ରର ବିଜେପି ସରକାର କୃଷକ, ଶ୍ରମିକ, ଯୁବକ ମାନଙ୍କ ଉପରେ ଆକ୍ରମଣ କରୁଛି। ଦରଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି ।ରାଷ୍ଟ୍ରୀୟ ସମ୍ପତ୍ତି ଗୁଡିକ କର୍ପୋରେଟ ହାତକୁ ଟେକି ଦିଆଯାଇଅଛି । ଆଗାମୀ ଦିନରେ ଯଦି ଡବଲ ଇଞ୍ଜିନ ସରକାରକୁ ବଦଳ ନ କରାଯାଇ ଛି ଦେଶ ପରାଧୀନ ଆଡ଼କୁ ଯିବ ଏଥିରେ ସଂଦେହ ନାହିଁ।ଏହା ବିରୁଦ୍ଧରେ ଦୃଢ ପ୍ରତିବାଦ ହେବାର ଆବଶ୍ୟକତା ରହିଛି। ଉକ୍ତ ସଭାରେ ଜିଲ୍ଲା କମିଟି ସମ୍ପାଦକ ଶିଶିର ହୁଇ,ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ,ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ,ବରିଷ୍ଠ ନେତା ଯୋଗନନ୍ଦ ଦାସ ଡବଲ ଇଞ୍ଜିନି ସରକାର ବିରୁଦ୍ଧରେ ଆଲୋଚନା କରିଥିଲେ । ଶେଷରେ ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବନମାଳୀ ଦାସ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀଳଗିରି ରକ୍ତ କେନ୍ଦ୍ରରେ ଉପଖଣ୍ଡ ରକ୍ତଦାତା ସଂଘ ନୀଳଗିରି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିର କୁ ଭାରତର କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥୀ ସନ୍ତୋଷ ଦାସ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ବାର ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଥିବା ଜଣାଯାଇଛି ।ଉକ୍ତ କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଭାଗବାନ ମହାନ୍ତି,ରବି ରାଉତ,ଅମରେନ୍ଦ୍ର ନାୟକ, ମନୋରଞ୍ଜନ ପତ୍ର, ଲକ୍ଷ୍ମୀଧର ସାହୁ, ହାଡ଼ିବନ୍ଧୁ ସିଂ, ମୃତ୍ୟୁଞ୍ଜୟ ନାୟକ, ହେମେନ୍ଦ୍ର ସେଠୀ, କାଳିଆ ପାତ୍ର, ପ୍ରଦୀପ ମିଶ୍ର,ଷ୍ଟାଲିନ୍ ମିଶ୍ର, ଉମାକାନ୍ତ ଷଡଙ୍ଗୀ, ଗଜେନ୍ଦ୍ର ସିଂ,ଙ୍କ ସମେତ ବହୁ ସାଥୀ ସହଯୋଗ କରିଥିଲେ।

# ପାଣି ଘେରରେ ରହିଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କଲେ ରେମୁଣା ବିଧାୟକ



ବାଲେଶ୍ୱର, ୨୯/୮ (ନି.ପ୍ର): ଲଗାତାର ବର୍ଷା ଯୋଗୁଁ ବିଗତ ଦିନରେ ବାଲେଶ୍ୱରରେ ଉପୁଜିଥିବା ବନ୍ୟା ପରିସ୍ଥିତିରେ ରେମୁଣା ନିର୍ବାଚନ ମଣ୍ଡଳୀର ବହୁ ଅଞ୍ଚଳ ପ୍ରଭାବିତ ହୋଇଥିଲା। ନଦୀର ଜଳସ୍ତର କ୍ରମେ ହ୍ରାସ ପାଇ ବନ୍ୟା ପରିସ୍ଥିତି କିଛି ପର୍ଯ୍ୟନ୍ତ ସୁଧାର ହୋଇଥିଲେ ମଧ, ଆଜିବି ଅନେକ ତଳିଆ ଅଞ୍ଚଳର ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଶନିବାର ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦହପଡ଼ା ପଞ୍ଚାୟତ ବିଭିନ୍ନ ସ୍ଥାନରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ପହଞ୍ଚି ପାଣି ଘେରରେ ଥିବା ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି ଅବସରରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ପଞ୍ଚାୟତ ସଭାପତି ପ୍ରଭାକର ନାୟକ, ମାନସ ରଞ୍ଜନ ରାଉତ, ସନ୍ତୋଷ କୁମାର ନାୟକ, ଏସ.କେ. ସଫିକ୍, ଦିପୁନ ଦାସ, ନୀଳାମ୍ବର ରାଉତ, ବାଙ୍ଗୁରୁ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।




# ନୀଳରକ୍ତ କଙ୍କଡ଼ା ସୁରକ୍ଷା ନିମନ୍ତେ ୧୦ମ ରକ୍ଷାବନ୍ଧନ ଉତ୍ସବ

## ଗ୍ରାମବାସୀଙ୍କୁ ମହିଳାମାନେ ବାନ୍ଧିଲେ ନୀଳରକ୍ତ କଙ୍କଡ଼ା ମୁଦ୍ରିତ ରାକ୍ଷୀ



ବସ୍ତା, ୨୯/୮ (ନି.ପ୍ର): ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଅବସରରେ ବାଲେଶ୍ୱର ସଦର ବ୍ଲକର ଦୁବଲାଗଡିରେ ନୀଳରକ୍ତ କଙ୍କଡ଼ା ମୁଦ୍ରିତ ରାକ୍ଷୀ ଗ୍ରାମବାସୀଙ୍କୁ ମହିଳାମାନେ ବାନ୍ଧି ନୀଳରକ୍ତ କଙ୍କଡ଼ାର ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥଲେ। ବାଲେଶ୍ୱରର ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ତଥା ଦୁବଲାଗଡିର ୟୁନାଇଟେଡ କ୍ଲବ୍ ର ମିଳିତ ଉଦ୍ୟମରେ ଦୁବଲାଗଡିର ୟୁନାଇଟେଡ କ୍ଲବ୍ ପରିସରରେ ୧୦ମ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି। ପୂର୍ବାହ୍ନରେ କ୍ଲବର ସଦସ୍ୟ ସଦସ୍ୟା ମାନେ ଦୁବଲାଗଡି ବେଳାଭୂମି ସଫେଇ କରଯାଇଥିବା ବେଳେ ଅପରାହ୍ନରେ ସଭାକାର୍ଯ୍ୟ ଆୟୋଜନ କରାଯାଇଥିଲା । ଏହି ସଭାକାର୍ଯ୍ୟରେ ୟୁନାଇଟେଡ କ୍ଲବ୍ ର ସଭାପତି ଗୋବିନ୍ଦ ପ୍ରସାଦ ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ସଭାପତି ଶିକ୍ଷୀ କେଶୁ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସମ୍ପାଦକ ଗବେଷକ ଡ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ନୀଳରକ୍ତ କଙ୍କଡ଼ାର ଜୀବନ ଶୈଳୀ ତଥା ଉପକାରିତା ଉପରେ ଆଲୋକପାତ କରି ଗ୍ରାମବାସୀ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ମୁଖ୍ୟ ଅତିଥି ଭାବେ ଯୁବ ବିକାଶର ମୁଖ୍ୟ ଗୋବିନ୍ଦ ଦଳାଇ , ସମ୍ମାନିତ ଅତିଥି ଭାବରେ କବି ଗଗନ ସେଠୀ ଏବଂ ଗ୍ରାମ୍ୟ ମୁଖ୍ୟ ନନ୍ଦଦୁଲାଲ ସାହୁ ଯୋଗଦେଇ ନୀଳରକ୍ତ ସୁରକ୍ଷା ପାଇଁ ସଚେତନ ବାର୍ତ୍ତା ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ନେପାଳର ଭୟଙ୍କର ବନ୍ୟା ଜନିତ ମୃତକଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ସିନିଙ୍ଗ'



ଉଦଳା , ୨୯/୮ (ନି.ପ୍ର): କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ଡୁଭିଆ ଗ୍ରାମରେ ବସବାସ କରୁଥିବା ବିଧବା ମା' 'ସିନିଙ୍ଗ ବାସ୍କେ' ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ସିନିଙ୍ଗ ଏଥିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କହିଛନ୍ତି । ଖବର ନେବାରୁ ଅତିତରେ ସିନିଙ୍ଗ ଲାବଣ୍ୟଦେଇପୁର ପଂଚାୟତ ଅନ୍ତର୍ଗତ କଟୁରିଆ ଗ୍ରାମରେ ରହୁଥିଲେ ଓ କାମ କରି ଚଳୁଥିଲେ। ପରେ ସେଠାରେ କିଛି କାମଧନ୍ଦା ନମିଳିବାରୁ ସେ ଆଜକୁ ୩ ବର୍ଷ ତଳୁ ପଦ୍ମପୋଖରୀ ପଂଚାୟତର ଡୁଭିଆ ଗ୍ରାମକୁ ପଳାଇ ଆସିଥିବାର ଜଣାଇଛନ୍ତି। ଡୁଭିଆ ଗ୍ରାମରେ ଚଳିବା ପାଇଁ କାମଧନ୍ଦା ମିଳିଯାଇଥିବାରୁ ସେ ଏଠାରେ ବର୍ତମାନ ରହୁଛନ୍ତି। ତାଙ୍କର ସ୍ୱାମୀ ବାଲାଏ ବାସ୍କେଙ୍କର ଦିର୍ଘଦିନ ତଳେ ଦେହାନ୍ତ ହୋଇଯାଇଥିବାର ସିନିଙ୍ଗ କହିଛନ୍ତି। ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହିତ ତୁରନ୍ତ ବିଧବା ମା' ସିନିଙ୍ଗଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତା ପ୍ରଦାନ କରିବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ବିଜେଡିର ବାଲେଶ୍ୱର ଟାଉନ କମିଟି ଘୋଷିତ: ବିଜେଡିକୁ ଅଧିକ ସଶକ୍ତ କରିବାକୁ ଆହ୍ୱାନ

ବାଲେଶ୍ୱର, ୨୯/୮ (ନି.ପ୍ର): ନିକଟରେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିର ବାଲେଶ୍ୱର ଟାଉନ କମିଟି ଘୋଷଣା କରିଛନ୍ତି । ଏଥିରେ ୪ ଜଣ ଉପସଭାପତି, ଜଣେ ସାଧାରଣ ସମ୍ପାଦକ, ୬ ଜଣ ସମ୍ପାଦକ ଏବଂ ଜଣଙ୍କୁ କୋଷାଧକ୍ଷ ଭାବେ ଦାୟିତ୍ୱ ମିଳିଛି । କମିଟିର ଉପସଭାପତି ଭାବେ ସଞ୍ଜୟ ବେହେରା, ସେକ ଅନସର ଅଲ୍ଲୀ, ଅତୁଲ ଶତପଥୀ, ରମେଶ ଚନ୍ଦ୍ର ମାଝୀ, ସାଧାରଣ ସମ୍ପାଦକ ଭାବେ ସୁବୋଧ ମହାନ୍ତି, ସମ୍ପାଦକ ଭାବେ ନଳିନୀ ରଞ୍ଜନ ଦାସ, ଅବଦୁଲ ସାକୀର ଖାନ, ଶଶୀରେଖା ମହାନ୍ତି, ସାକୀର ମହମ୍ମଦ, କବିତା ମୁର୍ମୁ, କାର୍ତ୍ତିକ ସାହୁ ଏବଂ କୋଷାଧକ୍ଷ ଭାବେ ରୀତିକ ଜୀ ପ୍ରମୁଖ ସ୍ଥାନ ପାଇଛନ୍ତି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳକୁ ଅଧିକ ସଶକ୍ତ କରିବା ନିମନ୍ତେ ଆହ୍ୱାନ ଜଣାଇଛନ୍ତି । ଏଥିସହ ବିଜେଡି ମୁଖିଆ ଶ୍ରୀ ପଟ୍ଟନାୟକ, ରାଜ୍ୟ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ସ୍ୱରୂପ କୁମାର ଦାସଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida